
ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 • ISSUE-95 • SUNDAY • 28 SEPTEMBER 2025 • PAGE-12 • ₹ 6.00 | SAMBALPUR | ବର୍ଷ-୪୩ • ସଂଖ୍ୟା-୯୫ • ରବିବାର • ୨୮ ସେପ୍ଟେମ୍ବର ୨୦୨୫ • ପୃଷ୍ଠା-୧୨ • ଟ.୬.୦୦ (ସିନ୍ଦୂରା ସହ)



# APTI PLUS
*Academy for Civil Services Pvt. Ltd.*

## Legacy Unstoppable.
## Congratulations to our toppers of
# OAS 2023

**280+ Selections**
4 selections in Top 10
12 selections in Top 20
76 selections in Top 100


Mirza Faiz Ahmed
Rank 4
IGP


Antim Swain
Rank 6
Mains Guidance Program


Shailesh Kumar Bhoi
Rank 7
Classroom Program


Md. Nazif Hatif
Rank 8
IGP


Swarupini Patnaik
Rank 12
IGP


Krishna Gopal Swain
Rank 13
IGP


Sneha Das Mohapatra
Rank 14
Mains Mentorship Program


Asutosh Satpathy
Rank 15
IGP


Deepsita Behera
Rank 16
Mains Guidance Program


Supriya Mishra
Rank 17
IGP


Aseema Anwesha
Rank 18
Mains Guidance Program


Mg Subarna Mohanty
Rank 19
IGP


CELEBRATION OF OAS 2023

**BEHIND EVERY RANK, THERE'S A TEAM.**
**To our Faculty, Content Team & Support Staff-**
Your hard work, passion, and commitment made this historic success possible.
This victory belongs as much to you as to our students!

Akash K. Pradhan – Rank 21 – IGP
Saumya R. Panda – Rank 22 – IGP
Barnali Acharya – Rank 23 – Prelims Guidance Program
Ashutosh Swain – Rank 24 – IGP
Tanisha Behera – Rank 26 – IGP
Prasannajit Panda – Rank 27 – IGP
Kalyani Sahoo – Rank 29 – IGP
Mrutyunjaya Raul – Rank 31 – IGP
Manisha Nayak – Rank 33 – IGP
Shaswatee Pattanaik – Rank 34 – IGP
Sourav Mittal – Rank 35 – IGP
Swetapadma Mohanty – Rank 36 – IGP
Sai Raman Patra – Rank 37 – IGP
Sonali Tripathy – Rank 39 – IGP
Jyotiprakash Samal – Rank 41 – IGP
Puspita Tripathy – Rank 42 – IGP
Srikumar Pradhan – Rank 44 – IGP

Swatideepa Rout – Rank 46 – IGP
Jyotirmayee Swain – Rank 49 – Classroom Program
Mihika Das – Rank 51 – IGP
Sidhant Mishra – Rank 53 – CLASSROOM
Ahalya Rautaray – Rank 54 – IGP
Sandeep K. Subhadarshi – Rank 55 – IGP
Biswajit Mohanty – Rank 57 – CLASSROOM
Bibhubrata Dash – Rank 58 – IGP
Saktisudha Dash – Rank 59 – IGP
Subhashree Jena – Rank 61 – IGP
Pratikshya Mahapatra – Rank 62 – MGP
Pratyush Satapathy – Rank 63 – IGP
Lopamudra Pradhan – Rank 64 – IGP
Lopamudra Pradhan – Rank 66 – IGP
Tarini Prasad Dash – Rank 66 – IGP
Deviprasanna Das – Rank 68 – IGP
Mohit Biswal – Rank 69 – IGP

Monalisha Rout – Rank 71 – IGP
Srinibas Sarangi – Rank 72 – MGP
Madhusmita Dash – Rank 73 – IGP
Saikrushna Samal – Rank 75 – IGP
Roshan Patel – Rank 77 – IGP
Subhashree Subhasmita – Rank 79 – CLASSROOM
Priyansha Panda – Rank 82 – IGP
Rojalin Jena – Rank 85 – IGP
Anshuman Sahu – Rank 86 – IGP
Kharavel Pradhan – Rank 88 – IGP
Monalisa Sahu – Rank 93 – IGP
Subhashree Ankita P. – Rank 101 – IGP
Pratyush K. Mohapatra – Rank 109 – IGP
Payoja Ojha – Rank 110 – IGP
Mohammad Asif Khan – Rank 117 – IGP
Baisakhi Dash – Rank 118 – IGP
Rn Goutam Debadutta – Rank 119 – IGP

Srinibash Dash – Rank 123 – IGP
Archana Sarangi – Rank 124 – MAINS GUIDANCE PROGRAM
Swastiranjan Sahoo – Rank 125 – IGP
Rupesh Kumar Rout – Rank 126 – IGP
Samikhya Mohapatra – Rank 127 – IGP
Pratik Rath – Rank 129 – IGP
Tanistha Nayak – Rank 133 – IGP
Dr. Sasmita Tripathy – Rank 134 – MAINS GUIDANCE PROGRAM
Sarita Nayak – Rank 135 – IGP
Shibam Swarup Mohanty – Rank 136 – PRELIMS GUIDANCE PROGRAM
Satyajit Raiguru – Rank 138 – IGP
Balaram Sahu – Rank 140 – IGP
Biswajit Behera – Rank 141 – IGP
Pratishruti Palai – Rank 142 – IGP
Puspanjali Sahoo – Rank 147 – IGP
Anil Kumar Sahu – Rank 150 – IGP
Sahil Kumar Patra – Rank 152 – IGP

Abhijit Jayaprakash Pradhan – Rank 153 – IGP
Soumya Ranjan Sahoo – Rank 154 – IGP
Samyak S. Mohapatra – Rank 156 – MAINS GUIDANCE PROGRAM
Pooja Samal – Rank 157 – IGP
Nirakar Sahu – Rank 158 – IGP
Abhisek Pani – Rank 159 – CLASSROOM PROGRAM
Chinmay K. Panda – Rank 161 – IGP
Jyoti Prava Tripathy – Rank 162 – IGP
Prakash Sahoo – Rank 165 – IGP
Sonali Jena – Rank 169 – IGP
Sasmita Sahoo – Rank 171 – IGP
Satyaranjan Baura – Rank 172 – IGP
Ashutosh Sahu – Rank 173 – MAINS GUIDANCE PROGRAM
Arichisa Nayak – Rank 174 – IGP
Sonali Sahoo – Rank 175 – IGP
Alya Aneesha Nayak – Rank 177 – IGP
Rajshree Ojha – Rank 178 – MAINS MENTORSHIP PROGRAM

Sidharth K. Patra – Rank 179 – IGP
Byomakesh Satapathy – Rank 180 – IGP
Sabyasachi Parida – Rank 185 – IGP
Bhupendra Shukla – Rank 186 – IGP
Siddharth Chopdar – Rank 187 – IGP
Abhilash Dash – Rank 188 – CLASS ROOM PROGRAM
Soumya Prakash Bhoi – Rank 189 – IGP
Shradha Suman – Rank 191 – IGP
Sumistha Priyadarshini – Rank 192 – IGP
Nagma Sahin – Rank 193 – IGP
Nandita Samal – Rank 194 – IGP
Kalu Rauta – Rank 195 – PRELIMS & MAINS GUIDANCE PROGRAM
Abhigna Khuntia – Rank 197 – IGP
Jayaprakash Behera – Rank 200 – IGP

**& many more...**

**Features:**
- Renowned Faculty from **DELHI** with Extensive CSE experience.
- Scientifically design Stepwise Training from Basic NCERT to Advance Level.
- Separate Doubt Clearing Session & Weekly Current Affairs Session
- National Level Test Series with a 'Learn-Revise-Test-Succeed' approach
- Mode of Class is Offline / Online / Hybrid with Library and Hostel facilities
- Undivided Attention by Personal Mentors.
- Weekly Evaluation progress made. Analysis of Strength and Weakness.
- Specific focus on upcoming UPSC & OPSC Exam with new approach

ADMISSIONS OPEN FOR
**IAS & OAS**
GRADUATES & 12th PASS CANDIDATES
Integrated & Foundation Courses

**OUR DEDICATED FACULTY TEAM & RIGOROUS PREPARATION METHODS ENSURE UNMATCHED RESULTS**




**Call: 9938386166, 7327846166, 8260677707**
**JAYDEV VIHAR, BHUBANESWAR**

# ଟ୍ରମ୍ପ ପ୍ରଶାସନର ଆଉ ଏକ ଅମାନବୀୟ କାଣ୍ଡ

## ୭୧ ବର୍ଷୀୟ ମହିଳାଙ୍କ ହାତ, ଗୋଡ଼ରେ ବେଡ଼ି ପକାଇ ଭାରତ ପଠାଇଲା



ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଆମେରିକାରେ ୩୨ ବର୍ଷ ଅବସ୍ଥାନ କରିବା ପରେ ପ୍ରତ୍ୟର୍ପଣ ହୋଇଥିବା ପଞ୍ଜାବର ୭୧ ବର୍ଷୀୟ ବୟସ୍କା ହରଜିତ କୌର ସାମ୍ନାକୁ ଆସି ନିଜ ଦୁଃଖ ବ୍ୟକ୍ତ କରିଛନ୍ତି। ମୋତେ ଗିରଫ କରାଯିବା ପରେ ଅପରାଧୀ ଭଳି ବ୍ୟବହାର କରାଯାଇଥିଲା। ହାଜର ହେବା ପ୍ରକ୍ରିୟା ବେଳେ ମୋତେ ଗିରଫ କରି ଏକ ଥଣ୍ଡା କୋଠରୀରେ ବନ୍ଦକରି ଦିଆଯାଇଥିଲା। ସେ ୧୦ ଦିନ ଡିଟେନସନ ସେଲ୍‌ଫରେ ରହିଥିଲେ। ଘୋଡାଇ ହେବାକୁ ତାଙ୍କୁ ଆଲୁମିନିୟମ ଫାଇଲ ଦିଆଯାଇଥିଲା। ଶୋଇବା ପାଇଁ କାଠ ପଟା ଦିଆଯାଇଥିଲା। ଖାଇବା ପାଇଁ ଥଣ୍ଡା ବ୍ରେଡ୍ ଓ ବିଫ୍ ଦିଆଯାଇଥିଲା। ଏହାକୁ ଖାଇ ନ ଥିଲି। କେବଳ ଚିପ୍ସ ଓ ବିସ୍କୁଟ୍ ଖାଇ ୧୦ ଦିନ ବିତାଇଥିଲି ବୋଲି ସେ କହିଛନ୍ତି। ୩୨ ବର୍ଷ ଆମେରିକାର ରହିବା ପରେ ମଧ ତାଙ୍କୁ ଗତ ୨୪ ତାରିଖରେ ଚେନ୍‌ରେ ବାନ୍ଧି ଭାରତ ପଠାଯାଇଥିଲା। ଏବେ ସେ ନିଜ ଭଉଣୀଙ୍କ ଘରେ ରହୁଥିବା କହିଛନ୍ତି। ପ୍ରତି ୬ମାସରେ ନିୟମିତ ଭାବେ ହାଜର ଲଗାଇବାକୁ ସେ ଯାଉଥିଲେ। ୧୯୯୨ରେ ସେ ନିଜର ଦୁଇ ପୁଅଙ୍କ ସହ ଆମେରିକା ଯାଇଥିଲେ। କିନ୍ତୁ ବେଆଇନ୍ ଭାବେ ସେ ଆମେରିକାରେ ରହୁଥିବା କଥା କୁହାଯାଇଥିଲା। ଫଳରେ ତାଙ୍କୁ ଭାରତ ପ୍ରତ୍ୟର୍ପଣ କରାଯାଇଥିଲା। ଭାରତରେ କେହି ନିଜର ନଥିବାରୁ ସମସ୍ୟାର ସମ୍ମୁଖୀନ ହେଉଛି ଓ ଏବେ ମୋ ଭବିଷ୍ୟତ ଅନ୍ଧାର ବୋଲି ହରଜିତ କହିଛନ୍ତି।

## ଜାତିସଂଘରେ ପାକିସ୍ତାନକୁ ଦୃଢ଼ ଜବାବ ଦେଲା ଭାରତ

# ଧ୍ୱସ୍ତ ଏୟାରବେସ୍‌କୁ ନେଇ ଖୁସି ମନାଉଛି ପାକ୍

ନ୍ୟୁୟର୍କ, ୨୭।୯ (ଏଜେନ୍ସି): ମିଳିତ ଜାତିସଂଘ ସାଧାରଣ ପରିଷଦ (ୟୁଏନଜିଏ) ବୈଠକରେ ପାକିସ୍ତାନକୁ ଦୃଢ଼ ଜବାବ ଦେଇଛି ଭାରତ। ପୁଣିଥରେ ଆତଙ୍କବାଦକୁ ସମର୍ଥନ ଦେଉଥିବା ଏହି ରାଷ୍ଟ୍ର ଏବଂ ଏହାର ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କ ମୁଖା ଖୋଲି ଦେଇଛି। ଭାରତଠାରୁ ବିଜୟ ଦାବି କରିଥିବା ଶାହବାଜ ପୁଣି ଆତଙ୍କବାଦର ମହିମାମଣ୍ଡନ କରୁଛନ୍ତି ବୋଲି ଜାତିସଂଘରେ ଭାରତର ସ୍ଥାୟୀ ମିଶନର ପ୍ରଥମ ସଚିବ ପେଟଲ ଗେହଲଟ କହିଛନ୍ତି। ସେ ଶନିବାର ୟୁଏନଜିଏରେ ପାକିସ୍ତାନକୁ ତୀବ୍ର ଭର୍ତ୍ସନା କରିଛନ୍ତି। ପେଟଲ କହିଛନ୍ତି ଯେ ପାକିସ୍ତାନ ଆତଙ୍କବାଦକୁ ପ୍ରୋତ୍ସାହନ ଦେଉଛି ଏବଂ ମିଛ କହୁଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ହାସ୍ୟାସ୍ପଦ ନାଟକ କରୁଛନ୍ତି। ଆତଙ୍କବାଦକୁ ପ୍ରୋତ୍ସାହନ ଦେବା ଶାହବାଜଙ୍କ ବିଦେଶ ନୀତିର ଅଂଶବିଶେଷ। କୌଣସି ଡ୍ରାମା କିମ୍ବା ମିଛ ଦ୍ୱାରା ସତକୁ ଲୁଚା ଯାଇପାରିବ ନାହିଁ।

ଗତ ମେ' ମାସରେ ଭାରତ-ପାକିସ୍ତାନ ସଂଘର୍ଷକୁ ନେଇ ସରିଫ ଯେଉଁ ଦାବି କରିଥିଲେ ତାହାକୁ ପେଟଲ ଖାରଜ କରିଦେଇଛନ୍ତି। ସେ କହିଛନ୍ତି ଯେ ମେ' ୯ ତାରିଖ ପର୍ଯ୍ୟନ୍ତ ଭାରତ ଉପରେ ଆକ୍ରମଣ ପାଇଁ ପାକିସ୍ତାନ ଧମକ ଦେଇ ଚାଲିଥିଲା। ଏହା ପରିଦନ (ମେ'୧୦) ପାକିସ୍ତାନର ଅନେକ ଏୟାରବେସ୍‌କୁ ଭାରତୀୟ ସେନା ଧ୍ୱଂସ କରିଦେଇଥିଲା। ଏହା ପରେ ଯୁଦ୍ଧ ବନ୍ଦ କରିବା ପାଇଁ ପାକିସ୍ତାନ କାକୁତିମିନତି ହୋଇଥିଲା। ଯଦି ଧ୍ୱଂସ ଏୟାରବେସ ବିଜୟର ପ୍ରତୀକ ତେବେ ପାକିସ୍ତାନ ଉତ୍ସବ ମନାଇବା କଥା। ଏହା ପୂର୍ବରୁ ଶାହବାଜ ଶୁକ୍ରବାର ଜାତିଂସଘରେ ଭାରତକୁ ଶତ୍ରୁ କହିଥିଲେ। ମେ'ରେ ହୋଇଥିବା ଭାରତ ସହ ସଂଘର୍ଷରେ ପାକିସ୍ତାନ ବିଜୟୀ ହୋଇଛି ଏବଂ ଭାରତର ୭ ବିମାନ ଧ୍ୱଂସ କରିଦେଇଛି ବୋଲି ସେ ଦାବି କରିଥିଲେ। ମାତ୍ର ଆଜି ଭାରତ ଏହି ଦାବିକୁ ମିଛ ଏବଂ ଭ୍ରାନ୍ତ କହି ଖାରଜ କରିଦେଇଛି।



### ଜାତିସଂଘରେ ନାଟକ କରୁଛନ୍ତି ଶାହବାଜ ସରିଫ

### ଯୁଦ୍ଧ ବିରତି ପାଇଁ ନେହୁରା ହୋଇଥିଲା ପାକ୍ ସେନା

ପେଟଲ କହିଛନ୍ତି ଯେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଥିବା ସବୁ ପ୍ରସଙ୍ଗର ଦ୍ୱିପାକ୍ଷିକ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ। ଏଥିରେ କୌଣସି ତୃତୀୟ ପକ୍ଷର ଆବଶ୍ୟକତା ନାହିଁ। ଶାନ୍ତି ନେଇ ପାକିସ୍ତାନ କରିଥିବା ଦାବି ଉପରେ ପେଟଲ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଶାହବାଜଙ୍କ ଦେଶ ଘୃଣାରେ ଅନ୍ଧ ହୋଇଯାଇଛି। ଆତଙ୍କବାଦ ବିରୋଧରେ ଶୂନ୍ୟ ସହନଶୀଳ ନୀତି ଆପଣା ଯିବ ବୋଲି ଭାରତ ପକ୍ଷରୁ ସ୍ପଷ୍ଟ କରିଦିଆଯାଇଛି। 'ଅପରେସନ ସିନ୍ଦୂର' ସମୟରେ ପାକିସ୍ତାନର ବାହବଲପୁର ଏବଂ ମୁରିଦକେରେ ନିପାତ ହୋଇଥିବା ଆତଙ୍କବାଦୀଙ୍କ ସୂଚନା ଦେଇଥିଲେ। ପାକିସ୍ତାନ ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳି ଓ ସମ୍ମାନ ଦେଇଥିବା ଅଭିଯୋଗ ଲଗାଇ ଥିଲେ। ସେ ଫଟୋ ମଧ୍ୟ ଦେଖାଇ ଥିଲେ। ଗୋଟିଏ ଫଟୋ ହଜାରେ ଶବ୍ଦ କହୁଛି। ଏହି ଫଟୋରେ ଆତଙ୍କବାଦୀଙ୍କୁ ପାକିସ୍ତାନ ସେନା ଏବଂ ନେତା ଶ୍ରଦ୍ଧାଞ୍ଜଳି ଦେଉଥିବା ଦେଖାଯାଉଛି। ଯେଉଁଠି ସେନା ଅଧିକାରୀ ଆତଙ୍କବାଦୀଙ୍କୁ ଖୋଲାଖୋଲି ଭାବେ ସମ୍ମାନ ଦେଉଛନ୍ତି, ସେଇଠି ଶାସକ ଉପରେ ସନ୍ଦେହ ସୃଷ୍ଟି ହେବନି କି? ଭାରତର ନିର୍ଦ୍ଦୋଷ ଜନତାଙ୍କ ଉପରେ ପାକିସ୍ତାନ ଆତଙ୍କବାଦୀ ଆକ୍ରମଣ କରୁଛି। ଲୋକଙ୍କ ସୁରକ୍ଷା ଏବଂ ଜବାବ ଦେବାର ଅଧିକାରକୁ ପ୍ରୟୋଗ କରି ଭାରତ କାର୍ଯ୍ୟାନୁଷ୍ଠାନ ନେଇଥିଲା। ଅପରାଧିଙ୍କୁ ନ୍ୟାୟର କାଠଗଡ଼ାରେ ଛିଡ଼ା କରିଥିଲା। ନିଜ ଦେଶରେ ଥିବା ସବୁ ଆତଙ୍କବାଦୀ ଶିବିରକୁ ପାକିସ୍ତାନ ବନ୍ଦ କରି ଆତଙ୍କବାଦୀଙ୍କୁ ଭାରତକୁ ହସ୍ତାନ୍ତର କରୁ ବୋଲି ପେଟଲ ଦାବି କରିଛନ୍ତି।

ସେ ଇସଲାମାବାଦକୁ ଚେତାବନୀ ମଧ୍ୟ ଦେଇଛନ୍ତି। ପରମାଣୁ ଆକ୍ରମଣର ଧମକରେ ନ ଡରି ଭାରତ ଆତଙ୍କବାଦୀ ଏବଂ ଏହାର ପ୍ରାୟୋଜକଙ୍କୁ ଦାୟୀ କରିବ ବୋଲି ପେଟଲ କହିଛନ୍ତି। ଏହି ପାକିସ୍ତାନ ଆତଙ୍କବାଦୀଙ୍କୁ ସୁରକ୍ଷା ଦେବା ପାଇଁ ବିଶ୍ୱ ମଞ୍ଚକୁ ବ୍ୟବହାର କରୁଛି। ଗତ ଏପ୍ରିଲ ୨୫ରେ ପାକିସ୍ତାନ ୟୁଏନ୍‌ଏସ୍‌ସିରେ ଆତଙ୍କବାଦୀ ସଂଗଠନ 'ରେସିଷ୍ଟାନ୍ସ ଫୋର୍ସ'କୁ ସୁରକ୍ଷା ଦେଇଥିଲା। ଜମ୍ମୁ-କଶ୍ମୀରରେ ପର୍ଯ୍ୟଟକଙ୍କ ହତ୍ୟା ପାଇଁ ଏହି ଆତଙ୍କବାଦୀ ସଂଗଠନ ଦାୟୀ ଥିଲା। ଆତଙ୍କବାଦର ପ୍ରଚାରପ୍ରସାର କରୁଥିବା ଏହି ଦେଶ ଟିକେ ବି ଲଜ୍ଜା ଅନୁଭବ କରୁନାହିଁ। ୧୦ ବର୍ଷ ପର୍ଯ୍ୟନ୍ତ ପାକିସ୍ତାନ ଓସାମା ବିନ୍ ଲାଡେନକୁ ଲୁଚାଇ ରଖିଥିଲା। ଦେଶ ଦୀର୍ଘ ଦଶନ୍ଧି ହେଲା ଆତଙ୍କବାଦୀ ଶିବିର ଚଲାଉଛି ବୋଲି ପାକିସ୍ତାନ ମନ୍ତ୍ରୀ ମଧ ସ୍ୱୀକାର କରିଛନ୍ତି। ପୁଣିଥରେ ପାକିସ୍ତାନର ଦୋମୁହାଁ ନୀତି ସାମ୍‌ନାକୁ ଆସିଯାଇଛି।

# ଡିଭାଇଡରକୁ ଧକ୍କା ଦେଇ ପଲଟିଲା କାର୍, ୫ ମୃତ

ଗୁରୁଗ୍ରାମ୍, ୨୭।୯(ଏଜେନ୍ସି): ହରିୟାଣାର ଗୁରୁଗ୍ରାମରେ ଶନିବାର ଭୋର ୪.୩୦ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦିଲ୍ଲୀ ଆଡୁ ଦ୍ରୁତଗିତରେ ଆସୁଥିବା ଏକ ଥର୍ ନିୟନ୍ତ୍ରଣ ହରାଇ ଡିଭାଇଡରରେ ପିଟି ହେବା ଫଳରେ ପଲଟି ଯାଇ ଦୁର୍ଘଟଣା ସମ୍ମୁଖୀନ ହୋଥିଲା। ଏଥିରେ ୫ ଜଣ ପ୍ରାଣ ହରାଇଥିବା ବେଳେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଯୁବକଙ୍କୁ ମେଦାନ୍ତ ହସ୍ପିଟାଲରେ ଭର୍ତ୍ତି କରିଛି। ଏହି କଳା ରଙ୍ଗର ଥର୍‌ରେ ୬ ଜଣ ଯାତ୍ରା କରୁଥିଲେ। ଏଥିରେ ୩ ଜଣ ଯୁବକ ଓ ୩ ଜଣ ଯୁବତୀ ସାମିଲ ଥିଲେ। ମୃତ୍ୟୁବରଣ କରିଥିବା ଜଣେ ଯୁବତୀ ହେଉଛନ୍ତି ରାୟବରେଲିର ଜଜ୍ ଚନ୍ଦ୍ରମଣି ମିଶ୍ରାଙ୍କ ଝିଅ ପ୍ରତିଷ୍ଠା ମିଶ୍ରା। ସୂଚନା ମିଳିବା ମାତ୍ରେ ଗୁରୁଗ୍ରାମ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକୁ ଜବତ କରି ଯାଞ୍ଚ ଆରମ୍ଭ କରିଛି। ଦୁର୍ଘଟଣାର ସିସିଟିଭି ଫୁଟେଜ ସାମ୍ନାକୁ ଆସିଛି ଓ ଏଥିରେ ଥର୍ ଦ୍ରୁତ ଗତିରେ ଆସି ଡିଭାଇଡରରେ ପିଟି ହୋଇଥିବାର ଲକ୍ଷ୍ୟ କରାଯାଇଛି। ମୃତକଙ୍କ ହାତରେ ଏକ କ୍ଲବର ବ୍ୟାଣ୍ଡ ଦେଖିବାକୁ ମିଳିଛି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଏମାନେ କ୍ଲବରେ ପାର୍ଟି କରି ଘରକୁ ଫେରିଥିବା ଅନୁମାନ କରାଯାଉଛି।

## ୧୮ ଦିନ ପରେ ସାମ୍ନାକୁ ଆସିଲେ ଓଲି

କାଠମାଣ୍ଡୁ, ୨୭।୯(ଏଜେନ୍ସି): ନେପାଳ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି ଇସ୍ତଫା ଦେବାର ୧୮ ଦିନ ପରେ ସାମ୍ନାକୁ ଆସିଛନ୍ତି। ସେ ପାର୍ଟିର ଛାତ୍ର ସଂଗଠନର କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଭକ୍ତପୁର ପହଞ୍ଚିଥିଲେ। ଜେନ-ଜେଡ୍ ବିରୋଧ ପ୍ରଦର୍ଶନ ପାଇଁ ସେପ୍ଟେମ୍ବର ୯ରେ ତାଙ୍କୁ ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବାକୁ ପଡ଼ିଥିଲା। ହିଂସାତ୍ମକ ଆନ୍ଦୋଳନ ମଧ୍ୟରେ ଓଲିଙ୍କୁ ନେପାଳ ସେନା ହେଲିକପ୍ଟର ଜରିଆରେ ଉଦ୍ଧାର କରିଥିଲା ଓ ଏକ ଅସ୍ଥାୟୀ ଘରେ ସ୍ଥାନାନ୍ତର କରିଥିଲା। ଏବେକାର ସରକାରକୁ ସେ ସମାଲୋଚନା କରିଛନ୍ତି। ଏବେକାର ସରକାର ଜନତାଙ୍କ ଇଚ୍ଛା ଅନୁସାରେ ନିର୍ବାଚିତ ହୋଇନାହିଁ। ହିଂସା ଓ ପୋଡାଜଳା ମାଧ୍ୟମରେ ଏହି ସରକାର ଗଠନ ହୋଇଛି। ଆନ୍ଦୋଳନରତ ଯୁବକଙ୍କୁ ମୋ ସରକାର ଗୁଳି କରିବାକୁ ଆଦେଶ ଦେଇ ନଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। କିନ୍ତୁ ଏଥିପାଇଁ ଆମକୁ ମୂଲ୍ୟ ଦେବାକୁ ହୋଇଥିଲା। ମୋତେ ଧମକ ମିଳୁଥିବା ବେଳେ ସରକାର ସୁରକ୍ଷା ଦେଇ ନାହାନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

## ଜାତିସଂଘ ମୁଖ୍ୟାଳୟ ସାମ୍ନାରେ ୟୁନୁସଙ୍କ ବିରୋଧରେ ବିକ୍ଷୋଭ

ୱାଶିଂଟନ, ୨୭।୯ (ଏଜେନ୍ସି): ବାଂଲାଦେଶ ପ୍ରବାସୀ ଶୁକ୍ରବାର ଜାତିସଂଘ ମୁଖ୍ୟାଳୟ ଆଗରେ ବାଂଲାଦେଶ ଅନ୍ତରୀଣ ସରକାର ଉପଦେଷ୍ଟା ମହମ୍ମଦ ୟୁନୁସଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସେମାନେ ୟୁନୁସଙ୍କୁ ପାକିସ୍ତାନୀ ବୋଲି ଆଖ୍ୟା ଦେଇଥିଲେ। ୟୁନୁସ ପାକିସ୍ତାନ ଫେରିଯାଆନ୍ତୁ ବୋଲି ସେମାନେ ସ୍ଲୋଗାନ ଦେଇଥିଲେ। ୟୁନୁସ ବାଂଲାଦେଶକୁ ତାଲିବାନ ଭଳି ଦେଶରେ ପରିଣତ କରିବାକୁ ପ୍ରୟାସ କରୁଛନ୍ତି ଓ ସେ ଇସ୍‌ଲାମିକ୍ ଜିହାଦୀ କଟରପନ୍ଥୀଙ୍କ ସହ ମିଶି କାର୍ଯ୍ୟ କରୁଛନ୍ତି ବୋଲି ସେମାନେ ଅଭିଯୋଗ ଆଣିଛନ୍ତି। ୨୦୨୪ ଅଗଷ୍ଟ ୫ରେ ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ପଦରୁ ହଟାଇବା ପରେ, ଅଳ୍ପସଂଖ୍ୟକ ଖାସ୍ କରି ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢ଼ାଇବା ନେଇ ୟୁନୁସଙ୍କ ବିରୋଧରେ ଅଭିଯୋଗ ଆସିଛି। ୟୁନୁସ କ୍ଷମତାକୁ ଆସିବା ପରେ ବାଂଲାଦେଶରେ ମାନବାଧିକାରର ପ୍ରବଳ ଉଲ୍ଲଂଘନ ହୋଇଛି ଓ ଏଥିପାଇଁ କେତେକ ଲୋକ ଦେଶ ଛାଡି ଚାଲିଯିବାକୁ ବାଧ ହୋଇଛନ୍ତି। କେବଳ ସେତିକି ନୁହେଁ, ହସିନା ସରକାରଙ୍କୁ ବେଆଇନ ଭାବେ କ୍ଷମତାରୁ ହଟାଯାଇଛି। ହିନ୍ଦୁ, ବୌଦ୍ଧ, ଖ୍ରୀଷ୍ଟିଆନ୍ ଓ ଅନ୍ୟ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଉପରେ ଅତ୍ୟାଚାରକୁ ଆମେ ବିରୋଧ କରୁଛି ବୋଲି ପ୍ରବାସୀ ବାଂଲାଦେଶୀ କହିଛନ୍ତି। ହିନ୍ଦୁ ନେତା ଚିନ୍ମୟ କୃଷ୍ଣ ଦାସଙ୍କୁ ଜେଲ୍‌ରୁ ଖଲାସ କରାଯାଉ ବୋଲି ସେ ସେମାନେ ଦାବି କରିଛନ୍ତି। ୟୁନୁସ ଚିନ୍ମୟଙ୍କୁ ବେଆଇନ ଭାବେ ଜେଲ୍‌ରେ ରଖିଛନ୍ତି।

## କପିଲ ଶର୍ମାଙ୍କୁ ଧମକ ଦେଇଥିବା ବ୍ୟକ୍ତି ଗିରଫ

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): କମେଡିଆନ କପିଲ ଶର୍ମାଙ୍କୁ ମେଲ୍ ଜରିଆରେ ହତ୍ୟା ଧମକ ଦେବା ସହ ୧ କୋଟି ଟଙ୍କାର ଦାଦାବଟି ମାଗିଥିବା ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ମୁମ୍ବଇ କ୍ରାଇମ୍ ବ୍ରାଞ୍ଚ ଏହି ବ୍ୟକ୍ତିକୁ ପଶ୍ଚିବବଙ୍ଗର ୨୪ ପ୍ରଗଣାରୁ ଗିରଫ କରିଛି। ଧମକ ଦେଇଥିବା ଏହି ବ୍ୟକ୍ତି ହେଉଛନ୍ତି ଦିଲୀପ ଚୌଧୁରୀ। ଦିଲୀପ ନିଜକୁ ଗ୍ୟାଙ୍ଗଷ୍ଟର ଗୋଲ୍ଡି ବରାର ଓ ରୋହିତ ଗୋଦାରା ଗ୍ୟାଙ୍ଗର ସଦସ୍ୟ ଭାବେ ପରିଚୟ ଦେଇ କପିଲଙ୍କଠାରୁ ୧ କୋଟି ଟଙ୍କାର ଦାଦାବଟି ମାଗିଥିଲା।

## ରାଜସ୍ଥାନ, ମଧ୍ୟପ୍ରଦେଶ, ମୁମ୍ବଇରେ ପ୍ରବଳ ବର୍ଷା ଆଶଙ୍କା

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ମୌସୁମୀ ବାୟୁ ଶୁକ୍ରବାର ରାଜସ୍ଥାନରୁ ନିର୍ଦ୍ଧାରିତ ସମୟର ୪ ଦିନ ପୂର୍ବରୁ ବିଦାୟ ନେଇଛି। ସେହିପରି ମଧ୍ୟପ୍ରଦେଶର ୧୧ଟି ଜିଲ୍ଲାରୁ ମୌସୁମୀ ବିଦାୟ ନେଇ ସାରିଛି। ଏହା ସତ୍ତ୍ୱେ ଏହି ଦୁଇଟି ରାଜ୍ୟରେ ବର୍ଷା ଏବେ ମଧ ଜାରି ରହିଛି। ଶନିବାରଠାରୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଦୁଇଟି ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ସତର୍କତା ଜାରି କରିଛି। ସେହିପରି ତେଲଙ୍ଗାନାର କେତେକ ଅଞ୍ଚଳରେ ପ୍ରବଳ ବର୍ଷା ଜାରି ରହିଛି। ସେହିପରି ମୁମ୍ବଇରେ ଶନିବାର ସକାଳୁ ବର୍ଷା ଜାରି ରହିଛି। ଦିନସାରା ବର୍ଷା ହେବ ବୋଲି ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ହାଇଦରାବାଦ୍‌ରେ ଗତ ରାତିରେ ମୂଷଳଧାରାରେ ବର୍ଷା ହୋଇଛି। ଫଳରେ ସହରର କେତେକ ଅଞ୍ଚଳରେ ୨ରୁ ୩ ଫୁଟ୍ ପର୍ଯ୍ୟନ୍ତ ପାଣି ପଶିଯାଇଛି। ଏହାକୁ ଦୃଷ୍ଟିରେ ରଖି ହିମାୟତା ସାଗର ଜଳାଶୟର ଗୋଟିଏ ଗେଟ୍‌କୁ ଖୋଲି ଦିଆଯାଇଛି। ଫଳରେ ସ୍ଥିତି ଆହୁରି ବିଗିଡି ଯାଇଛି। ସହରର ବିଭିନ୍ନ ସ୍ଥାନରେ ଫସି ରହିଥିବା ୫୫ଜଣ ଲୋକଙ୍କୁ ଉଦ୍ଧାର କରାଯାଇଛି। ଚାଦରଘାଟ ନିକଟରେ ମୁସି ନଦୀରେ ପ୍ରବଳ ବନ୍ୟା ଆସିଛି।

## ପାକିସ୍ତାନ, ଚୀନ୍ ସୀମାରେ ମୁତୟନ ହେବ 'ଅନନ୍ତ ଶସ୍ତ୍ର'

ନୂଆଦିଲ୍ଲୀ, ୨୭।୯(ଏଜେନ୍ସି): ଭାରତୀୟ ସେନାର ଏୟାର ଡିଫେନ୍ସ ସିଷ୍ଟମ ଆହୁରି ଦୃଢ଼ ତଥା ଶକ୍ତିଶାଳୀ ହେବାକୁ ଯାଉଛି। ଏଥିପାଇଁ ଭାରତ ଇଲେକଟ୍ରୋନିକ୍ସ ଲିମିଟେଡ (ବିଇଏଲ୍)କୁ ସେନା ଏକ ବଡ଼ ଟେଣ୍ଡର ପ୍ରଦାନ କରିଛି। ପାଖାପାଖି ୩୦ ହଜାର କୋଟି ଟଙ୍କା ବିନିମୟରେ 'ଅନନ୍ତ ଶସ୍ତ୍ର' ସରଫେସ୍ ଟୁ ଏୟାର ଅର୍ଥାତ ଭୂପୃଷ୍ଠରୁ ଆକାଶ ମିସାଇଲ ୱିପନ ସିଷ୍ଟମ କ୍ରୟ କରିବା ପାଇଁ ଟେଣ୍ଡର ଜାରି କରିବ। ଏହାକୁ ଡିଫେନ୍ସ ରିସର୍ଚ୍ଚ ଡେଭଲପମେଣ୍ଟ ଅର୍ଗାନାଇଜେସନ (ଡିଆରଡିଓ) ତିଆରି କରିବ। ପୂର୍ବରୁ ଏହାକୁ କୁଇକ୍ ରିଆକସନ ସରଫେସ ଟୁ ଏୟାର ମିସାଇଲ (କ୍ୟୁଆରଏସ୍‌ଏଏମ୍) କୁହାଯାଉଥିଲା। ଏବେ ଏହାର ନାମ ପରିବର୍ତ୍ତନ କରାଯାଇଛି 'ଅନନ୍ତ ଅସ୍ତ୍ର' ରଖାଯାଇଛି। ଅନନ୍ତ ଅସ୍ତ୍ରର ୫ରୁ ୬ଟି ରେଜିମେଣ୍ଟ କିଣାଯିବ ଓ ଏହାକୁ ପାକିସ୍ତାନ ଓ ଚୀନ୍ ସୀମାରେ ନିୟୋଜିତ କରାଯିବ। ଅନନ୍ତ ଅସ୍ତ୍ର ଚାଲୁଥିବା ବେଳେ ଶତ୍ରୁର ଟାର୍ଗେଟ୍‌କୁ ମାଡ଼ କରିବାର କ୍ଷମତା ରଖୁଛି। ପୁଣି ବହୁତ କମ୍ ସମୟ ମଧ୍ୟରେ ଏହା ଫାୟାର କରିପାରିବ। ଏହା ୩୦ କିମି ପର୍ଯ୍ୟନ୍ତ ଲକ୍ଷ୍ୟକୁ ଭେଦ କରିପାରିବ। ଏହା ସେନାରେ ଏବେ ଥିବା ଆକାଶତୀର ମିଡିୟମ ରେଞ୍ଜ ସରଫେସ୍ ଟୁ ଏୟାର ମିସାଇଲ (ଏମ୍‌ଆରଏସ୍‌ଏଏମ୍) ସିଷ୍ଟମକୁ ସହାୟତା ପ୍ରଦାନ କରିବ। ଅନନ୍ତ ଅସ୍ତ୍ରକୁ ଦିନ ଓ ରାତିରେ ସଫଳତାର ସହ ପରୀକ୍ଷଣ କରାଯାଇଛି। ଚଳିତ ବର୍ଷ ଅପରେସନ ସିନ୍ଦୂର ପରେ ଏହି ପ୍ରକଳ୍ପକୁ ସବୁଜ ସଙ୍କେତ ପ୍ରଦାନ କରାଯାଇଥିଲା। ଅପରେସନ ସିନ୍ଦୂର ସମୟରେ ପାକିସ୍ତାନର ଡ୍ରୋନ ଓ ମିସାଇଲ ଆକ୍ରମଣକୁ ସେନାର ଏୟାର ଡିଫେନ୍ସ ୟୁନିଟ୍ ବନ୍ଧୁକ ଓ ମିସାଇଲ୍ ଦ୍ୱାରା ନିଷ୍କ୍ରିୟ କରିଥିଲା। ସେନାକୁ ଏବେ ଆହୁରି କେତୋଟି ସ୍ୱଦେଶୀ ଅସ୍ତ୍ର ମିଳିବ। ଏହିକ୍ରମରେ ସେନାକୁ ରାଡାର, ସର୍ଟ ରେଞ୍ଜ ଏୟାର ୱିପନ, ଜାମର ଓ ଲେଜର ଆଧାରିତ ଆଣ୍ଟି ଡ୍ରୋନ୍ ସିଷ୍ଟମ ମଧ ସେନାକୁ ମିଳିବ। ସେନା ଏବେ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ଉପରେ ଅଧିକ ଭରସା କରୁଛି। ଅପରେସନ ସିନ୍ଦୂରରେ ଆକାଶତୀର ଡିଫେନ୍ସ ସିଷ୍ଟମ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା।

### ମୁନୀରଙ୍କୁ ନିଲମ୍ବନ କରିବା ପ୍ରଶ୍ନରେ ଫସିଲେ ପାକିସ୍ତାନ ମନ୍ତ୍ରୀ

## ଦେଶରେ ହାଇବ୍ରିଡ୍ ସରକାର ଚାଲିଛି

ଇସଲାମାବାଦ, ୨୭।୯ (ଏଜେନ୍ସି): ପାକିସ୍ତାନ ପ୍ରତିରକ୍ଷାମନ୍ତ୍ରୀ ଖ୍ୱାଜା ଆସିଫ ପୁଣିଥରେ ନିଜ ଦେଶର ମୁଖା ଖୋଲି ଦେଇଛନ୍ତି। ସେ ସାରା ବିଶ୍ୱରେ ପାକିସ୍ତାନର ସତକୁ ଉଜାଗର କରି ନିଜେ ଫସି ଯାଇଛନ୍ତି। ପାକିସ୍ତାନ ସେନା ଏବଂ ସରକାର ମିଳିମିଶି ସହମତିରେ ଦେଶରେ ହାଇବ୍ରିଡ ସରକାର ଚଳାଉଛନ୍ତି ବୋଲି ସେ ଏକ ସାକ୍ଷାତକାରରେ ସ୍ୱୀକାର କରିଛନ୍ତି। ଏହା ସହିତ ଆମେରିକାକୁ ମଧ ସମାଲୋଚନା କରିଛନ୍ତି। ନିଜ ଦେଶକୁ ସୁରକ୍ଷା ଦେବାକୁ ଯାଇ ଆମେରିକା ଗଣତନ୍ତ୍ରକୁ 'ଡିପ୍ ଷ୍ଟେଟ୍' କହିଛନ୍ତି। ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍‌ଙ୍କ ବିଷୟରେ ପଚାରିବାରୁ ଆସିଫ ବିଭ୍ରାନ୍ତିକର ମନ୍ତବ୍ୟ ଦେଇଛନ୍ତି।


ସାକ୍ଷାତକାରରେ ଉପସ୍ଥାପକ ଆସିଫଙ୍କୁ ପଚାରି ଥିଲେ ଯେ ପ୍ରତିରକ୍ଷା ମନ୍ତ୍ରୀଙ୍କଠାରୁ ପାକିସ୍ତାନ ସେନାମୁଖ୍ୟ ଅଧିକ କ୍ଷମତାଶାଳୀ। ତେବେ ଉତ୍ତରରେ ସେ ନା କରିଥିଲେ ଏବଂ ନିଜକୁ ନିର୍ବାଚିତ ପ୍ରତିନିଧି ଦର୍ଶାଇ ଥିଲେ। ପରେ ଉପସ୍ଥାପକ ପ୍ରଶ୍ନ କରିଥିଲେ ଯେ ଆମେରିକାରେ ପ୍ରମୁଖ ଜେନେରାଲଙ୍କୁ ପ୍ରତିରକ୍ଷାମନ୍ତ୍ରୀ ପଦରୁ ହଟାଇ ପାରିବେ। କିନ୍ତୁ ପାକିସ୍ତାନରେ ଏପରି ହେଉନାହିଁ। ଉତ୍ତରରେ ଆସିଫ କହିଥିଲେ ଯେ ପାକିସ୍ତାନରେ ସାମିରକ ଶାସକଙ୍କ ଯୋଗୁଁ ସେନାର ପ୍ରଭାବ ଅଧିକ ରହିଛି। କିନ୍ତୁ ଆମେରିକାରେ ଡିପ୍ ଷ୍ଟେଟ ରହିଛି। ଏହା ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛି। ପାକିସ୍ତାନ ସେନାମୁଖ୍ୟ ଅସୀମ ମୁନୀରଙ୍କ ସହ ମତଭେଦ ହେଲେ ସହମତିର ସହ କାମ କରାଯାଇଥାଏ। ସହମତି ନ ହେଲେ ବି ମିଳିମିଶି ନିଷ୍ପତ୍ତି ନିଆଯାଇଥାଏ। ଆସିଫ ଦାବି କରିଥିଲେ ଯେ ଇମ୍ରାନ ଖାନ୍ ରାୱଲପିଣ୍ଡିର ଆଦିୟାଲା ଜେଲ୍‌ରୁ ନିଜ ଏକ୍ସ ଆକାଉଣ୍ଟ ଚଲାଉଛନ୍ତି। କିନ୍ତୁ ଏହି ସମୟରେ ଉପସ୍ଥାପକ ତାଙ୍କ ପୁରୁଣା ମନ୍ତବ୍ୟକୁ ମନେ ପକାଇ ଦେବାରୁ ଆସିଫ ଫସି ଯାଇଥିଲେ । ପୂର୍ବରୁ ଭାରତରୁ ଇମ୍ରାନଙ୍କ ଆକାଉଣ୍ଟ ଚଲା ଯାଉଥିବା ନେଇ ସେ ଦାବି କରିଥିଲେ। ସତ କ'ଣ ବୋଲି ସେ ପଚାରି ଥିଲେ। ଏହାର ଉତ୍ତରରେ ପ୍ରତିରକ୍ଷା ମନ୍ତ୍ରୀ କହିଥିଲେ ଯେ ଇମ୍ରାନ ଜେଲ୍‌ରୁ ନିଜ ଆକାଉଣ୍ଟ ଚଲାଉ ଥିବେ, ନଚେତ ଏହାକୁ କିଏ ଚଲାଉଛି ବୋଲି ସେ କହିବା ଉଚିତ।

## ମା' ସାମ୍ନାରେ ମୁଣ୍ଡ କାଟି ୫ ବର୍ଷର ପୁଅକୁ ହତ୍ୟା

ଧାର, ୨୭।୯(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହର ନିକଟସ୍ଥ ଏକ ଛୋଟିଆ ଗାଁରେ ଶୁକ୍ରବାର ଏକ ହୃଦୟ ବିଦାରକ ଘଟଣା ଘଟିଛି। ଜଣେ ମା'ଙ୍କ ସାମ୍ନାରେ ତାଙ୍କର ୫ ବର୍ଷର ପୁଅକୁ ଜଣେ ମାନସିକ ବିକାରଗ୍ରସ୍ତ ବ୍ୟକ୍ତି ମୁଣ୍ଡ କାଟି ହତ୍ୟା କରିଛି। ଏଥିରେ ଉତକ୍ଷିପ୍ତ ହୋଇ ଗାଁ ଲୋକେ ଅଭିଯୁକ୍ତକୁ ପଟିପିଟି ହତ୍ୟା କରିଛନ୍ତି। ୨୫ ବର୍ଷୀୟ ମହେଶ ନାମକ ଜଣେ ଯୁବକ ଏକ ବାଇକ୍‌ରେ ଆସି କାଲୁ ସିଂଙ୍କ ଘରେ ପହଞ୍ଚିଥିଲେ। ତାଙ୍କୁ ପରିବାର ଲୋକ ପୂର୍ବରୁ କେବେ ଦେଖି ନ ଥିଲେ କି ଜାଣି ନ ଥିଲେ। ମହେଶ ସେଠାରେ ହଠାତ ପହଞ୍ଚିବା ପରେ ପଡ଼ିଥିବା ଏକ ଧାରୁଆ ଅସ୍ତ୍ର ଉଠାଇ ବିକାଶ ନାମକ ଶିଶୁର ମୁଣ୍ଡ କାଟି ଦେଇଥିଲା ବୋଲି ଜଣେ ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି। ବିକାଶର ମା' ତାକୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ କିନ୍ତୁ ଏହି ଆକ୍ରମଣରେ ସେ ଆହତ ହୋଇଥିଲେ। ତାଙ୍କ ପାଟି ଶୁଣି ଗାଁ ଲୋକ ଏକାଠି ହୋଇଥିଲେ ଓ ମହେଶକୁ ଧରି ପିଟିଥିଲେ। ହସ୍ପିଟାଲ ନିଆଯିବା ବାଟରେ ମହେଶ ମୃତ୍ୟୁବରଣ କରିଥିଲା ବୋଲି ଧାର ଏସ୍‌ପି ମୟଙ୍କ ଅବସ୍ଥି କହିଛନ୍ତି। ମୃତଦେହର ବ୍ୟବଚ୍ଛେଦ ପରେ ହତ୍ୟାର ପ୍ରକୃତ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି। ଏହି ଡବଲ୍ ମର୍ଡର ମାମଲାରେ ବିଚାରବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି। ତଦନ୍ତ ପରେ ସବୁ କିଛି ସ୍ପଷ୍ଟ ହେବ ବୋଲି ପୁଲିସ କହିଛି। ମହେଶର ଘର ଅଲିରାଜପୁର ଜିଲ୍ଲାର ଜୋବାଟ ବାଗଡ଼ିରେ। ସେ ମାନସିକ ବିକୃତିର ଶିକାର ହୋଇଥିଲା ଓ ଗତ ୩-୪ ଦିନ ହେବ ଘରକୁ ଆସି ନଥିଲା ବୋଲି ତା'ର ପରିବାର ଲୋକେ କହିଛନ୍ତି।

# ୱାଙ୍ଗଚୁକ୍‌ଙ୍କ ପାଇଁ ଅଡୁଆ ବଢ଼ିଲା

ଲେହ, ୨୭।୯(ଏଜେନ୍ସି): ଲଦାଖ ହିଂସା ପାଇଁ ଗିରଫ ହୋଇଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ରାଜସ୍ଥାନର ଜୟପୁର ଜେଲ୍‌କୁ ପଠାଇ ଦିଆଯାଇଛି।



ଇତିମଧ୍ୟରେ ୱାଙ୍ଗଚୁକ୍‌ଙ୍କୁ ନେଇ ଲଦାଖ ଡିଜିପି ଏସ୍‌ଡି ସିଂ ଜାମୱାଲ ଏକ ବଡ଼ ମନ୍ତବ୍ୟ ଦେଇଛନ୍ତି। ୱାଙ୍ଗଚୁକ୍‌ଙ୍କ ସହ ପାକିସ୍ତାନ ଗୁଇନ୍ଦା ସଂସ୍ଥା (ପିଆଇଓ) ସଦସ୍ୟର ସମ୍ପର୍କ ଥିଲା। ପିଆଇଓର ଏହି ସଦସ୍ୟଙ୍କୁ ପୁଲିସ କିଛି ଦିନ ତଳେ ଧରିଥିଲା। ସେ ଜରୁରୀ ସୂଚନା ପାକିସ୍ତାନକୁ ପଠାଉଥିଲା। ଆମ ପାଖରେ ଏହାର ରେକର୍ଡ ଅଛି ବୋଲି ସେ କହିଛନ୍ତି। କେବଳ ସେତିକି ନୁହଁ ୱାଙ୍ଗଚୁକ୍ ପାକିସ୍ତାନର ଜଣାଶୁଣା ଖବର କାଗଜ ଡନ୍‌ର ଏକ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ଏବେ ଏହି ସବୁ ମାମମଲାର ଯାଞ୍ଚ କରାଯାଉଛି। ୱାଙ୍ଗଚୁକଙ୍କ ଗତିବିଧି ସନ୍ଦେହଜନକ ଥିଲା ବୋଲି ସେ କହିଛନ୍ତି।

ୱାଙ୍କଚୁକ୍‌ଙ୍କୁ ପୁଲିସ ତାଙ୍କ ଗାଁ ଉଲ୍ୟକୋଟୋପେରୁ

### ପାକିସ୍ତାନୀ ଗୁଇନ୍ଦା ସହ ସଂପର୍କ ଥିଲା: ଡିଜି

### ବାଂଲାଦେଶ ଗସ୍ତରେ ବି ଯାଇଥିଲେ

ଗିରଫ କରିଥିଲା। ତାଙ୍କୁ ବିମାନ ଯୋଗେ ରାଜସ୍ଥାନର ଯୋଧପୁର କେନ୍ଦ୍ରୀୟ ଜେଲ୍‌କୁ ପଠାଇ ଦିଆଯାଇଛି। ତାଙ୍କ ବିରୋଧରେ ରାଷ୍ଟ୍ରୀୟ ସୁରକ୍ଷା ଆଇନ୍ (ଏନ୍‌ଏସ୍‌ଏ) ଲଗାଯାଇଛି। ଏହା ଅନୁସାରେ ବିନା ଜାମିନରେ ତାଙ୍କୁ ଦୀର୍ଘ ଦିନ ଧରି ଜେଲ୍‌ରେ ରଖାଯାଇପାରିବ। ଗତ ସେପ୍ଟେମ୍ବର ୨୪ରେ ଲେହରେ ହୋଇଥିବା ହିଂସା ପାଇଁ ତାଙ୍କୁ ସରକାର ଦାୟୀ କରିଛନ୍ତି। ସେ ଉତ୍ତେଜିତ କଲା ଭଳି ମନ୍ତବ୍ୟ ଦେବା କାରଣରୁ ଆନ୍ଦୋଳନ ହିଂସାର ରୂପ ନେଇଥିଲା ବୋଲି ପୁଲିସ୍ କହିଛି। ଏଥିରେ ୪ ଜଣ ଯୁବକ ମୃତ୍ୟୁବରଣ କରିଥିବା ବେଳେ ୮୦ଜଣ ଆହତ ହୋଇଥିଲେ। ଆହତଙ୍କ ମଧ୍ୟରେ ୪୦ଜଣ ପୁଲିସକର୍ମୀ ସାମିଲ ଥିଲେ। ଏହି ଘଟଣାରେ ଏପର୍ଯ୍ୟନ୍ତ ୬୦ ଜଣଙ୍କୁ ଗିରଫ କରାଯାଇଛି। ଶୁକ୍ରବାର ଅପରାହ୍ନ ୨.୩୦ରେ ସାମ୍ବାଦିକ ସମ୍ମିଳନୀ କରିବା ପୂର୍ବରୁ ତାଙ୍କୁ ଗିରଫ କରାଯାଇଥିଲା। ଯେତେବେଳେ ସେ ଲେହରେ ପହଞ୍ଚି ନଥିଲେ ଆୟୋଜକଙ୍କ ସନ୍ଦେହ ହୋଇଥିଲା। ପରେ ଗିରଫ ହେବା ନେଇ ଖବର ମିଳିଥିଲା। କିନ୍ତୁ ଏହା ସତ୍ତ୍ୱେ ସମ୍ବାଦିକ ସମ୍ମିଳନୀ ହୋଇଥିଲା। ଯୁବକମାନେ ନିୟନ୍ତ୍ରଣ ବାହାରକୁ ଯାଇ ହିଂସା କରିଥିଲେ ବୋଲି ଆୟୋଜକ ସ୍ୱୀକାର କରିଛନ୍ତି। ତେବେ ଏଥିରେ କୌଣସି ବିଦେଶୀ ଶକ୍ତିଙ୍କର ହାତ ନାହିଁ ବୋଲି ସେମାନେ କହିଛନ୍ତି। ଲେହ ଆପେକ୍ସ ବଡି (ଏଲ୍‌ଏବି)ର ଉପାଧ୍ୟକ୍ଷ ଚୋରିଂ ଦୋର୍ଜେ ଏକ ବଡ଼ ଅଭିଯୋଗ ଆଣିଛନ୍ତି। ପୁଲିସ ଓ ସିଆରପିଏଫ୍ ଚେତାବନୀ ଦେଇ ନଥିଲା କି ପାଣି ପକାଇ ନଥିଲା। ସିଧା ଆଖିବୁଜା ଗୁଳି ଚଳାଇଥିଲା। ପୁଣି କେନ୍ଦ୍ର ଗୃହମନ୍ତ୍ରଣାଳୟ ଅଲୋଚନା ପାଇଁ ଡକାଉ ନାହିଁ। ତେଣୁ ଆନ୍ଦେଳନ ଆହୁରି ଜୋରଦାର ହେବ ବୋଲି ଧମକ ଦିଆଯାଇଛି।

## ହରିୟାଣାରେ ୩.୪ ତୀବ୍ରତାର ଭୂକମ୍ପ

ସୋନିପତ, ୨୭।୯(ଏଜେନ୍ସି): ହରିୟାଣାର ସୋନିପତ ଜିଲ୍ଲାରେ ଗତ ରାତିରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲାରେ ୩.୪ ଥିଲା। ଅଚାନକ ଏହି ଭୂକମ୍ପର ଝଟ୍‌କାରେ ଲୋକଙ୍କ ନିଦ ଭାଙ୍ଗିଯାଇଥିଲା ଓ ସେମାନେ ଘରୁ ବାହରକୁ ଚାଲିଯାଇଥିଲେ। କିନ୍ତୁ କେହି କିଛି ଜାଣି ପାରି ନଥିଲେ। ମିଳିଥିବା ସୂଚନା ମୁତାବକ, ଭୂକମ୍ପ ରାତି ୧.୪୭ ମିନିଟ୍‌ରେ ଆସିଥିଲା। ଏହାର କେନ୍ଦ୍ର ସୋନିପତ ଥିଲା। ହାଲ୍‌କା ଝଟ୍‌କା ହୋଇଥିଲେ ମଧ ଏହା ସ୍ପଷ୍ଟ ଭାବେ ଅନୁଭବ କରାଯାଇଥିଲା। ଭୂକମ୍ପ ଝଟ୍‌କା ପରେ ଆତଙ୍କ ଖେଳିଯାଇଥିଲା। କିନ୍ତୁ କୌଣସି ପ୍ରକାର ଧନଜୀବନର କ୍ଷତି ହୋଇନାହିଁ ବୋଲି କୁହାଯାଇଛି। ଉତ୍ତରାଖଣ୍ଡର ଡେରାଡୁନ୍‌ଠାରୁ ହରିୟାଣାର ମହେନ୍ଦ୍ରଗଡ଼ ଜିଲ୍ଲା ପର୍ଯ୍ୟନ୍ତ ମାଟି ତଳେ ଏକ ଫ୍ଲାଟ ଲାଇନ୍ ଅଛି। ଏଥିରେ ଯେତେବେଳେ ପ୍ଲେଟ ମୁଭ୍‌ମେଣ୍ଟ ହୋଇଥାଏ, ସେତେବେଳେ ପ୍ଲେଟଗୁଡିକ ପରସ୍ପରକୁ ଧକ୍କା ଦେଇଥାନ୍ତି। ଫଳରେ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥାଏ ବୋଲି ଭୂକମ୍ପ ବିଜ୍ଞାନ କେନ୍ଦ୍ର ତରଫରୁ କୁହାଯାଇଛି। ଏହି କାରଣରୁ ହରିୟାଣାରେ ବାରମ୍ବାର ଭୂକମ୍ପ ଅନୁଭୂତ ହୋଇଥାଏ ।



ଶୀତଲ ଦେବୀ
ବିଶ୍ୱ ଚାମ୍ପିଅନ୍
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI
•VOLUME- 43 •ISSUE-95 •SUNDAY •28 SEPTEMBER 2025 •PAGE-12 •₹ 6.00
•ବର୍ଷ-୪୩ •ସଂଖ୍ୟା-୯୫ •ରବିବାର •୨୮ ସେପ୍ଟେମ୍ବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦ (ସିନ୍ଦୂରା ସହ)




## ଝାରସୁଗୁଡ଼ା ଯୁବ ସମାବେଶରେ ମୋଦୀ

# ୬୦ ହଜାର କୋଟି ଟଙ୍କାର ପ୍ରକଳ୍ପ ଭେଟି



### ୯୭,୫୦୦ ମୋବାଇଲ୍ ୪ଜି ଟାୱାର ଲୋକାର୍ପିତ

### ବ୍ରହ୍ମପୁର-ସୁରତ 'ଅମୃତ ଭାରତ' ଟ୍ରେନର ଶୁଭାରମ୍ଭ

■ **ଭୁବନେଶ୍ୱର/ଝାରସୁଗୁଡ଼ା, ୨୭।୯ (ସମିସ):** 'ସେବା ପକ୍ଷ' ପାଳନ ଅବସରରେ ଝାରସୁଗୁଡ଼ାରେ ଆୟୋଜିତ ଯୁବ ସମାବେଶରେ ଯୋଗଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଓଡ଼ିଶା ପାଇଁ ୬୦ ହଜାର କୋଟି ଟଙ୍କାରୁ ଅଧିକ ମୂଲ୍ୟର ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଦୂରସଞ୍ଚାର, ରେଳବାଇ, ଉଚ୍ଚଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ, ଗ୍ରାମୀଣ ଗୃହ ନିର୍ମାଣ କ୍ଷେତ୍ର ସମେତ ଅନ୍ୟାନ୍ୟ କ୍ଷେତ୍ର ରହିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ବିଏସ୍‌ଏନ୍‌ଏଲର ନୂତନ ଅବତାର ଉନ୍ମୋଚନ କରି ଏହାର ସ୍ୱଦେଶୀ ୪ଜି ସେବାର ଶୁଭାରମ୍ଭ କରିଛନ୍ତି। ଏହାସହିତ ଓଡ଼ିଶାରେ ଶିକ୍ଷା, ଦକ୍ଷତା ବିକାଶ ଏବଂ ଯୋଗାଯୋଗ ସହିତ ସଂପୃକ୍ତ ଅନେକ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ ସହ ବ୍ରହ୍ମପୁରରୁ ସୁରତ ପର୍ଯ୍ୟନ୍ତ ଆଧୁନିକ ଅମୃତ ଭାରତ ଟ୍ରେନ୍‌କୁ ପତାକା ଦେଖାଇ ମଧ୍ୟ ଶୁଭାରମ୍ଭ କରିଛନ୍ତି। ଏହି ସମସ୍ତ ବିକାଶମୂଳକ ପଦକ୍ଷେପ ପାଇଁ ସେ ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଦେଢ଼ ବର୍ଷ ପୂର୍ବେ ବିଧାନସଭା ନିର୍ବାଚନ ସମୟରେ ଓଡ଼ିଶାବାସୀ ନୂତନ ପ୍ରତିବଦ୍ଧତା ସହିତ ଏକ ବିକଶିତ ▶ପୃଷ୍ଠା-୭

## ବିଜୟ ଥାଲାପତିଙ୍କ ରାଲିରେ ଅସମ୍ଭାଳ ଭିଡ଼

# ଦଳାଚକଟାରେ ୩୬ ମୃତ



■ **ଚେନ୍ନାଇ, ୨୭।୯ (ଏଜେନ୍ସି):** ଅଭିନେତାରୁ ରାଜନେତା ପାଲଟିଥିବା ବିଜୟ ଥାଲାପତିଙ୍କ ଏକ ରାଲିରେ ଶନିବାର ବଡ଼ ଅଘଟଣ ଘଟିଛି। ତାମିଲନାଡୁ କରୁର୍‌ରେ ଆୟୋଜିତ ଏହି ରାଲିରେ ନିଜ ବସ୍ ଉପରୁ ବିଜୟ ଜନସମାବେଶକୁ ସମ୍ବୋଧିତ କରୁଥିବାବେଳେ ଦଳାଚକଟା ଘଟି ୩୬ ଜଣଙ୍କ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୧୬ ଜଣ ମହିଳା ଏବଂ ୮ ଶିଶୁ ସାମିଲ ଅଛନ୍ତି। ଦଳାଚକଟାରେ ୫୮ ଜଣ ଗୁରୁତର ଆହତ ହୋଇ ହସ୍‌ପିଟାଲରେ ଭର୍ତ୍ତି ହୋଇଥିବା ତାମିଲନାଡୁ ସ୍ୱାସ୍ଥ୍ୟମନ୍ତ୍ରୀ ଏମ୍‌ଏ ସୁବ୍ରମଣ୍ୟନ ସୂଚନା ଦେଇଛନ୍ତି। ଆହତଙ୍କ ମଧ୍ୟରୁ ଅନେକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଥିବାରୁ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବା ଆଶଙ୍କା ରହିଛି।

ସୂଚନା ଅନୁଯାୟୀ, ଆସନ୍ତା ବର୍ଷ ତାମିଲନାଡୁ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଥିରେ ବିଜୟଙ୍କ ରାଜନୈତିକ ଦଳ 'ତାମିଲଗା ଭେଟ୍ରି କଝଗମ' (ଟିଭିକେ) ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଯାଉଛି। ଏଥିପାଇଁ ସେ ବିଭିନ୍ନ ସ୍ଥାନରେ ରାଲି କରି ଦଳ ପ୍ରତି ଜନସମର୍ଥନ ହାସଲ କରୁଛନ୍ତି। କରୁର୍ ରାଲିରେ ବିଜୟଙ୍କୁ ଦେଖିବା ପାଇଁ ଲକ୍ଷାଧିକ ଲୋକ ଭିଡ଼ ଜମାଇଥିଲେ। ନିଜ ପ୍ରିୟ ଅଭିନେତାଙ୍କ ପାଇଁ ପ୍ରାୟ ୬ ଘଣ୍ଟା ପର୍ଯ୍ୟନ୍ତ ଲୋକେ ଅପେକ୍ଷା କରି ରହିଥିଲେ। ତେବେ ବିଜୟ ଏହି ରାଲିକୁ ବିଳମ୍ବରେ ପହଞ୍ଚି ଥିଲେ। ଅସହ୍ୟ ଗୁଳୁଗୁଳି ଏବଂ ପ୍ରବଳ ଭିଡ଼ ଯୋଗୁଁ ଲୋକେ ଅଣନିଃଶ୍ୱାସୀ ହୋଇ ଯାଇଥିଲେ। ବିଜୟ ଅଭିଭାଷଣ ଦେବା ପରେ ଏଭଳି ସ୍ଥିତି ଦେଖି ବସ୍ ଉପରୁ ଲୋକଙ୍କୁ ପାଣି ବୋତଲ ପକାଇଥିଲେ। ତୃଷାର୍ତ୍ତ ଓ ଉତ୍ସୁକ ଜନତା ପାଣି ବୋତଲ ଧରିବାକୁ ଯାଇ ଅନ୍ୟମାନଙ୍କୁ ଦଳିଚକଟି ଦେଇଥିଲେ। ଏଥିଯୋଗୁଁ ଅନେକ ଚେତା ହରାଇ ପଡ଼ି ଯାଇଥିଲେ। ▶ପୃଷ୍ଠା-୭

# ସୁନା ବଜାରରେ ନିଆଁ

## ୯ ମାସରେ ୩୭ ହଜାର ମହଙ୍ଗା



■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଭାରତରେ ସୁନା ଏବଂ ରୁପା ମୂଲ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଦିନକୁ ଦିନ ଏହାର ଦାମ ରେକର୍ଡ ଭାଙ୍ଗି ଚାଲିଛି। ୧୦ ଗ୍ରାମ ପିଛା ୨୪ କ୍ୟାରଟ ସୁନା ମୂଲ୍ୟ ଶନିବାର ୧, ୧୩, ୨୬୨ ଟଙ୍କାରେ ପହଞ୍ଚି ଯାଇଛି। ଏହା ଗତ ୨୦ ତାରିଖରେ ୧, ୦୯, ୭୭୫ ଟଙ୍କା ଥିଲା। ଅର୍ଥାତ୍ ଚଳିତ ସପ୍ତାହରେ ସୁନା ମୂଲ୍ୟ ୩,୪୮୭ ଟଙ୍କା ବୃଦ୍ଧି ପାଇଛି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ସୁନା ମୂଲ୍ୟ ୩୭, ୧୦୦ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ୨୪ କ୍ୟାରେଟ ସୁନା ମୂଲ୍ୟ ୭୬, ୧୬୨ ଟଙ୍କା ଥିଲା। ୨୦୨୪ରେ ସୁନା ୨୧ ପ୍ରତିଶତ ମହଙ୍ଗା ହୋଇଥିଲା। ଏବେ ୧୦ ଗ୍ରାମ ପିଛା ୧୪ କ୍ୟାରଟ ▶ପୃଷ୍ଠା-୭

# 'ହାର୍ଟ ବିଟ୍' ବୁଲି ଦେଖିଲେ ନବୀନ

■ **ଭୁବନେଶ୍ୱର, ୨୭।୯ (ସମିସ):** ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ନୂଆଦିଲ୍ଲୀସ୍ଥିତ ବିକାନିର୍ ହାଉସ୍‌ରେ ବନ୍ୟପ୍ରାଣୀ ସଂରକ୍ଷଣ ଉପରେ ଆଧାରିତ ୱାଇଲ୍ଡଲାଇଫ୍ ଚାରିଟି ଏକ୍ସିବିସନ 'ହାର୍ଟ ବିଟ୍'କୁ ପରିଦର୍ଶନ କରିଛନ୍ତି। ଏସିଆନ୍ ୱାଇଲ୍ଡଲାଇଫ୍ ଟ୍ରଷ୍ଟ ଏବଂ ଏସିଆନ୍ ହାର୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର ପ୍ରତିଷ୍ଠାତା ପଦ୍ମଭୂଷଣ ଡା. ରମାକାନ୍ତ ପଣ୍ଡାଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମର ଥିମ୍ ରହିଥିଲା 'ବନ୍ୟପ୍ରାଣୀ: ଆମ ସହଭାଗୀ ଭବିଷ୍ୟତ ବା 'ୱାଇଲ୍ଡଲାଇଫ୍: ଆୱାର୍ ସେୟାର୍ଡ ଫ୍ୟୁଚର'। ଏହି ପ୍ରଦର୍ଶନୀରେ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ପର୍କିତ ରଚନା, ଫଟୋଗ୍ରାଫି, ପ୍ରକୃତିର ସଂରକ୍ଷଣ ସହ ▶ପୃଷ୍ଠା-୭






## ଏସିଆ କପ୍ ଟି-୨୦ ଫାଇନାଲ୍

### ଆଜି ଭାରତ-ପାକିସ୍ତାନ ମହାମୁକାବିଲା



## ଅର୍ଥନୀତିକୁ ଅଡୁଆ ଟ୍ରମ୍ପ ନୀତି


# ୬ ଦିନରେ ବୁଡ଼ିଲା ୧୬ ଲକ୍ଷ କୋଟି

■ **ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି):** ଦ୍ୱିତୀୟ ଥର ଦାୟିତ୍ୱ ଗ୍ରହଣ କରିବା ଦିନ ଠାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବିଶ୍ୱରେ ଅସ୍ଥିରତା ସୃଷ୍ଟି କରିଚାଲିଛନ୍ତି। କେତେବେଳେ ଚଢ଼ା ଶୁଳ୍କ ଲଗାଉଛନ୍ତି ତ, ଆଉ କେବେ ଭିସା ଦେୟକୁ ଅଚାନକ ବୃଦ୍ଧି କରି କମ୍ପାନୀ ଏବଂ ନିବେଶକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରୁଛନ୍ତି। ତାଙ୍କର ଏଭଳି ନିଷ୍ପତ୍ତି ଯୋଗୁଁ ବିଶ୍ୱ ଅର୍ଥନୀତି ଅସ୍ଥିର ହୋଇପଡ଼ିଛି। ଭାରତୀୟ ସେୟାର ବଜାର ମଧ୍ୟ ଏଥିରେ ଭୀଷଣ ପ୍ରଭାବିତ ହେଉଛି।

ଏଚ୍-୧ବି ଭିସା ଦେୟ ବଢ଼ାଇବା ପାଇଁ ଟ୍ରମ୍ପ ନେଇଥିବା ନିଷ୍ପତ୍ତି ନିବେଶକଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏଥିପାଇଁ ଗତ ସପ୍ତାହରେ ନିବେଶକମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ବୁଡି ଯାଇଛି। ନିଫ୍ଟି୫୦ ପ୍ରାୟ ୩ ପ୍ରତିଶତ ହ୍ରାସ ପାଇଛି। ଆଇଟି ସୂଚକାଙ୍କ ୮ ପ୍ରତିଶତ ଖସି ଆସିଛି। ଟଙ୍କା ତୁଳନାରେ ଡଲାର ମଜବୁତ ହେଉଥିବାରୁ ବିଦେଶୀ ପାଣ୍ଠି ଭାରତ ବାହାରକୁ ଯିବାରେ ଲାଗିଛି। ସୂଚନା ଅନୁଯାୟୀ କ୍ରମାଗତ ଷଷ୍ଠ ଦିନରେ ସେୟାର ବଜାର ଶୁକ୍ରବାର ଲାଲ୍ ସଙ୍କେତରେ ବନ୍ଦ ହୋଇଥିଲା।



ସେନ୍‌ସେକ୍ସ ୭୩୩ ପଏଣ୍ଟ ହ୍ରାସ ପାଇ ୮୦, ୪୨୬ରେ ପହଞ୍ଚି ଯାଇଥିଲା। ସେହିପରି ନିଫ୍ଟି୫୦ ୨୩୬ ପଏଣ୍ଟ ଖସି ଆସି ୨୪, ୬୫୫ରେ ବନ୍ଦ ହୋଇଥିଲା। ଏହି ସପ୍ତାହରେ ସେନ୍‌ସେକ୍ସ ୨,୧୯୯ ପଏଣ୍ଟ ଏବଂ ନିଫ୍ଟି୫୦ ୬୭୨ ପଏଣ୍ଟ ହ୍ରାସ ପାଇଥିଲା। ଏହା ଗତ ୬ ମାସରେ ସବୁଠାରୁ ବଡ଼ ସାପ୍ତାହିକ ବିପର୍ଯ୍ୟୟ ଥିଲା। ▶ପୃଷ୍ଠା-୭



ସକାଳ
THE SAKALA



# ଶ୍ରୀରାମଲୀଳା ମହୋତ୍ସବ ଉଦ୍‌ଘାଟିତ

**ସମ୍ବଲପୁର, ୨୭।୯ (ସମିସ):** ଶ୍ରୀରାମ ବିଜୟା ଦଶମୀ ମହୋତ୍ସବ ଆୟୋଜନ ସମିତି ପକ୍ଷରୁ ଗତ ୨୪ ତାରିଖ ବୁଧବାର ସନ୍ଧ୍ୟାରୁ ସ୍ଥାନୀୟ ଅଇଁଠାପାଲିସ୍ଥିତ ବୀର ବିର୍ସା ମୁଣ୍ଡା ମୈଦାନ୍ ଠାରେ ବିଶାଳ ସୁସଜ୍ଜିତ ମଞ୍ଚରେ ଐତିହାସିକ ଶ୍ରୀରାମଲୀଳା ମହୋତ୍ସବର ଶୁଭାରମ୍ଭ ହୋଇଯାଇଛି। ନୂଆଦିଲ୍ଲୀରୁ ଆସି ପହଞ୍ଚିଥିବା ବିଶ୍ୱପ୍ରସିଦ୍ଧ ଲବକୁଶ ଶ୍ରୀରାମଲୀଳା ମଣ୍ଡଳୀ ଆସନ୍ତା ବିଜୟା ଦଶମୀ ପର୍ଯ୍ୟନ୍ତ ଚିତ୍ତାକର୍ଷକ 'ରାମଲୀଳା' ପରିବେଷଣ କରିବେ। ଆୟୋଜନ ସମିତିର ବରିଷ୍ଠ ଉପଦେଷ୍ଟା ସଂସ୍କୃତିରତ୍ନ କାର୍ତ୍ତିକ ପ୍ରସାଦ ବହିଦାରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓଡ଼ିଶା ପ୍ରାନ୍ତର ପୂର୍ବତନ ପ୍ରାନ୍ତ ସଂଘଚାଳକ ତଥା ଅଖିଳ ଭାରତୀୟ ପ୍ରତିନିଧି ସଭାର ସଦସ୍ୟ, ବିଶିଷ୍ଟ ଶିକ୍ଷାବିତ୍ ବିପିନ ବିହାରୀ ନନ୍ଦ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ରାମଲୀଳା ମହୋତ୍ସବର ଶୁଭ ଉଦ୍‌ଘାଟନ କରିଥିଲେ। ସମିତିର ସଭାପତି ଗିରିଶ ପଟେଲ ମୁଖ୍ୟଅତିଥିଙ୍କୁ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ମାନୀତ କରିଥିଲେ। ମୁଖ୍ୟଅତିଥି 'ରାମଲୀଳା' ପ୍ରଦର୍ଶନର ଆୟୋଜନ କରିଥିବାରୁ ସମିତିର ସମସ୍ତ କର୍ମକର୍ତ୍ତାମାନଙ୍କୁ ପ୍ରଶଂସା କରିବା ସହ ମହୋତ୍ସବର ସଫଳତା କାମନା କରିଥିଲେ। ସମିତିର ମୁଖ୍ୟ ସଂଯୋଜକ ସରୋଜ କୁମାର ଘଢ଼ାଇ, ବରିଷ୍ଠ ଉପଦେଷ୍ଟା ସତ୍ୟ ନାରାୟଣ ବାବୁଲି ପଣ୍ଡା, ବରିଷ୍ଠ ଉପଦେଷ୍ଟା ଓ ସମ୍ବଲପୁର ଜିଲ୍ଲା ଓକିଲ ସଂଘର ସଭାପତି ପ୍ରଦୀପ କୁମାର ବହିଦାର ପ୍ରମୁଖ ଆରତୀ କରିଥିଲେ। ଖୁସିରାମ ମେଲୋଡିର କଳାକାର ବୃନ୍ଦ ସମଲେଇ ଭଜନ ଓ ଶ୍ରୀରାମ ଭଜନ ପରିବେଷଣ କରିଥିଲେ। ତାପରେ ନୁଆଁଦିଲ୍ଲୀରୁ ଆସିଥିବା କଳାକାର ମାନେ ରାମଲୀଳାର ପ୍ରଥମ ଅଧ୍ୟାୟ ମଞ୍ଚରେ ପରିବେଷଣ କରିଥିଲେ।



## ଶାରଦୀୟ ନବରାତ୍ରର ଷଷ୍ଠ ଦିବସ



ମା' ସମଲେଶ୍ୱରୀ





କାତ୍ୟାୟନୀ ବେଶରେ ମା' ପାଟଣେଶ୍ୱରୀ ଓ ମା' କାମାକ୍ଷା

ଗୋବିନ୍ଦତୋଳା ଦୁର୍ଗାପୂଜା

ଯା ଦେବୀ ସର୍ବ ଭୂତେଷୁ

# ମନ ମୋହିବ ରାଜପ୍ରାସାଦ ସଦୃଶ ମୁଖ୍ୟତୋରଣ



ସମ୍ବଲପୁର, ୨୭।୯ (ସମିସ)

ସମ୍ବଲପୁର ସହରର ପ୍ରସିଦ୍ଧ ଦୁର୍ଗାପୂଜା ମଧ୍ୟରୁ ଗୋବିନ୍ଦତୋଳା ଦୁର୍ଗାପୂଜା ଅନ୍ୟତମ। ମୁଖ୍ୟ ତୋରଣ ସହ ଏଠାକାର ରଙ୍ଗବେରଙ୍ଗ ଲାଇଟ୍‌ରେ ସଜ୍ଜିତ ତୋରଣ ଗୁଡିକ ବେଶ୍ ଆକର୍ଷଣୀୟ ହୋଇଥାଏ। ଏଥର ୫୭ ବର୍ଷରେ ପଦାର୍ପଣ କରିଛି ଗୋବିନ୍ଦତୋଳା ଦୁର୍ଗାପୂଜା। ଚଳିତବର୍ଷ ପୂଜା କମିଟି ଦୁର୍ଗାପୂଜାକୁ ଆକର୍ଷଣୀୟ କରିବାସହ ସ୍ୱଚ୍ଛତା ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଣ୍ଟା ଭିଡ଼ିଛି। ଉଲ୍ଲେଖଯୋଗ୍ୟ ଯେ, ୧୯୭୭ ମସିହାରେ ଗୋବିନ୍ଦତୋଳାର ଦୁର୍ଗାପୂଜା ଜଣଙ୍କ ଘରେ ଆରମ୍ଭ ହୋଇଥିଲା। ଏହାର ଦୁଇବର୍ଷ ପରେ କିଛି ଯୁବଗୋଷ୍ଠୀଙ୍କ ଉଦ୍ୟମରେ ଏହି ପୂଜା। ମୁଖ୍ୟଛକରେ ଆରମ୍ଭ କରାଯାଇଥିଲା। ତେଣୁ ଉକ୍ତ ୨ ବର୍ଷକୁ ବାଦ୍ ଦେଇ ୨୦୧୮ ମସିହାରେ ପୂଜାର ସୁବର୍ଣ୍ଣ ଜୟନ୍ତୀ ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି।

ଏଥର ପୂଜାର ମୁଖ୍ୟତୋରଣ ସୁଉଚ୍ଚ ଓ ସୁନ୍ଦର ପୁରାତନ ରାଜପ୍ରସାଦ ସଦୃଶ ହେବ। ଯାହାର ଉଚ୍ଚତା ୬୦ ଫୁଟ ଓ ଚଉଡ଼ା ୫୫ ଫୁଟ କରାଯାଉଛି। ମୁଖ୍ୟ ତୋରଣ ଯାଜପୁର ଜିଲ୍ଲା ଜାରକାର ଶ୍ରୀ ଶାରଳା ଟେଣ୍ଟ ହାଉସ ନିର୍ମାଣ କରୁଥିବାବେଳେ ମୁଖ୍ୟତଃ ପଶ୍ଚିମବଙ୍ଗ ମିଦିନାପୁରରୁ କାରିଗର ମାନେ ଆସି ଏହି ପୁରାତନ ରାଜପ୍ରସାଦ ସଦୃଶ ମନ୍ଦିର ପରି ତୋରଣ କରୁଛନ୍ତି। ମଣ୍ଡପର ଭିତର ସାଜସଜ୍ଜା ମଧ୍ୟ ମହାଭାରତ ଓ ରାମାୟଣ କଥାବସ୍ତୁ ଉପରେ ଆଧାରିତ ଡିଜିଟାଲ ଦୃଶ୍ୟ ପ୍ରଦର୍ଶନ କରାଯିବ। ଗୋବିନ୍ଦତୋଳା ବ୍ରିଜଠାରୁ ଧନୁପାଲି ଛକ ଯାଏ ପ୍ରାୟ ଏକ କିଲୋମିଟର ୬ଟି ଆକର୍ଷଣୀୟ ସୁଉଚ୍ଚ ତୋରଣର ଆଲୋକସଜ୍ଜା ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିବ। ଆଲୋକ ସଜ୍ଜା ଦାୟିତ୍ୱ ଢେଙ୍କାନାଳର ଲାଇଟ୍ ଡେକୋରେଟର ନେଇଛନ୍ତି। ଦୀର୍ଘବର୍ଷ ହେଲା ଆୟୋଜିତ ହୋଇ ଆସୁଥିବା ଦୁର୍ଗାପୂଜାରେ ସ୍ଥାନୀୟ କଳାକାରଙ୍କୁ ଗୁରୁତ୍ୱ ଦେଇଆସୁଛି। ଏଇବର୍ଷ ମୂର୍ତ୍ତି କାରିଗର ସରଣ୍ଡାର ଆଦିତ୍ୟ ନାୟକ ଓ ତାଙ୍କ ସହଯୋଗୀ। ଅନେକ ବର୍ଷ ହେଲା ମୃଣ୍ମୟୀ ଓ ପାର୍ଶ୍ୱ ଦେବାଦେବୀଙ୍କ ମୂର୍ତ୍ତି ତିଆରି କରୁଥିବାବେଳେ ଏହି ବର୍ଷ ମଧ୍ୟ ମୂର୍ତ୍ତି ନିର୍ମାଣ ଦାୟିତ୍ୱ ଦିଆଯାଇଛି ବୋଲି ସଭାପତି ପ୍ରଦୀପ ପାଢ଼ୀ କହିଛନ୍ତି। ଆହୁରି ମଧ୍ୟ ଶ୍ରୀ ପାଢ଼ୀ କହିଛନ୍ତି ଯେ, ଦୁର୍ଗାପୂଜା କମିଟି ମହାନଗର ନିଗମ ସହ ମିଶି ସ୍ୱଚ୍ଛତା ଅଭିଯାନ କରିସାରିଛି।

ଏଥର ପୂଜା ପାଇଁ ବଜେଟ୍ ରହିଛି ୩୦ ଲକ୍ଷ ଟଙ୍କା। ସରକାରଙ୍କ ପକ୍ଷରୁ ଟଙ୍କାଟିଏ ମଧ୍ୟ ଅନୁଦାନ ମିଳୁ ନ ଥିବା ବେଳେ କେବଳ ସଭ୍ୟ ଚାନ୍ଦା ଏବଂ ଲୋକଙ୍କ ସହାୟତାରେ ପୂଜା କରାଯାଉଛି ବୋଲି କହିଛନ୍ତି ପୂଜା କମିଟି ସଭାପତି ଶ୍ରୀ ପାଢ଼ୀ। ଏଥିରୁ ଆଲୋକସଜ୍ଜା ପାଇଁ ୬ ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ମୁଖ୍ୟପୂଜକ ଭାବେ ପଣ୍ଡିତ ଜଗଦୀଶ ପ୍ରସାଦ ଦାଶ ପୂଜାର୍ଚ୍ଚନା କରୁଥିବାବେଳେ ସପତ୍ନୀକ ଦାଶରଥି ପଣ୍ଡା କର୍ତ୍ତା ଦାୟିତ୍ୱ ନିର୍ବାହ କରିବେ। ମହାଳୟା ଦିନଠୁ ଆରମ୍ଭ ହୋଇଥିବା ପୂଜାବିଧି ଷଷ୍ଠୀ ଦିନଠୁ ମାଁ ଭୁବନେଶ୍ୱରୀଙ୍କ ରୀତିନୀତି ମତେ ସମ୍ପନ୍ନ କରାଯିବ ବୋଲି ପଣ୍ଡିତ ଶ୍ରୀ ଦାଶ କହିଛନ୍ତି। ଚଳିତବର୍ଷ ଅକ୍ଟୋବର ୩ ତାରିଖ ଭସାଣି ଯାତ୍ରା ଆୟୋଜନ କରାଯିବ। ପ୍ରଶାସନର ନିୟମ ମୁତାବକ ଧୁମଧାମରେ କରାଯିବ ଯେଉଁଥିରେ ବିଭିନ୍ନ ପ୍ରକାରର ଲୋକବାଦ୍ୟ ଓ ଲୋକନୃତ୍ୟ କୁ ସାମିଲ କରାଯିବା ବୋଲି ଜଣାପଡ଼ିଛି।

### ଦୁର୍ଗାପୂଜା କମିଟି

**ସଭାପତି:** ପ୍ରଦୀପ କୁମାର ପାଢ଼ୀ
**ଉପସଭାପତି:** ଶ୍ରୀକାନ୍ତ ପଣ୍ଡା ଓ ସଞ୍ଜୟ ସାହୁ
**ସାଧାରଣ ସମ୍ପାଦକ:** ଅଜୟ କୁମାର ସାହୁ
**ସହ-ସମ୍ପାଦକ:** ରାଜକିଶୋର ପୁରୋହିତ, ପ୍ରସନ୍ନ ପାଢ଼ୀ ଓ ଅଭିଳାଷ ସ୍ୱାଇଁ
**କୋଷାଧକ୍ଷ:** ରମାକାନ୍ତ ବେରିହା
**ସହ-କୋଷାଧକ୍ଷ:** ଦିଲ୍ଲୀପ ଠାକୁର
**ଗଣମାଧ୍ୟମ ସଂଯୋଜକ:** ସୂର୍ଯ୍ୟ ପାଣିଗ୍ରାହୀ





### ଦୁର୍ଗାପୂଜା କାର୍ଯ୍ୟସୂଚୀ

**ସେପ୍ଟେମ୍ବର ୨୮ ତାରିଖ :** ପୀଠେ ମଣ୍ଡଳକରଣ ଓ ଅପରାହ୍ନରେ ବିଲ୍ୱାଧିବାସ ଏବଂ କଳସଯାତ୍ରା
**୨୯ ତାରିଖ :** ପୂଜାରମ୍ଭ, ସୂର୍ଯ୍ୟପୂଜା, ସର୍ବଦେବାଦେବୀଙ୍କ ପ୍ରାଣ ପ୍ରତିଷ୍ଠା, ତ୍ରିଦିନାତ୍ମକ ଅଖଣ୍ଡ ଦୀପ ସ୍ଥାପନ, ଚଣ୍ଡୀପାଠ, ଅଗ୍ନିସ୍ଥାପନ। ଅପରାହ୍ନ ୭.୩୦ମିରେ ଭାଇଜିଉଁତିଆ ପର୍ବ
**୩୦ ତାରିଖ :** ପୂଜାରମ୍ଭ, ମାଁଙ୍କ ଷୋଡ଼ଶ ଉପଚାର ପୂଜା, ଚଣ୍ଡିପାଠ। ସନ୍ଧିପୂଜା।
**ଅକ୍ଟୋବର ୧ ତାରିଖ :** ପୂଜାରମ୍ଭ, ମହାନବମୀ ପୂଜା ଓ କୁମାରୀ ପୂଜା, ଚଣ୍ଡୀହୋମ।
**ଅକ୍ଟୋବର ୨ ତାରିଖ :** ଦଶମୀ ଦଶମୀ ବିହିତ ପୂଜା, ପୂର୍ଣ୍ଣାହୁତି ଓ ଅପରାଜିତା ପୂଜା ଓ ଘଟ ବିସର୍ଜନ।

# ଧରାପଡ଼ିଲା ୧୫ ଲକ୍ଷର ବେଆଇନ ଫଟକା




**ସମ୍ବଲପୁର, ୨୭।୯ (ସମିସ):** ବେଆଇନ ଭାବେ ଫଟକା କାରବାର କରୁଥିବା ଅଭିଯୋଗରେ ସମ୍ବଲପୁର ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ପ୍ରାୟ ୧୫ ଲକ୍ଷ ଟଙ୍କାର ଫଟକା ଜବତ କରିଛି। ସମ୍ବଲପୁରରେ ବେଆଇନ ଫଟକା ଗୋଦାମ ଉପରେ ଚଡଉ କରି ଟାଉନ ପୁଲିସ ୧୫ ଲକ୍ଷ ଟଙ୍କାର ଫଟକା ଜବତ କରିଛି। ବେଆଇନ ଭାବେ ଫଟକା ବିକ୍ରି ହେଉଥିବା ଖବର ପାଇ ଟାଉନ ପୁଲିସ ଚଢଉ କରି ସମସ୍ତ ଫଟକା ଜବତ କରିଛି। ସମସ୍ତ ଫଟକାକୁ ଅଗ୍ନିଶମ ବିଭାଗର ଉପସ୍ଥିତିରେ ପୁଲିସ ନଷ୍ଟ କରିଥିବା ଟାଉନ ଥାନା ଆଇଆଇସି ସୂଚନା ଦେଇଛନ୍ତି।

**ଜବତ ଫଟକାକୁ ନଷ୍ଟକଲା ପୁଲିସ**

# ବ୍ରାଉନସୁଗର ଜବତ, ଜଣେ ଗିରଫ

**ସମ୍ବଲପୁର, ୨୭।୯ (ସମିସ):** ଟାଉନ ଥାନା ପୁଲିସ ବ୍ରାଉନସୁଗର କାରବାରରେ ଜଣକୁ ଗିରଫ କରିଛି। ସେହେଉଛି ଦଳେଇପଡ଼ାର ସବିର ଖାନ ଓରଫ ଲିଟି(୩୯)। ତା ନିକଟରୁ ୧୨.୨ ଗ୍ରାମ ବ୍ରାଉନସୁଗର ଜବତ କରିଛି। ଆମ୍ବେଦକରନଗର ପାଖରେ ବ୍ରାଉନସୁଗର କାରବାର ହେଉଥିବା ପୁଲିସ ଖବର ପାଇଥିଲା। ତେଣୁ ଯାଞ୍ଚ ବେଳେ ଅଭିଯୁକ୍ତ ପାଖରୁ ଧଳାଜହର ଜବତ କରିବା ସହ ଗିରଫ ପରେ କୋର୍ଟ ଚାଲାଣ କରିଛି।



# ଶ୍ରାଦ୍ଧ ଦିବସରେ ଅଭୟ ପାଢ଼ୀଙ୍କୁ ଶ୍ରଦ୍ଧାଞ୍ଜଳି

**ସମ୍ବଲପୁର, ୨୭।୯ (ସମିସ):** ସ୍ଥାନୀୟ ଦୟାମଣୀ ବୃଦ୍ଧାଶ୍ରମରେ ଆଜି ସ୍ୱର୍ଗତ ଅଭୟ ପାଢ଼ୀଙ୍କ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରମିଳା ବହିଦାରଙ୍କ ଅଧ୍ୟକ୍ଷତାରେ ଏକ ଶ୍ରାଦ୍ଧସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ୱର୍ଗତ ପାଢ଼ୀଙ୍କ ବାଲ୍ୟବନ୍ଧୁ ପ୍ରଭଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ପ୍ରଫେସର ଶଙ୍କର ପ୍ରସାଦ ପତି ଓ ଡଃ ଲକ୍ଷ୍ମୀନାରାୟଣ ରଥ ଏବଂ ଡଃ ଶ୍ୟାମ ସୁନ୍ଦର ଧର ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ସଭା ଆରମ୍ଭରେ ସ୍ୱର୍ଗତ ପାଢ଼ୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଅଧକ୍ଷା ସୁଶ୍ରୀ ବହିଦାର ସ୍ୱାଗତ ଭାଷଣରେ ଦୟାମଣୀ ବୃଦ୍ଧାଶ୍ରମ ସହିତ ସ୍ୱର୍ଗତ ପାଢ଼ୀଙ୍କ ଯେଉଁ ଆତ୍ମିକ ସମ୍ପର୍କ ବିଷୟରେ ଉଲ୍ଲେଖ କରିଥିଲେ। ସମ୍ମାନିତ ଅତିଥି ପ୍ରଫେସର ପତି ଓ ଡଃ ରଥ ସ୍ୱର୍ଗତ ପାଢ଼ୀଙ୍କ ବିଭିନ୍ନ ଦିଗ ଉପରେ ଥିବା ଦକ୍ଷତା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଡଃ ଧର ସ୍ୱର୍ଗତ ଅଭୟ ପାଢ଼ୀଙ୍କ ଆକାଶବାଣୀ ସମ୍ବଲପୁରର ନିର୍ଦ୍ଦେଶକ ଥିବା ସମୟର କାର୍ଯ୍ୟାବଳୀର ଭୂୟସୀ ପ୍ରଶଂସା କରିଥିଲେ। ସମ୍ବଲପୁରୀ ଭାଷା, ସାହିତ୍ୟ ଓ ସଂସ୍କୃତି ଉପରେ ସ୍ୱର୍ଗତ ପାଢ଼ୀଙ୍କ ଅଗାଧ ଜ୍ଞାନ ତଥା ବିଭିନ୍ନ ଦିଗ ଉପରେ ଡ. ଧର ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ପ୍ରଭଞ୍ଜନ ବେହେରା ବାଲ୍ୟଜୀବନରେ ସ୍ୱର୍ଗତ ପାଢ଼ୀଙ୍କ ସହ ପୁରୁଣା ସ୍ମୃତି ଓ ଅନୁଭୂତି ପ୍ରକାଶ କରିଥିଲେ। ସଭାରେ ନିମନ୍ତ୍ରିତ ଅତିଥିଙ୍କ ସହ ବୃଦ୍ଧାଶ୍ରମର ଅନ୍ତେବାସୀମାନେ ଯୋଗ ଦେଇଥିଲେ। ଶେଷରେ ମିନାକ୍ଷୀ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲ୍ଲା ସ୍କୁଲରେ 'ବିକଶିତ୍ ଭାରତ୍ କେ ରଙ୍ଗ୍, କଳା କେ ସଙ୍ଗ୍'



**ସମ୍ବଲପୁର, ୨୭।୯ (ସମିସ) :** ଐତିହାସିକ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ଆଜି ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ 'ବିକଶିତ୍ ଭାରତ୍ କେ ରଙ୍ଗ୍, କଳା କେ ସଙ୍ଗ୍' କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋକିତା ଦାଶ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ ଥିଲା 'ବିକଶିତ ଭାରତ'। କାର୍ଯ୍ୟକ୍ରମଟି ଇଷ୍ଟ ଜୋନ୍ କଲଚରାଲ୍ ସେଣ୍ଟର, କୋଲକାତା, ସମ୍ବଲପୁର ଟ୍ରାଇବାଲ ଆଣ୍ଡ ଫୋକ୍ ଆର୍ଟ ସେଣ୍ଟର ଏବଂ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ମିଳିତ ସହଯୋଗରେ ଆୟୋଜିତ ହୋଇଥିଲା। ପଦ୍ମଶ୍ରୀ ଡଃ ଜିତେନ୍ଦ୍ର ହରିପାଲ ସଭାରେ ବିଶିଷ୍ଟ ଅତିଥି ଏବଂ ବିଶିଷ୍ଟ ଚିତ୍ରଶିଳ୍ପୀ ମନୋଜ ଚୌଧୁରୀ, ଜିଲ୍ଲା ସ୍କୁଲର ପୁରାତନ ଛାତ୍ର ସଂଘ ସଭାପତି ଇଂ. ସୁରଜିତ ମିଶ୍ର ଓ ସମ୍ପାଦକ ଇଂ. ପ୍ରଦୀପ୍ତ କୁମାର ନାଥ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ଚିତ୍ରଶିଳ୍ପୀ ପ୍ରଶାନ୍ତ କୁମାର ମାଝୀ, ରାଧାରମଣ ମୁଦୁଲି, ସୁରଜିତ ରାଉତ ପ୍ରତିଯୋଗିତାରେ ବିଚାରକ ତଥା ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ପରେ ଚିତ୍ରାଙ୍କନ ଉପରେ ଏକ କର୍ମଶାଳା ଆୟୋଜିତ ହୋଇଥିଲା। କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ନୃତ୍ୟଗୁରୁ ଆଲୋକ କୁମାର ପଣ୍ଡା ଓ ତପନ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ଶଙ୍କର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ସୂଚନାଫଳକ ପଡ଼ି ଶିଶୁ ମୃତ

**କୁଚିଣ୍ଡା, ୨୭।୯ (ସମିସ):** କୁଚିଣ୍ଡା ଥାନା ଅଧିନସ୍ଥ କିଣ୍ଡିରାଗ୍ରାମର କିସାନପଡ଼ା ଠାରେ ଏକ ଅଭାବନୀୟ ଘଟଣା କ୍ରମେ ଜଣେ ୮ ବର୍ଷ ନିଷ୍ପାପ ଶିଶୁର ମୃତ୍ୟୁ ଘଟଣା ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛନ୍ତି। ସୂଚନା ଅନୁସାରେ କୁଚିଣ୍ଡା ବ୍ଲକ ହାଡ଼ିପାଲି ପଞ୍ଚାୟତ କିଣ୍ଡିରାଗ୍ରାମର କିସାନପଡ଼ା ଠାରୁ ବିଜଗୁଡ଼ା ଗ୍ରାମକୁ ଏକ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ ଚାଲିଛି। ସେଥି ନିମନ୍ତେ କାର୍ଯ୍ୟର ସମସ୍ତ ତଥ୍ୟ ପ୍ରକାଶିତ କରିବା ପାଇଁ ଏକ ସୂଚନା ଫଳକ ନିର୍ମାଣ କରାଯାଇଛି। କାମ ଏତେ ନିମ୍ନମାନର ଥିଲା ଯେ ସେହି ପାଖରେ ଖେଳୁଥିବା ଶିଶୁ ଉପରେ ପଡ଼ି ଯିବାରୁ ଶିଶୁ ସମ୍ପୂର୍ଣ୍ଣ ଇଟାଖଣ୍ଡ ଭିତରେ ପୋତି ହୋଇଯାଇଥିଲା। ତାକୁ ବଡ କଷ୍ଟରେ ବାହାର କରାଯାଇ କୁଚିଣ୍ଡା ଡାକ୍ତରଖାନାକୁ ଚିକିତ୍ସା ପାଇଁ ଅଣାଯାଇଥିଲା। ଶିଶୁର କାନ, ନାକ ଓ ମୁଣ୍ଡରୁ ଅଧିକ ରକ୍ତସ୍ରାବ ହେତୁ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଯାଇଥିଲା। ଶିଶୁ କଣ୍ଡିରା ଗ୍ରାମର ଜଗା ସେଉଲଙ୍କ ୮ ବର୍ଷର ପୁଅ ଆଶ୍ରିତ ସେଉଲ୍ ବୋଲି ଜଣାପଡ଼ିଛି। ଏନେଇ କୁଚିଣ୍ଡା ଥାନାରେ ମାମଲା ରୁଜୁ କରି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

**ଟଙ୍କାକିଆ କ୍ଲିନିକ୍‌ର ଅଭିନବ ପ୍ରୟାସ**

# ଝିଅ ଜନ୍ମ ଦିନରେ ୨୦ ଜଣ 'ସୁକନ୍ୟା' ଯୋଜନାରେ ସାମିଲ

**ସମ୍ବଲପୁର, ୨୭।୯ (ସମିସ):** ଟଙ୍କାକିଆ କ୍ଲିନିକର ଡ. ଶଙ୍କର ରାମଚନ୍ଦାନୀ ଏକ ଅଭିନବ ପ୍ରୟାସ କରିଛନ୍ତି। ଦୁଇ ଝିଅ ଜନ୍ମ ଦିନ ଅବସରରେ ୨୦ଜଣ କନ୍ୟାଙ୍କୁ ସୁକନ୍ୟା ଯୋଜନାରେ ସାମିଲ କରିଛନ୍ତି। ଡ. ରାମଚନ୍ଦାନୀ ପୂର୍ବରୁ ଏ ନେଇ ଘୋଷଣା ମଧ୍ୟ କରିଥିଲେ। କଥା ରଖିବାକୁ ଯାଇ ଆଜି ଦୁଇ ଝିଅ ରିଦ୍ଧି ଓ ରିୟାଂଶୀଙ୍କ ଜନ୍ମ ଦିନ ଅବସରରେ ୨୦ ଜଣ ଝିଅଙ୍କୁ ନୂତନ ବ୍ୟାଙ୍କ ଖାତା ଖୋଲି ୫ ହଜାର ଲେଖାଏଁ ମୋଟ ଏକ ଲକ୍ଷ ଟଙ୍କା ଜମା କରି ସୁକନ୍ୟା ଯୋଜନାରେ ସାମିଲ କରିଛନ୍ତି। ଝିଅ ଅଲୋଡ଼ା ନୁହେ, ଝିଅ ହେଉଛି ବରଦାନ ବାର୍ତ୍ତା ଦେଇ ସେ ଏହି ପ୍ରୟାସ କରିଥିବା କହିଛନ୍ତି। ପଦ୍ମପୁରର ୯ ଜଣ, ବୁର୍ଲାର ୪, ବଲାଙ୍ଗିରର ୨, ଜାମଲାର ୩ ଓ ଦେବଗଡ଼ର ୨ ଜଣ ଏହି ଯୋଜାନାରେ ସାମିଲ ହୋଇଛନ୍ତି। ସମସ୍ତେ ଝିଅଙ୍କୁ ବୋଝ ନ ଭାବିବାକୁ ସେ କହିଛନ୍ତି। ପ୍ରତି ବର୍ଷ ଏହି ୨୦ ଜଣ ଝିଅଙ୍କ ଖାତାରେ ସେ କିଛି କିଛି ଟଙ୍କା ଜମା କରିବେ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି।



# ୧୪ରେ କେନ୍ଦୁପତ୍ର ତୋଳାଳିଙ୍କ ପ୍ରତିବାଦ ଧାରଣା

ସମ୍ବଲପୁର, ୨୭।୯ (ସମିସ)

ଆଜି ସମ୍ବଲପୁର ସାମ୍ବାଦିକ ଭବନରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସମ୍ବଲପୁର ଡିଭିଜନ କମିଟିର ପ୍ରସ୍ତୁତି ବୈଠକ ସଂଘର ରାଜ୍ୟ ସଭାପତି ବିଜୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ଡିଭିଜନ ସମ୍ପାଦକ ତଥା ରାଜ୍ୟ ଉପସଭାପତି ଗୋକୁଳ ମେହେର ସଂଘ ପକ୍ଷରୁ ବିଭିନ୍ନ ଦାବୀ ନେଇ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟର ଅରଣ୍ୟ ଭବନରେ ଅକ୍ଟୋବର ୧୪ ତାରିଖରେ ହେବାକୁ ଥିବା ସମାବେଶ ତଥା ଧାରଣା ସମ୍ପର୍କରେ ସୂଚନା ଦେଇଥିଲେ। ଏଥିରେ ରାଜ୍ୟ ସଂଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ଏହି ସମାବେଶ ତଥା ଧାରଣା ଆନ୍ଦୋଳନକୁ ସଫଳ କରିବାକୁ ଆହ୍ୱାନ ଜଣାଇଥିଲେ।



ଏହି ସମାବେଶରେ ମୁଖ୍ୟତଃ ସିଜିନାଲ କର୍ମଚାରୀଙ୍କ ମାସିକ ମଜୁରୀ ସରକାର ଘୋଷଣା କରିଥିବା ସର୍ବନିମ୍ନ ମଜୁରୀ ଅନୁପାତରେ ଧାର୍ଯ୍ୟ କରିବା, କନ୍ୟା ବିବାହ ସହାୟତା, ବନ୍ଧେଇ ଶ୍ରମିକ ମାନଙ୍କ ବଣ୍ଡଲ ପ୍ରତି ମଜୁରୀ ବୃଦ୍ଧି ତଥା ତୋଳାଳୀ ଓ ବନ୍ଧେଇ ଶ୍ରମିକ ମାନଙ୍କ ଯଥାକ୍ରମେ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ୪୬୦ ଟଙ୍କା ଓ ୭୦୦ ଟଙ୍କା ସହାୟତା ଦିଆଯିବା କାର୍ଯ୍ୟକାରୀ ହୋଇନଥିବା ଏବଂ ତୋଳାଳିଙ୍କ ପତ୍ର ଦର ବୃଦ୍ଧି ଦାବୀରେ ଏହି ସମାବେଶ ତଥା ଧାରଣା ହେବାକୁ ଯାଉଥିବାରୁ ଏହାକୁ ସଫଳ କରିବାକୁ ସମ୍ବଲପୁର ଡିଭିଜନରୁ ୩୦୦ ଶହ ତୋଳାଳୀ ଏବଂ ଶ୍ରମିକମାନେ ଯୋଗଦେବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ ରେଞ୍ଜ ସମ୍ପାଦକ ଓ ହେଡ ଚେକର ଡିଲେଶ୍ୱର ପ୍ରଧାନ, ଟଙ୍କଧର ପ୍ରଧାନ, ରମେଶ ମାହାର, ଚୈତନ୍ୟ ହତା, ହିମାଂଶୁ ସେଠୀ, ପ୍ରଶାନ୍ତ ଦୀପ, ଅନାଦି ମିର୍ଦ୍ଧା, ଡିଙ୍ଗର ପ୍ରଧାନ, ହୃଦାନନ୍ଦ ଗୁରୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଆୟୁଷ ଛାତ୍ର ସଂଗଠନ ପକ୍ଷରୁ କଳା ଦିବସ




**ସମ୍ବଲପୁର, ୨୭।୯(ସମିସ):** ଆୟୁଷ ଛାତ୍ର ସଂଗଠନ ପକ୍ଷରୁ ସମସ୍ତ ସରକାରୀ ଆୟୁଷ ମହାବିଦ୍ୟାଳୟରେ ଆଜି କଳା ଦିବସ ପାଳନ କରାଯାଇଛି। ଏହି ପେରିପ୍ରକ୍ଷୀରେ ସମ୍ବଲପୁରରେ ମଧ୍ୟ ଏହା ପାଳିତ ହୋଇଛି। ସମସ୍ତ ଛାତ୍ରଛାତ୍ରୀ, କାର୍ଯ୍ୟରତ ହାଉସ୍ ସର୍ଜନମାନେ କଳାବ୍ୟାଜ୍ ପିନ୍ଧି ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ଆୟୁଷ ବିଭାଗର ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରୀଙ୍କୁ ଦାବି କରିଛନ୍ତି। ଲୋକଙ୍କ ସରକାର ସଦା ସର୍ବଦା ଆୟୁଷ ଛାତ୍ରଛାତ୍ରୀ ମାନଙ୍କ ସହିତ ରହି ଆସିଛନ୍ତି। ହେଲେ ଛାତ୍ରଛାତ୍ରୀଙ୍କ ମୂଳ ଦାବି ଗୁଡିକ ଆଜି ପର୍ଯ୍ୟନ୍ତ ପୂରଣ ହୋଇନାହିଁ। ଆଗକୁ ଦାବିଗୁଡିକ ଖୁବଶୀଘ୍ର ସରକାର ପୂରଣ କରିବେ ବୋଲି ସଂଗଠନର କାର୍ଯ୍ୟକର୍ତ୍ତା ଆଶା ରଖିଥିବା କହିଛନ୍ତି।

# ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ସୋସାଇଟି କନେକ୍ଟ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୭।୯ (ସମିସ)**




ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସ୍ଓୟୁ) ଗତ ସେପ୍ଟେମ୍ବର ୧୭ ତାରିଖ ଘୋଷଣା କରାଯାଇଥିବା ମହତ୍ତ୍ୱାକାଂକ୍ଷୀ ସୋସାଇଟି କନେକ୍ଟ କାର୍ଯ୍ୟକ୍ରମ "୫ ଦିନ - ୫ ଇଭେଣ୍ଟ - ୫ ଗ୍ରାମ" ସମାପନ କରିଛି। ଏହି କାର୍ଯ୍ରକ୍ରମ ଉନ୍ନତ ଭାରତ ଅଭିଯାନ (ୟୁବିଏ) ଅଧିନରେ ଓଏସ୍ଓୟୁର ପୋଷ୍ୟ ଗ୍ରାମ କର୍ଡୋଲା, ସାହାଜବାହାଲ, ସାନସିଂହାରୀ, ବଡ଼ସିଂହାରୀ ଓ ଚାଉଁରପୁରରେ କରାଯାଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ 'ବିକଶିତ ଗାଁ, ବିକଶିତ ଭାରତ ମିଶନ' ସ୍ଲୋଗାନକୁ ନେଇ ଏହି ପାଞ୍ଚ ଦିନରେ ବିଶ୍ୱବିଦ୍ୟାଳୟ ୫ଟି ଥିମ୍‌କୁ ନେଇ ଗ୍ରାମ ଏବଂ ରିଜିଓନାଲ ସେଣ୍ଟର ଗୁଡ଼ିକ ସହ ସଚେତନତା ଓ କାର୍ଯ୍ୟାନ୍ୱୟନ ଦିଗରେ କାର୍ଯ୍ୟ କରାଗଲା। ଏହି ୫ଟି ଥିମ୍ ହେଲା - ଗ୍ରୀନ୍ ଏନର୍ଜି, ଡିଜିଟାଲ ଏମ୍‌ପାୱାରମେଣ୍ଟ, ସେଲ୍‌ଫ-ହେଲ୍ଥକେୟାର ଆଣ୍ଡ ୱେଲ୍‌ନେସ୍, ରୁରାଲ ଅପରଚ୍ୟୁନିଟିଜ୍ ଏବଂ ଏଜୁକେସନ୍ ଫର୍ ଅଲ୍ (ଫର୍ମାଲ ଆଣ୍ଡ ଇନ୍‌ଫର୍ମାଲ)। ପୋଷ୍ୟ ଗ୍ରାମ ଗୁଡ଼ିକରେ ଓଏସ୍ଓୟୁ ଫାକଲ୍ଟି ଓ ଷ୍ଟାଫ୍‌ମାନେ ଗ୍ରାମବାସୀଙ୍କ ସହ କାର୍ଯ୍ୟକରି ତୃଣମୂଳ ସ୍ତରରେ ସେମାନେ ସାମ୍ନା କରୁଥିବା ଆହ୍ୱାନ ଏବଂ ବିଶ୍ୱବିଦ୍ୟାଳୟ କେଉଁ ଦିଗରେ ସହାୟତା ଯୋଗାଇପାରିବ ସେନେଇ ଅବଗତ ହୋଇଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଉଚ୍ଚ ଶିକ୍ଷା ପାଇଁ ଆଶା ରଖିଥିବା ଗ୍ରାମର ଯୁବକଯୁବତୀ ମାନଙ୍କୁ ମାଗଣା ଶିକ୍ଷା ଏବଂ ବିଶ୍ୱବିଦ୍ୟାଳୟରେ ଗ୍ରାମବାସୀଙ୍କୁ ନିଯୁକ୍ତି ସୁବିଧା ନେଇ ସଶକ୍ତିକରଣ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି କାର୍ଯ୍ୟକ୍ରମ ପରେ ଓଏସ୍ଓୟୁ କୁଳପତି ପ୍ରଫେସର ଶ୍ୟାମ ସୁନ୍ଦର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ହୋଇଥିଲା। ଏହି କାର୍ଯ୍ୟକ୍ରମ ଦ୍ୱାରା ଉଚ୍ଚ ଶିକ୍ଷା କେବଳ ଏକ ଶିକ୍ଷଣ ନୁହେଁ ବରଂ ଗ୍ରାମୀଣ ବିକାଶ ଦିଗରେ ଏକ ଶକ୍ତି ବୋଲି ଓଏସ୍ଓୟୁର ପ୍ରତିବଦ୍ଧତାକୁ ସୂଚାଉଛି।

# ୨୨୪ ର୍‍ୟାଙ୍କରେ ବରଗଡ଼ର ପ୍ରିୟଙ୍କା



**ବରଗଡ଼, ୨୭।୯(ସମିସ):** ବରଗଡ଼ ସହରର ବାହୁଟିକ୍ରା ବାସିନ୍ଦା ସିମାଞ୍ଚଳ ସାହୁ ଓ ସୁଶୀଳା ସାହୁଙ୍କ କନିଷ୍ଠ ଝିଅ ପ୍ରିୟଙ୍କା ସାହୁ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷାରେ ୨୨୪ ର୍‍ୟାଙ୍କ ସହ କୃତିତ୍ୱ ହାସଲ କରିଛନ୍ତି। ଖବର ପରେ ବରଗଡ଼ ଜିଲ୍ଲାରେ ତଥା ତାଙ୍କ ବନ୍ଧୁ ପରିଜନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି। ୨୦୧୯ ମସିହାରେ ବିଜ୍ଞାନରେ ସ୍ନାତକ କରିବା ପରେ ପ୍ରିୟଙ୍କା ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିଥିଲେ। ଏହି ସଫଳତା ନିମନ୍ତେ ବିଜୟ ରାଏ (ମୁନୁ) ଓ ନୋଟାରୀ ଦେବେନ୍ଦ୍ର ରଞ୍ଜନ ସାହୁ(ଡିଙ୍କୁ) ତଥା ତାଙ୍କ ସହପାଠୀ, ବନ୍ଧୁ ପରିଜନ ଶୁଭେଚ୍ଛା ଦେବା ସହ ତାଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ବିକାଶ ଆବାସିକ ବିଦ୍ୟାଳୟରେ ବିଜ୍ଞାନ ବିଭାଗର ଆଲୋଚନାଚକ୍ର



**ବରଗଡ଼, ୨୭।୯(ସମିସ):** ବିକାଶ ଆବାସିକ ବିଦ୍ୟାଳୟର ବିଜ୍ଞାନ ବିଭାଗ ପକ୍ଷରୁ 'ଫିଜିକ୍ସ ଲାଇଫ୍' ସମ୍ବନ୍ଧୀୟ ଆଲୋଚନା କରାଯାଇଛି। ଏଥିରେ ପଞ୍ଚାୟତ ମହାବିଦ୍ୟାଳୟର ସହାୟକ ପ୍ରଫେସର ଡ.କିଶୋର ନାୟକ ଏବଂ ପାର୍ବତୀଗିରି ମହିଳା ମହାବିଦ୍ୟାଳୟର ଅଧ୍ୟାପକ ବିଶ୍ୱଜିତ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ସଭାରେ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ, ସିନିୟର ସେକେଣ୍ଡାରୀ ଅଧ୍ୟକ୍ଷ ଚିତରଞ୍ଜନ ପତି, ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ଅଧ୍ୟାପକ କାନ୍ତା ରାଓ, ଉପାଧ୍ୟକ୍ଷ ଡ.ମନୋଜ ତ୍ରିପାଠୀ, ବିଜ୍ଞାନ ବିଭାଗର ସଂଯୋଜକ ରଞ୍ଜନ ସାହୁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ଦେବାଶିଷ ଭୋଇ, ତୁଷାର ନାୟକ, ଗେରି କ୍ରିଷନ୍ ପ୍ରଧାନ, ତାରିଣୀକାନ୍ତ ମିଶ୍ର ଏବଂ ସୌମିକ୍ କୁଣ୍ଡୁ ଏବଂ ଅନ୍ୟାନ୍ୟ ଅଧ୍ୟାପକ ଏବଂ ଅଧ୍ୟାପିକା ଉପସ୍ଥିତ ଥିଲେ। ଏଥିରେ ଉଭୟ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଆଲୋଚନାଚକ୍ରର ବିଷୟବସ୍ତୁ ଉପରେ ଉପସ୍ଥାପନ କରିଥିଲେ। ପାଠଚକ୍ରରେ ବିଜ୍ଞାନ ବିଭାଗରେ ଅଧ୍ୟୟନ କରୁଥିବା ଅନ୍ୟାନ୍ୟ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ରଞ୍ଜନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଓଡ଼ିଶା ନାଟ୍ୟ ସଂଘର ପ୍ରତିଷ୍ଠା ଦିବସ

**ସମ୍ବଲପୁର, ୨୭।୯ (ସମିସ):** ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଓଡ଼ିଶା ନାଟ୍ୟ ସଂଘ ଏବଂ ଅଦୃଶ୍ୟ ନାଟ୍ୟ ଆଶ୍ରମ ମିଳିତ ଆନୁକୂଲ୍ୟରେ ସମ୍ବଲପୁରୀ ନାଟକର ଗତି, ସ୍ଥିତି, ବିକାଶ ଓ ଆହ୍ୱାନ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଡଃ ଶ୍ୟାମ ସୁନ୍ଦର ଧର ସଭାପତିତ୍ୱ କରିଥିଲାବେଳେ ଡଃ ଦ୍ୱାରିକା ନାଥ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଓଡ଼ିଶା ନାଟ୍ୟ ସଂଘର ଉପସଭାପତି ସତ୍ୟ ରଞ୍ଜନ ବେହେରା, ସଂଘର ଆଭ୍ୟନ୍ତରୀଣ ହିସାବ ରକ୍ଷକ ପ୍ରଦୀପ ପଣ୍ଡା ସମୀକ୍ଷକ ଭାବରେ ଯୋଗ ଦେଇଥିଲେ। ଆଲୋଚକ ଭାବରେ ମମତା ପଣ୍ଡା, ଆଶିଷ ସୋନାର, ପ୍ରଶାନ୍ତ ମହାରଣା, ନରେନ୍ଦ୍ର ବେହେରା, ସପନ ମିଶ୍ର, ଡଃ ଚନ୍ଦ୍ରକାନ୍ତ ମହାନନ୍ଦ, ବବଲୁ ବାଗ, ପଙ୍କଜିନୀ ମେହେର ନିଜ ବକ୍ତବ୍ୟ ରଖିଥିଲେ। ଶେଷରେ ସୁଶୀଲ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଓଡ଼ିଶା ନାଟ୍ୟ ସଂଘର ସମ୍ବଲପୁର ଜିଲ୍ଲା ସଂଯୋଜକ ଅତିଶ ଶତପଥୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବାବେଳେ ରାହୁଲ ଗୁପ୍ତା ସହଯୋଗ କରିଥିଲେ।




# ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ସ୍ୱଚ୍ଛତା ସଚେତନତା କାର୍ଯ୍ୟକ୍ରମ

**ବରଗଡ଼, ୨୭।୯(ସମିସ):** ବରଗଡ଼ ବ୍ଲକ ଅଧୀନ ଗାଇସୀମା ପଞ୍ଚାୟତ ସ୍ଥିତ ଶ୍ରୀ ଶ୍ରୀ ବରାଡ ବାଲୁଙ୍କେଶ୍ୱର ଶିବ ମନ୍ଦିରରେ ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ ସରପଞ୍ଚ ଧିରନ ମହାପାତ୍ରଙ୍କ ନେତୃତ୍ୱରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିର ପରିସର ସଫା କରିବା ସହ ଗୋଷ୍ଠୀ ଶୌ÷ଚାଳୟ ସଫେଇ କରାଯାଇଥିଲା। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ବ୍ୟବହାର କରିବା ଦ୍ୱାରା ପରିବେଶ ଦୂଷିତ ହେଉଥିବାରୁ ଏହାର ବର୍ଜନ କରିବାକୁ ଗାଁର ମହିଳାମାନଙ୍କ ଦ୍ୱାରା ସଚେତନତା ସୃଷ୍ଟି କରାଯାଇଥିଲା। କାର୍ଯ୍ୟକ୍ରମରେ ଗାଇସୀମା ସରପଞ୍ଚ ଧିରନ ମହାପାତ୍ର ସହ କାର୍ଯ୍ୟନିର୍ବାହୀ ଅଧିକାରୀ ମିଲୁ ଭୋଇ, ଯୋଗାଣ ସହାୟକ ନକୁଲ ଭୋଇ, ଏମବିକେ କମଳୀନି ମହାପାତ୍ର, ୱାର୍ଡ ସଭ୍ୟ/ସଭ୍ୟା, ସିଆରପି, ବ୍ୟାଙ୍କମିତ୍ର ସହ ଗାଁର ବହୁ ମହିଳା ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



# ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ

**ରେଢ଼ାଖୋଲ, ୨୭।୯(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ଅନ୍ତର୍ଗତ ନାକଟିଦେଉଳ ବ୍ଲକର ଡଇଁଚା ଗ୍ରାମର ବାପୁଜୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଜିଲ୍ଲା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ସମାଜସେବୀ ତଥା ରେଢ଼ାଖୋଲ ବିଜ୍ଞାପିତ ଅଞ୍ଚଳର ଅଧ୍ୟକ୍ଷ ଶିବରାମ ସାହୁଙ୍କ ଦ୍ୱାରା ସ୍କୁଲରେ ଛାତ୍ରଛାତ୍ରୀଙ୍କୁ ନେଇ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଏବଂ ଅନ୍ୟାନ୍ୟ ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତଥିଲେ। ଚଳିତ ବର୍ଷ ଶ୍ରୀ ସାହୁ ଉପଖଣ୍ଡର ସମସ୍ତ ସ୍କୁଲରେ ଯାଇ ବୃକ୍ଷରୋପଣ କରିବା ପାଇଁ ଲକ୍ଷ ରଖିଛନ୍ତି। ଦୀର୍ଘ ବର୍ଷ ଧରି ବୃକ୍ଷରୋପଣ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିବାରୁ ରାଜସ୍ୱ ମନ୍ତ୍ରୀ ମାନପତ୍ର ଦେଇ ସମ୍ମାନିତ କରିଥିଲେ। ପୂର୍ବରୁ ବିଭିନ୍ନ ସଂଗଠନ ପକ୍ଷରୁ ଅନେକ ସମ୍ମାନ ଶ୍ରୀ ସାହୁଙ୍କୁ ମିଳିଛି। ମୋର ଜୀବନ ଥିବା ପର୍ଯ୍ୟନ୍ତ ଗଛ ଲଗାଉଥିବି ଏବଂ ଆସନ୍ତା ବର୍ଷ ରେଢ଼ାଖୋଲ ଏନ୍ଏସିର ସମସ୍ତଙ୍କ ଘରେ ଘରେ ଗଛ ପହଞ୍ଚଇବାର ଲକ୍ଷ ଏବଂ ଉଦ୍ଦେଶ୍ୟ ରଖିଛି ବୋଲି କହିଛନ୍ତି। ବିଭିନ୍ନ ବିଦ୍ୟାଳୟରେ ଯେତିକି ବୃକ୍ଷ ଲଗାଇଛନ୍ତି ସେଗୁଡିକ ନିଜ ପ୍ରୟାସ ଏବଂ ନିଜ ଖର୍ଚ୍ଚରେ ବୋଲି କହିଥିଲେ।




# ସ୍ନାତକ ମହାବିଦ୍ୟାଳୟରେ ଏନଏସ୍ଏସ୍ ଦିବସ

**ନାକଟିଦେଉଳ, ୨୭।୯(ସମିସ):** ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ଏନ୍ଏସ୍ଏସ୍ ଦିବସ ପାଳିତ ହୋଇଯାଇଛି।ଅନୁଷ୍ଠାନର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସୀୟ ସେବାରେ ଏନ୍ଏସ୍ଏସ୍ ପ୍ରୋଗ୍ରାମ ଅଫିସର ଡ଼ ପୁଷ୍ପାଞ୍ଜଳି ରଚନା ଏନ୍ଏସ୍ଏସ୍‌ର ଭୂମିକା, ଉଦ୍ଦେଶ୍ୟ ଓ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲା ବେଳେ ଅଧ୍ୟାପକ ସୁଭାଷ ଚନ୍ଦ୍ର ବେହେରା ବ୍ୟକ୍ତିତ୍ୱ ନିର୍ମାଣରେ ଏନ୍ଏସ୍ଏସ୍‌ର ଗୁରୁତ୍ୱ ବିଷୟରେ ଆଲୋଚନା କରିଥିଲେ।ଅନ୍ୟତମ ଏନ୍ଏସ୍ଏସ୍ ପୋଗ୍ରାମ୍ ଅଫିସର୍ ଅଧ୍ୟାପକ ଭଜମୋହନ ପ୍ରଧାନ ନାକଟିଦେଉଳ ମହାବିଦ୍ୟାଳୟ ଏନ୍ଏସ୍ଏସ୍ ୟୁନିଟ୍ ଗୁଡିକର ବିବରଣୀ ପ୍ରଦାନ କରିଥିଲେ। ଅଧ୍ୟାପକ ଦେବେଶ କୁମାର ବିଶ୍ୱାଳ, ଶେଷ ଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଅଧ୍ୟାପିକା ଲିଟିନା ପ୍ରିୟଦର୍ଶିନୀ ଓ ଜୟନ୍ତୀ ପ୍ରଧାନ ଏନ୍ଏସ୍ଏସ୍‌ର ସାମାଜିକ ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିଲେ। ରଚନା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏନ୍ଏସ୍ଏସ୍ ସମ୍ପର୍କରେ ଏକ ବୃତ୍ତଚିତ୍ର ପ୍ରଦର୍ଶିତ ହୋଇଥିଲା।

# ଅଧ୍ୟକ୍ଷଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ସମ୍ବଲପୁର, ୨୭।୯ (ସମିସ):** ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ସମ୍ବଲପୁର ଅଧ୍ୟକ୍ଷ ବ୍ରଜକିଶୋର ହୋତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ଦୀର୍ଘ ପ୍ରାୟ ଚାରି ଦଶନ୍ଧି କାଳ ଶ୍ରୀମା ଶ୍ରୀ ଅରବିନ୍ଦଙ୍କ ସେବା ଭବନରେ କାର୍ଯ୍ୟ କରିଥିଲେ। ଶ୍ରୀ ହୋତା ସହକାରୀ ଶିକ୍ଷକ, ଉପାଧ୍ୟକ୍ଷ, ଭାରପ୍ରାପ୍ତ ଅଧ୍ୟକ୍ଷ ଏବଂ ପରବର୍ତ୍ତୀ କାଳରେ ଅଧ୍ୟକ୍ଷ ଭାବରେ କାର୍ଯ୍ୟ ତୁଲାଇ ସେବାରୁ ଅବସର ଗ୍ରହଣ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଶ୍ରୀ ହୋତାଙ୍କ ସୁସ୍ଥ ଓ ନିରାମୟ ଜୀବନ କାମନା କରିଥିଲେ। ସଭାରେ ସ୍କୁଲ ତଥା ଟ୍ରଷ୍ଟ ସମ୍ପାଦକ ନିହାର ରଞ୍ଜନ ପଣ୍ଡା, ଉପାଧ୍ୟକ୍ଷ ସଞ୍ଜୀବ କୁମାର ଗୁରୁ, ଶିକ୍ଷକ, ଶିକ୍ଷୟିତ୍ରୀମାନେ ବ୍ରଜକିଶୋର ହୋତାଙ୍କ କାର୍ଯ୍ୟକାଳ ବିଷୟରେ ବକ୍ତବ୍ୟରେ ଉଲ୍ଲେଖ କରିଥିଲେ।

## ଇଷ୍ଟଜୋନ ଜୁନିୟର ଆଥଲେଟିକ୍ ଚାମ୍ପିଅନସିପ

# କଳାହାଣ୍ଡିର ରେଶମା ବେହେରାଙ୍କୁ ସ୍ୱର୍ଣ୍ଣ ପଦକ

**ଭବାନୀପାଟଣା, ୨୭।୯ (ସମିସ):** ରାଞ୍ଚି ମୋରବାଡି ଫୁଟବଲ ଷ୍ଟାଡିୟମରେ ଗତ ୩ଦିନ ଧରି୩୬ତମ ଇଷ୍ଟ ଜୋନ ଜୁନିୟର ଆଥେଲେଟିକ ଚାମ୍ପିୟାନସିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୬ ବର୍ଷରୁ କମ ବାଳିକା ବିଭାଗରେ କଳାହାଣ୍ଡିର ରେଶମା ବେହେରା ଶ୍ରେଷ୍ଠ ପ୍ରଦର୍ଶନ କରିଛନ୍ତି। ସେ ଉଚ୍ଚ ଡିଆଁରେ ୧.୪୬ ଫୁଟ ଡେଇଁ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଏହି ସଫଳତାକୁ ନେଇଁ କଳାହାଣ୍ଡି ଜିଲା କ୍ରିଡା ସଂସ୍ଥାର କାର୍ଯ୍ୟକାରୀ ସଭାପତି ତଥା ଓଡ଼ିଶା ଆର୍ଚେରୀ ଏସୋସିଏସନର ଉପ ସଭାପତି ସୁନୀଲ କୁମାର ବେହେରା, ସାଧାରଣ ସମ୍ପାଦକ ତଥା ଓଡ଼ିଶା କ୍ରିକେଟ ଏସୋସିଏସନର ଉପ ସଭାପତି ଜଗମୋହନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ କାଳୀ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ସର୍ଦ୍ଦାର ନିର୍ମଳ ସିଂ, ଖେଳ ସମ୍ପାଦକ ଧିରେନ୍ଦ୍ର କୁମାର ପଟ୍ଟନାୟକ, ପଙ୍କଜ କୁମାର ପଟ୍ଟନାୟକ, ଜିତେନ୍ଦ୍ର ପ୍ରସାଦ ପଟ୍ଟନାୟକ, ସୁରେଶ ଗଉଡ ଓ ସଂସ୍ଥାର ସମସ୍ତ କର୍ମକର୍ତ୍ତା ରେଶମାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏମ.ରାମପୁର ବ୍ଲକସ୍ଥିତ ଟେମ୍ବ୍ରା ଗ୍ରାମର ନୃପରାଜ ବେହେରାଙ୍କ ଝିଅ ରେଶମା ଅଟନ୍ତି।






# ବିଶ୍ୱ ପର୍ଯ୍ୟଟନ ଦିବସରେ କ୍ୱିଜ୍ ପ୍ରତିଯୋଗିତା

**ସମ୍ବଲପୁର, ୨୭।୯ (ସମିସ)**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସମ୍ବଲପୁର ପାନ୍ଥନିବାସରେ ଜିଲ୍ଲାସ୍ତରୀୟ କ୍ୱିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। କ୍ୱିଜ୍ ପ୍ରତିଯୋଗିତାକୁ ପର୍ଯ୍ୟଟନ ବିଭାଗର ସହକାରୀ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ଦଳାଇ କ୍ୱିଜ୍ ମାଷ୍ଟର୍ ଭାବେ ପରିଚାଳନା କରିଥିଲେ। ତାଙ୍କୁ ପର୍ଯ୍ୟଟନ କାର୍ଯ୍ୟାଳୟର କର୍ମଚାରୀ ବୁଦ୍ଧଦେବ ବୁଡୁଲା, ଶିବ ପ୍ରସାଦ ପାଣିଗ୍ରାହୀ ଓ ଲୁଟନ କିସାନ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସ୍କୁଲ ଏବଂ କଲେଜ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରିଥିଲେ। ସ୍କୁଲସ୍ତରୀୟ ପ୍ରତିଯୋଗିତାରେ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ଅମୃତା ମିଶ୍ର ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ସ୍ମୃତି ରଞ୍ଜନ ମହାନ୍ତି ଦ୍ୱିତୀୟ ଓ ପିଏମଶ୍ରୀ ଏନଆରଜି ହାଇସ୍କୁଲର ସାହିଲ୍ ଖଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। କଲେଜସ୍ତରୀୟ ପ୍ରତିଯୋଗିତାରେ ଗଙ୍ଗାଧର ମେହେର କନିଷ୍ଠ କଲେଜର ଓମକାର ବଡ଼ପଣ୍ଡା ପ୍ରଥମ, ଅର୍ପିତା ମିଶ୍ର ଦ୍ୱିତୀୟ ଓ ସାଗରିକା ଦଳାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ବଲପୁର ଜିଲ୍ଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଛାତ୍ରଛାତ୍ରୀ ତଥା ଉପସ୍ଥିତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଶ୍ୱ ପର୍ଯ୍ୟଟନ ଦିବସର ତାତ୍ପର୍ଯ୍ୟ ଓ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଯାଇଥିଲା।



ସୃଜନିକା

ସକାଳ
THE SAKALA
www.sakalaepaper.com



# ଅସ୍ପୃଶ୍ୟ

ମୂଳ ଇଂରାଜୀ : ରସ୍କିନ୍ ବଣ୍ଡ
ଅନୁବାଦ : ପ୍ରଦ୍ୟୁମ୍ନ ପଟ୍ଟନାୟକ



ଝାଡୁଦାର ପିଲାଟି ଦ୍ୱାରରେ ଟଙ୍ଗା ହୋଇଥିବା ବେଣାଚେର ମସିଣା ଉପରେ ପାଣି ଛାଟି ଦେବାରୁ କିଛି ସମୟ ପାଇଁ ପବନ ଥଣ୍ଡା ହୋଇଗଲା । ମୁଁ ମୋ ଖଟ ଧାରରେ ବସି ଖୋଲା ଝରକାରେ ଦି' ପହରରେ ଜଳୁଥିବା ଧୂଳି ରାସ୍ତାକୁ ଦେଖୁଥାଏ । ଗୋଟିଏ ମଟର କାର ଚାଲିଯିବା ପରେ ରାସ୍ତାର ଧୂଳି ତରଙ୍ଗାୟିତ ହୋଇ ମେଘ ଭଳି ଉଡ଼ିବାକୁ ଲାଗିଲା ।

ମୋ ବାପା ମେଲେରିଆରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ପଡ଼ିବାରୁ ରାସ୍ତା ସେପଟର ପଡ଼ୋଶୀଙ୍କୁ ମୋ' ଦାୟିତ୍ୱ ଦେଇ ଯାଇଥାନ୍ତି । ମୁଁ ତାଙ୍କ ସହ ରହିବା ଏବଂ ତାଙ୍କ ଘରେ ଶୋଇବା କଥା । କେବଳ ଖାଇବା ବ୍ୟତୀତ ମୁଁ କିନ୍ତୁ ତାଙ୍କ ଠାରୁ ଦୂରେଇ ରହୁଥିଲି । ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେ ମୋତେ ଭଲ ଲାଗୁନଥିଲେ ।

ଗୋଟେ ସପ୍ତାହରୁ ଅଧିକ ହେବ ମୁଁ ସହର ବାହାରେ, ଜଙ୍ଗଲ ପାଖରେ ଥିବା ନାଲି ଇଟାର ବଙ୍ଗଳାରେ ଏକୁଟିଆ ରହୁଥିଲି । ରାତିରେ ଝାଡୁଦାର ପିଲା ମୋତେ ଜଗି ରହୁଥିଲା । ରୋଷେଇ ଘରେ ଶୋଉଥିଲା । ତା' ବ୍ୟତୀତ ମୋର କେହି ସାଥୀ ନଥିଲେ । ପଡ଼ିଶାରେ ଥିବା ପିଲାମାନେ ମୋତେ ଭଲ ଲାଗୁ ନଥିଲେ କି ମୁଁ ତାଙ୍କୁ ଭଲ ଲାଗୁ ନଥିଲି । ତାଙ୍କ ମା' ମୋତେ ଝାଡୁଦାର ପିଲା ସହ ଖେଳିବାକୁ ମନା କରି କହିଲେ, "ସେ ଅସନା, ତାକୁ ଛୁଁ ନା । ମନେରଖ, ସେ ଜଣେ ଚାକର । ତୁ ଆସି ଆମ ପିଲାଙ୍କ ସହ ଖେଳ ।" ମୁଁ ଝାଡୁଦାର ପିଲା ସହ ଖେଳୁ ନଥିଲି କି ତାଙ୍କ ପିଲାଙ୍କ ସହ ବି ଖେଳିବାକୁ ଇଚ୍ଛା କରୁନଥିଲି । ମୁଁ ମୋ ବିଛଣାରେ ବସି ବସି ସପ୍ତାହ ସାରା ମୋ' ବାପାଙ୍କର ଆସିବାକୁ ଅପେକ୍ଷା କରୁଥିଲି ।

ଗୋଟିଏ ବାଲଟିକୁ ଠଣ ଠାଣ କରି ଝାଡୁଦାର ପିଲା ଦିନସାରା ଘରୁ ପୋଖରୀ ଯାଏ ବାରମ୍ବାର ଯିବା ଆସିବା କରୁଥାଏ । ସେ ବି ମୋ ଭଳି ଦଶ ବର୍ଷର । ଛୋଟ ଛୋଟ ରୁଟି, ଧଳା ଦାନ୍ତ ଏବଂ ଧୂଳି ମଳି ହାତ, ପାଦ ଓ ମୁହଁ । ଗାଢ଼ ବାଦାମୀ ରଙ୍ଗର ଦେହରେ କେବଳ ଖଣ୍ଡେ ଖାକି ପ୍ୟାଣ୍ଟ ବ୍ୟତୀତ ସାରା ଦେହ ଫୁଙ୍ଗୁଳା । ସବୁ ଥର ପୋଖରୀରୁ ପାଣି ଆଣିବା ବେଳେ ସେ ଗାଧୋଇ ପଡୁଥାଏ । ତା' ମୁଣ୍ଡରୁ ଗୋଡ଼ ଯାଏ ଝରୁଥିବା ପାଣି ଧାର ଚକ୍ ଚକ୍ କରୁଥାଏ ।

ମୁଁ ଝାଳରେ ବୁଡ଼ି ଯାଉଥାଏ । ପୋଖରୀରେ ଗାଧୋଇବା ମୋ' ପାଇଁ ଥିଲା ନୀଚସ୍ତରର, ଯେଉଁଠି ମାଳି, ପାଣି ବୁହାଳୀ, ରୋଷେୟା, ଆୟା, ଝାଡୁଦାର ଏବଂ ତାଙ୍କ ପିଲାମାନେ ଏକାଠି ହେଉଥିଲେ । ମୁଁ ଜଣେ ସାହେବ ଘର ପିଲା ହୋଇଥିବାରୁ ଚାକରମାନଙ୍କ ପିଲାଙ୍କ ସହ ମୋର ଖେଳିବା କଥା ନୁହଁ । କିନ୍ତୁ ମୁଁ ସ୍ଥିର କରିଥିଲି ଅନ୍ୟ ସାହେବ ପିଲାମାନଙ୍କ ସହ ବି ନଖେଳିବାକୁ, କାରଣ ମୁଁ ତାଙ୍କୁ ଭଲ ଲାଗୁ ନଥିଲି କି ସେମାନେ ମୋତେ ଭଲ ଲାଗୁ ନଥିଲେ ।

ବସି ବସି ମୁଁ ଝରକା କାଚରେ ମାଛି ଭଣ ଭଣ ହେବା, ଝିଟିପିଟି ଲୁଚିଯିବା ଏବଂ ପବନରେ ଶୁଖିଲା ଫୁଲଗୁଡ଼ିକ ଏଣେ ତେଣେ ଉଡୁଥିବା ଦେଖୁ ଥିଲି । ଝାଡୁଦାର ପିଲାଟି ଖେଳିବା ଢଙ୍ଗରେ ଆସି ସାଲ୍ୟୁଟ୍ କଲା । ମୁଁ ତା' ଆଡ଼କୁ ନଚାହିଁ କହିଲି, 'ପଳା ଯା!' ସେ ରୋଷେଇ ଘରକୁ ଚାଲି ଗଲା । ମୁଁ କୋଠରି ପାର ହୋଇ ଟୋପି ଥାକରୁ ମୋ ଖରା ଟୋପି ଉଠାଇ ଆଣିଲି । ଗୋଟେ ବିଛା କାନ୍ଥରୁ ପଡ଼ି ତଳେ ଚାଲିବାକୁ ଲାଗିଲା । ମୁଁ ଡରି ଯାଇ ଖଟ ଉପରକୁ ଡେଇଁ ପଡ଼ି ସାହାଯ୍ୟ ପାଇଁ ପାଟି କଲି ।

ଝାଡୁଦାର ପିଲା ତୀର ବେଗରେ ଛୁଟି ଆସିଲା । ସେ ମୋତେ ଖଟ ଉପରେ ଓ ବିଛାକୁ ଚଟାଣରେ ଦେଖି ଥାକରୁ ଗୋଟେ ବଡ଼ ବହି ଆଣି ତାକୁ ଚାପି ଦେଲା । ମୁଁ ମୋ ବିଛଣା ଉପରେ ଠିଆ ହୋଇ ଭୟ ଏବଂ ଘୃଣାରେ ଥରୁଥିଲି । ସେ ତା' ଧଳା ଦାନ୍ତ ଦେଖାଇ ମୋ ଉପରେ ହସିବାରୁ ମୋତେ ଲାଜ ଲାଗିଲା । ମୁଁ ଆଉ ସେ ଟୋପି ଥାକ ପାଖକୁ ଗଲି ନାହିଁ କି ତାକୁ ଛୁଇଁଲି ନାହିଁ । କେବଳ ମୋ ବାପାଙ୍କ ଘରକୁ ଆସିବା ଚାହୁଁଥିଲି । ମୋ' କାନ ପାଖରେ ଗୋଟିଏ ମଶା ଗୀତ ଗାଇ ଚାଲିଗଲା । ଦ୍ୱିଧାର ସହ ମୁଁ ତାକୁ ଧରିବାକୁ ଚାହୁଁ ଥିଲି । ସେ ଖସି ଯାଇ ଡ୍ରେସିଂ ଟେବୁଲ ପଛପଟେ ଅଦୃଶ୍ୟ ହୋଇଗଲା । ସେହି ମଶା ବୋଧେ ମୋ' ବାପାଙ୍କୁ ମେଲେରିଆ ଦେଇଥିଲା ଏବଂ ମୋତେ ଦେବାକୁ ଚେଷ୍ଟା କରୁଥିଲା ।

ରାତିରେ ମୁଁ ମୋ ବିଛଣାରେ ବସି ବତୀ ଲଗାଇ ପଢ଼ିବାକୁ ଲାଗିଲି । ତେବେ ବହିଗୁଡ଼ିକ ବି ମୋ ଉଦ୍‌ବେଗକୁ ପ୍ରଶମିତ କରି ପାରିଲେ ନାହିଁ । ଝାଡୁଦାର ପିଲା ଘର ସାରା ବୁଲି ବୁଲି ସବୁ ଝରକା କବାଟ ବନ୍ଦ କରିଦେଲା । ସେ ସବୁ ସ୍ୱିଚ୍ ବନ୍ଦ କରି ତା' ଶୋଇବା ଘରକୁ ଚାଲି ଗଲା । ବାହାର ଭିତର ସବୁଆଡ଼େ ଅନ୍ଧାର । କେବଳ ଝାଡୁଦାର ପିଲାର କୋଠରି କବାଟ ଫାଙ୍କରୁ ଧାରେ ଆଲୁଅ ଦିଶୁଥିଲା, ସେ ବି ବନ୍ଦ ହୋଇଗଲା ।

ମୁଁ ଭାବିଲି ପଡ଼ିଶା ଘରେ ଶୋଇ ଯାଇଥିଲେ ଠିକ୍ ହୋଇ ଥାଆନ୍ତା । ଅନ୍ଧାର ମୋତେ ବିବ୍ରତ କରୁଥିଲା । ନିରବତା ମଧ୍ୟରେ ଶୁଖିଲା ପତ୍ରର ମର୍ମର... । ମୋତେ ଲାଗିଲା ଯେମିତି ସାପଟିଏ ଶୁଖିଲା ଡାଳ ପତ୍ର ଉପରେ ଚାଲୁଛି । ମୋର ମନେ ପଡ଼ିଗଲା ବହୁ ଆଗରୁ ଶୁଣିଥିବା କଥାଟିଏ । ଗୋଟିଏ ଶୋଇବା ପିଲାକୁ ନାଗ ସାପ କାମୁଡ଼ି ଦେଇଥିଲା । ମୁଁ ଶୋଇ ପାରିଲି ନାହିଁ । ବାପାଙ୍କୁ ଖୋଜୁ ଥିଲି । ପୁଣି ସଟର୍ ଉଠିବା ଏବଂ କବାଟ ଖୋଲିବା ଶବ୍ଦ । ସେ ଗୋଟିଏ ଭୂତ ରାତି ଥିଲା । ଭୂତ !

ହେ ଭଗବାନ ! ମୁଁ କାହିଁକି ସେସବୁ ଚିନ୍ତା କରୁଛି ! ହେ ଭଗବାନ ସେ ଭୂତ ଗାଧୁଆ ଘର କବାଟ ପାଖରେ ଠିଆ ହୋଇଛି । ମୋ ବାପା । ମୋ ବାପା ମେଲେରିଆରେ ମରି ଯାଇଛନ୍ତି ଏବଂ ମୋତେ ଦେଖିବାକୁ ଆସିଛନ୍ତି । ମୁଁ ଯାଇ ସ୍ୱିଚ୍ ଟିପି ଦେଲି । କୋଠରି ଆଲୋକିତ ହୋଇଗଲା । ମୁଁ ପୂରା ଭୟରେ ବୁଡ଼ି ଯାଇଥିଲି । ଝାଳରେ ମୋ ରାତ୍ର ପୋଷାକ ଭିଜି ଯାଇଥିଲା । ମୁଁ ଯାହା ଦେଖିଥିଲି ସେ ମୋ' ବାପା ନୁହଁ ତାଙ୍କ ଗାଧୁଆ ଗାଉନ ଥିଲା ଯାହାକୁ ସେ ଡାକ୍ତରଖାନା ନେଇ ନଥିଲେ । ମୁଁ ଆଲୁଅ ଲିଭାଇ ଦେଲି ।

ବାହାରର ନିରବତା ଆହୁରି ଗଭୀର ଏବଂ ନିକଟତର ହେଉଥିଲା । ମୋର ମନେ ପଡ଼ି ଯାଉଥିଲା ବିଛା, ବାଦୁଡ଼ି, ନାଗ ସାପ ଏବଂ ଶୋଇବା ପିଲା କଥା । ମୁଁ ଚାଦରକୁ ମୋ' ମୁଣ୍ଡ ଉପରକୁ ଭିଡ଼ି ଆଣିଲି । ଭାବିଲି ମୁଁ ଯଦି କାହାକୁ ନଦେଖେ ମୋତେ କେହି ଦେଖି ପାରିବେ ନାହିଁ । ଗୋଟିଏ ଘଡ଼ଘଡ଼ି ସେ ନିରବତାକୁ ଖଣ୍ଡ ଖଣ୍ଡ କରି ଭାଙ୍ଗି ଦେଲା । ବିଜୁଳି ଝଲକ ଆକାଶରେ ଦେଖାଦେଲା । ସେ ଏତେ ପାଖରେ ଥିଲା ଯେ ମୁଁ ଚାଦର ତଳେ ଥିଲେ ବି ମୋତେ ଗଛ ଏବଂ ବିପରୀତ ଦିଗରେ ଥିବା ଘର ଗୋଟିଏ ସ୍ୱର୍ଣ୍ଣାଭ କାନଭାସ୍‌ରେ ଛାୟା ମୂର୍ତ୍ତି ଭଳି ଦେଖା ଗଲା । ମୁଁ ଆହୁରି ଚାଦର ଭିତରକୁ ପଶିଯାଇ ମୋ କାନକୁ ତକିଆରେ ଘୋଡ଼ାଇ ଦେଲି । କିନ୍ତୁ ପରବର୍ତ୍ତୀ ବିଜୁଳି ଘଡ଼ଘଡ଼ି ତାଠୁ ଆହୁରି ଜୋର୍ ଥିଲା । ମୁଁ ଏ ପର୍ଯ୍ୟନ୍ତ ଶୁଣିଥିବା ଘଡ଼ ଘଡ଼ିଠାରୁ ବି ଜୋର୍ । ମୁଁ ତାକୁ ସହ୍ୟ କରି ପାରିଲି ନାହିଁ । ବିଛଣାରୁ ଉଠି ପଡ଼ିଲି ଏବଂ ଦୌଡ଼ି ଅସଂଯତ ଭାବେ ଝାଡୁଦାର ପିଲାର କୋଠରିରେ ପଶି ଗଲି ।

ସେ ପିଲା ଖାଲି ଚଟାଣରେ ବସିଥିଲା ।

କ'ଣ ହେଲା ! ପଚାରିଲା । ବିଜୁଳି ଆଲୁଅରେ ତା' ମୁହଁ ଦାନ୍ତ ଦିଶୁଥିଲା । ତା' ପରେ ଆଉ ଦେଖାଗଲା ନାହିଁ ଅନ୍ଧାରରେ ।

ମୁଁ କହିଲି, "ମୋତେ ଡର ଲାଗୁଛି ।" ମୁଁ ତା' ପାଖକୁ ଘୁଞ୍ଚି ଯାଇ ତା' କାନ୍ଧକୁ ଛୁଇଁଲି ।


ସିଏ କହିଲା, "ଏଇଠି ରୁହ ମୋତେ ବି ଡର ଲାଗୁଛି । ମୁଁ କାନ୍ଥକୁ ଆଉଜି ବସି ଗଲି ସେ ଅଜାତି, ଅସ୍ପୃଶ୍ୟ ପାଖରେ । ତା' ପରେ ବିଜୁଳି ଘଡ଼ଘଡ଼ି ବନ୍ଦ ହୋଇ ବର୍ଷା ହେବାକୁ ଲାଗିଲା । ବର୍ଷା ପାଣିର ସୁ ସୁ ଗର୍ଜନରେ ଢେଉ ଢେଉକା ଛାତ ଉପରୁ ତଳକୁ ପଡୁଥିଲା । ମୋ ଆଡ଼କୁ ଚାହିଁ ସେ ଝାଡୁଦାର ପିଲା କହିଲା, "ବର୍ଷା ଋତୁ ଆସିଗଲା ।" ଅନ୍ଧାରରେ ତା' ହସ ଖେଳି ଗଲା, ମୁଁ ବି ହସିଦେଲି ।

ମୁଁ କିନ୍ତୁ ଖୁସି ଓ ସୁରକ୍ଷିତ ଥିଲି । ଭିଜା ମାଟିର ବାସ୍ନା ସ୍କାଇଲାଇଟ୍ ଦେଇ ଆସୁଥିଲା । ବର୍ଷା ବଢୁଥିଲା । ■

୧୦୧- ପ୍ରକାଶ ଦୀପ ଟାୱାର,
ଜୟଦୁର୍ଗା ନଗର, ଭୁବନେଶ୍ୱର - ୭୫୧୦୦୬
ମୋ: ୯୯୬୮୨୮୦୮୯୬

# ସନ୍ଧ୍ୟାରେ ଏକ କାମନା





ମୂଳ ହିନ୍ଦୀ : ସବିତା ସିଂ
ଅନୁବାଦ: ପ୍ରବାସିନୀ ମହାକୁଡ଼


କେଉଁ ରାସ୍ତାକୁ କହିବି ଆପଣାର ବାଟ
କେଉଁ ବିସ୍ମୃତ ସୁଖକୁ ସୁଖ
କାହା ନିଦରେ ଯାଇ ନିଦେଇ ଯିବି
କେଉଁ ମିଠା ସ୍ୱପ୍ନର ବାହୁରେ ଚେଇଁ ଉଠିବି
ଏମିତି ଏକ କାମନା ଏହି ସନ୍ଧ୍ୟାରେ
କିନ୍ତୁ ଏ ସଞ୍ଜ ନଇଁ ଯିବା ପରେ
ପ୍ରଜ୍ୱଳିତ ଅଗ୍ନିର ସେଇ ରାସ୍ତାରେ
କ'ଣ ଯାଇହେବ?
ସ୍ମୃତିରେ ମିଳେଇ ଯାଇ ସୁଖର ଆକାଂକ୍ଷା
ନିଦ ଏକ ମୋହଭଳି ବିଛେଇ ହୋଇ ରହିଛି
ପ୍ରତି ଲୋମକୂପରେ
ହଂସ ଭଳି ସ୍ୱପ୍ନରେ ପହଁରେ ଦୁଇଟି ଆଖି । ■

# ସୁନ୍ଦର ଉଦିତା

ଗାଢ଼ କଳାରାତି ଶୋଇଛି ଉଦିତା
ନିଜର ଶାଢ଼ି ଖୋଲି ନିଜର କେଶ ଖୋଲି ବିଛଣାରେ ଏକୁଟିଆ
ତା' ମନରେ ନା ଅଛି କୌଣସି ଦ୍ୱନ୍ଦ୍ୱ
କୌଣସି ବିଷାଦ ନା କିଛି ଚାହିଁବା
ରାତିରେ ପୂରା ଗୋଟେ ନିଦ ଶୋଇ ସାରିଛି
ଆଖି ଖୋଲି ସାରିଲାଣି
ବାହାରେ ସୁନ୍ଦର ଲାଲ୍ ଗୋଲ୍ ସୂର୍ଯ୍ୟ ଉଇଁ ଆସିଲେଣି
ବାହୁରେ ପବନକୁ ଉପରକୁ ଟେକି
ଭାଙ୍ଗେ ଗୋଟେ ସୁଖଦ ଅଳସ
ମୁହଁକୁ ଠିଆ କରି
ନିଜ ପୋଷାକ ପିନ୍ଧୁଛି ଉଦିତା
ସିଏ ନିଜର ଏଇ ସୌନ୍ଦର୍ଯ୍ୟ
ଦେଖିବା ପାଇଁ କେତେ ବଡ଼ ଦର୍ପଣ
ଦେଖ ସାମ୍ନାର ଏଇ ନୀଳ ଆକାଶ ପାଲଟି ଯାଇଛି । ■

ଷ୍ଟେସନ୍ ବଜାର, ଢେଙ୍କାନାଳ

# ୟୋନା ଓବର୍ସ୍କିଙ୍କ 'ପିଲାଦିନ'ରେ କାରୁଣ୍ୟ




ଡକ୍ଟର ନିଖିଳେଶ ମହାନ୍ତି

ୟୋନା ଓବର୍ସ୍କି ଜଣେ ଡଚ୍ ଲେଖକ । ୧୯୭୮ ମସିହାରେ ପ୍ରକାଶିତ ତାଙ୍କ ରଚିତ 'ପିଲାଦିନ' (Childhood) ଏକ ଚମତ୍କାର କ୍ଷୁଦ୍ର ଉପନ୍ୟାସ । ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଯେଉଁ ଭଳି ଇହୁଦୀମାନଙ୍କୁ ନିର୍ଯ୍ୟାତନା ଦିଆଗଲା ଓ ଜର୍ମାନୀର ଇହୁଦୀ ମାରଣ ନୀତି ଅବଲମ୍ବନ କରାଗଲା ଏବଂ ଅଷ୍ଟାଦଶ ଶତକରୁ ଇହୁଦୀ ନିର୍ଯ୍ୟାତନାକୁ ରାଷ୍ଟ୍ରୀୟ ମାନ୍ୟତା ଦିଆଗଲା, ଫଳତଃ ଷାଠିଏ ଲକ୍ଷରୁ ଅଧିକ ଇହୁଦୀ ପ୍ରାଣ ହରାଇଥିଲେ । ଇହୁଦୀମାନଙ୍କୁ ଅମାନୁଷିକ ଦଣ୍ଡ ପ୍ରଦାନ, ଶୋଷଣ, ନିର୍ଯ୍ୟାତନା, ଘୃଣ୍ୟ ଜୀବ ଭାବେ ଅତ୍ୟାଚାର ଓ ନାରୀମାନଙ୍କୁ ଶାରୀରିକ ଶୋଷଣ ସହ ଶିଶୁମାନଙ୍କୁ ଶ୍ରମଜୀବୀ ଭାବେ ବିଚାର କରି ହିଟଲରଙ୍କ ପ୍ରଚଳିତ ରାଷ୍ଟ୍ରୀୟ କାର୍ଯ୍ୟକ୍ରମରେ ଗୋଟେ ଇହୁଦୀ ଜାତି କିଭଳି ମୃତ୍ୟୁ ସହିତ ସଂଗ୍ରାମ କରିଥିଲା ତାହାରି ପ୍ରେକ୍ଷାପଟରେ 'ପିଲାଦିନ' ଉପନ୍ୟାସଟି ଲିଖିତ । ଏହିପରି ଗଣହତ୍ୟା ଓ ନିର୍ଯ୍ୟାତନାର ପୃଷ୍ଠଭୂମି ଆଧାରିତ ସାହିତ୍ୟକୁ 'ନିର୍ଯ୍ୟାତନା ସାହିତ୍ୟ' (Holocaust Literature) କୁହାଯାଏ ।

ଉପନ୍ୟାସଟିରେ ମୁଖ୍ୟ ଚରିତ୍ର ଭାବେ ଯିଏ ସବୁ ଘଟଣାକୁ କାହାଣୀ ଭାବେ ବର୍ଣ୍ଣନା କରୁଛି ତା'ର ବୟସ ମାତ୍ର ସାତରୁ ଆଠ । ତା' ସହିତ ଘଟଣା ଘଟିଚାଲିଛି, ତା'ର ସମସ୍ତ ବାସ୍ତବ ଅନୁଭବ ହିଁ କାହାଣୀରେ ରୂପାନ୍ତରିତ ହେଉଛି । ନାଜିମାନଙ୍କ କବଳରୁ ବଞ୍ଚିବା ପାଇଁ ବାପାମା'ଙ୍କ ସହିତ ତାକୁ ଯିବାକୁ ପଡୁଛି ଏଭଳି ସ୍ଥାନମାନଙ୍କୁ, ଯେଉଁଠି ହଜାର ହଜାର ଲୋକଙ୍କୁ ପୋଡ଼ି ମାରି ଦିଆଯାଉଥିବା ଧୂଆଁର ଗନ୍ଧ ଭିତରକୁ । ବରଫ ଗଦା ଭିତରେ ଲୁଚି ଲୁଚି ଗୋଟେ ଅନ୍ଧାରିଆ ଟ୍ରେନ୍ ବଗି ଭିତରକୁ ଯେଉଁଠି ସାମାନ୍ୟ ପାଣି ଟିକିଏ ମିଳିବାର ସମ୍ଭାବନା କ୍ଷୀଣ । ବଗି ଭିତରେ ଏତେ ଲୋକ ସାଲୁବାଲୁ ଯେ ବସିବା ପାଇଁ ସ୍ଥାନ କେହି ବି ଖୋଜୁନାହାନ୍ତି; ଅଣ୍ଟା ସଳଖିବା ଏକ ପ୍ରକାର ଅସମ୍ଭବ । ଗୁଳି ଓ ବୋମାର ଶବ୍ଦ ବେଳେ ବେଳେ ନିଶ୍ଚଳ କରିଦେଉଛି ଦେହକୁ । ମା'ର ଆକଟ ପାଟି କରିବୁ ନାହିଁ, କି କନ୍ଦାକଟା କରିବୁ ନାହିଁ; ମୋତେ କଥା ଦେ । ପ୍ରଚଣ୍ଡ ହେମାଳ ଭିତରେ ସମସ୍ତେ ଖାଲି ନୀରବରେ ଅଶ୍ରୁ ଗଡ଼ାଇବେ ହେଲେ କେହି ବି ଦୀର୍ଘଶ୍ୱାସ କିମ୍ବା ପାଟି ଖୋଲିବେ ନାହିଁ ।

ନିର୍ଯ୍ୟାତନା ଭିତରକୁ ଆପଣା ଛାଏଁ ଛାଏଁ ବାପାମା'ଙ୍କ ସହ ପଶି ଯାଉଛି, ହେଲେ ସେ ଜାଣିନି ଏତେ ସବୁ କାଣ୍ଡ କାରଖାନା କାହିଁକି ହେଉଛି । ପ୍ରତିଦିନ ମା' ତାକୁ ଗେଲ କରୁଛି ସତ ହେଲେ, ସେ କୁଆଡ଼େ ବଣ ଅରଣ୍ୟ ଅନ୍ଧାର ଝୋପଡ଼ି, ଧୂଆଁଳିଆ ଉତ୍କଟ ଶବର ଗନ୍ଧ ଭିତରେ ଲୁଚିଛପି ବୁଲୁଛି ଏକଥା ଜାଣି ବି ପାରୁନି ।

ବେଶି ଲୁଚାଉଛନ୍ତି ନିଜକୁ ବାପା, ତେଣୁ ତାଙ୍କ ଭେଟ ବେଳେ ବେଳେ ହେଉନି । ଯେତେବେଳେ ଭୟଙ୍କର ବ୍ୟସ୍ତତା ଭିତରେ ଗୋପନରେ ରହୁଥିବା ବାପାଙ୍କୁ ଭେଟୁଛି, ସେତିକି ବେଳେ ବାପା ଗେଲ କରି ଦେଉଛନ୍ତି, ହେଲେ କିଛି କହୁନାହାନ୍ତି ଓ ଅସୁସ୍ଥତା ଭିତରେ ମରି ଯାଉଛନ୍ତି । ସେ ବାପାଙ୍କ ଶବ ଅନେକ ଶବ ଭିତରେ ଦେଖିଛି ବୋଲି କହୁଛି, ଯଦିଓ ତାକୁ ସମସ୍ତେ ମନା କରୁଛନ୍ତି ତୋ ବାପାଙ୍କୁ ତୁ ଦେଖିନୁ; ତାଙ୍କ ଦେହରେ ଚଦର ନଥିଲା । ଶବ ଘର ଭିତରେ ଏତେ ଗଦା ଗଦା ଶବ ଯେ, ସେଠି ବାପାଙ୍କୁ ପାଇବା କଷ୍ଟ; ହେଲେ ସେ ଦେଖିଛି ବୋଲି ଦାବି କରିପାରୁଛି । ମା'ଙ୍କୁ ବି ହରାଇବାକୁ ବାଧ୍ୟ ହେଉଛି ଯେତେବେଳେ ଇଭା କହୁଛି ତୁ ମା'ଙ୍କୁ ଆଉ କେବେ ଦେଖିପାରିବୁ ନାହିଁ । ଟ୍ରୁଡ଼ି ବି ସମାନ କଥା କହୁଛି । କାହା ପାଇଁ ବି ଖାଦ୍ୟ ନଥିଲା, କିଛି କଣ୍ଟା ଗଛରୁ ସବୁଜ କଣ୍ଟା ଛିଡ଼ାଇ ଆଣି ସିଝାଇ ମା' ଖାଇଥିଲା ଓ ତା'ର ଝାଡ଼ା ବନ୍ଦ ହେଲା ନାହିଁ; ତାକୁ ମଧ୍ୟ ଶବମାନଙ୍କ ଭିତରେ ଖୋଜିବାକୁ ପଡ଼ିଲା । ରେଶମୀ କୁଞ୍ଚୁକୁଞ୍ଚିଆ କେଶରୁ ମା'କୁ ଚିହ୍ନି ହେଲା ସତ, ମାତ୍ର ଦେଖି ହେଲା ନାହିଁ ।




ଆମଷ୍ଟର ଡାମ୍‌ରେ ପହଞ୍ଚିଲା ବେଳକୁ ପିଲାଟି ପାଞ୍ଚ ଦିନ ବେହୋସରେ ଥିଲା । ଅତ୍ୟଧିକ ଜ୍ୱର ଯୋଗୁ, ମାତ୍ର ସେ ବଞ୍ଚିଯାଇଛି ଏଇଟା କମ୍ ବଡ଼ କଥା ନୁହେଁ! ଜୟ ଆମଷ୍ଟର ଡାମ୍‌ର ଜୟ କହିଲା ବେଳକୁ ସେ ମୁକ୍ତିର ଆଲୋକ ଦେଖୁଥିଲା ହେଲେ ସବୁକିଛି ହରାଇ ସାରିଥିଲା । ତା' ନିଜ ପିଲାଦିନଟି ଅସମ୍ଭବ ଭାବେ କ୍ଷତାକ୍ତ, କରୁଣାକ୍ତ ଓ ବେଦନାସିକ୍ତ ହୋଇସାରିଥିଲା । ତା'ର ପିଲାଦିନକୁ ନାଜିମାନେ ମୋଡ଼ି ମକଚି ଦଳାଚକଟା କରି ଖଣ୍ଡବିଖଣ୍ଡିତ କରିଦେଇଥିଲେ ସତ, ମାତ୍ର ସେଇ ପିଲାଟି ପୁନର୍ବାର ଅଣ୍ଟା ସଳଖିବାକୁ ଧୈର୍ଯ୍ୟ ସାଉଁଟି ପାରିଥିଲା ଓ ରୁଷର ଧଳା ବରଫରେ କୁଦି ନାଚି ମାଟିକୁ ଚୁଚୁମି ଗେଲ କରି କାନ୍ଦି ପକାଇଥିଲା । ଏଥର ସୁନ୍ଦର ସ୍ୱପ୍ନ ଦେଖିବାକୁ, ଅସରନ୍ତି ସ୍ୱପ୍ନ ଦେଖିବାକୁ ଟ୍ରୁଡି କହିଥିଲା । ସେ ଏବେ ପାଲେନଷ୍ଟାଇନ୍‌ର ନୂଆ ସକାଳ ଦେଖୁ; ମନ ଭରି ଦେଖୁ ।

ଔପନ୍ୟାସିକ ୟୋନା ତାଙ୍କ ଛୋଟିଆ ଚରିତ୍ରଟି ମୁହଁରେ ଖୁବ୍ ସାନ ସାନ ପିଲାଳିଆ କଅଁଳ ଭାଷା ଦେଇଛନ୍ତି, ଅନେକ ଅସମାହିତ ପ୍ରଶ୍ନ ପାଠକମନକୁ ଅଶ୍ରୁପୂର୍ଣ୍ଣ କରୁଛି ଓ ସହନଶୀଳତାର ସ୍ତୁପିଭୂତ ଶିହରଣର ଆବେଗରେ ଭାବ ଗମ୍ଭୀର କରିଦେଉଛି । ପାଠକ ଭାବିବାକୁ ବାଧ୍ୟ ହେଉଛି ନିର୍ଯ୍ୟାତନା କେତେ କଠୋର ହୋଇପାରେ । କେବେ ବି କେହି କାହାକୁ ଯୁଦ୍ଧ ମୁହଁକୁ ଠେଲି ନଦେଉ; କାହାରି ବି ପିଲାଦିନ ଆତଙ୍କ ଓ ବିଭୀଷିକାରେ ହାହାକାରମୟ ନ ହେଉ । ସବୁ ପିଲା ନିଜ ପିଲା ହୁଅନ୍ତୁ:ସେମାନଙ୍କ ହସ ଖୁସିରେ ସୃଷ୍ଟି ଆନନ୍ଦମୟ ହେଉ । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ
କଟକ
ମୋ: ୯୪୩୭୯୦୫୪୯୦

# ପତ୍ରିକା ପରିଚୟ

## ରେବତୀ

ସଂପାଦିକା : ସୁବାସିନୀ ଜେନା





ଓଟି ରୋଡ୍
ବାଲେଶ୍ୱର-୭୫୬୦୦୧
ମୂଲ୍ୟ: ୭୦ ଟଙ୍କା

ସଂପୂର୍ଣ୍ଣ ରଙ୍ଗିନ ପାରିବାରିକ ଫିଚରଧର୍ମୀ ପତ୍ରିକା ଆମ ମାଟିର ସ୍ୱର 'ରେବତୀ'ର ସେପ୍ଟେମ୍ବର ସଂଖ୍ୟା ଆକର୍ଷଣୀୟ ହୋଇଛି । ସଂପାଦିକା ସୁବାସିନୀ ଜେନାଙ୍କ ସଂପାଦକୀୟ 'ଶକ୍ତିଦାୟିନୀ ମାଆ'ଠାରୁ ଆରମ୍ଭ କରି କୃଷ୍ଣ କୁମାର ମହାନ୍ତିଙ୍କ 'ଶେଷପୃଷ୍ଠା' 'ଶରଶଯ୍ୟାରେ ସାହିତ୍ୟ ପୁରସ୍କାର' ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । 'ପ୍ରଥା ପରମ୍ପରା'ରେ ପ୍ରଫୁଲ୍ଲ କୁମାର ପଣ୍ଡାଙ୍କ 'ଭାଇ ଭାବନାର ଭାଷା: ଭାଇ ଜିଉଁତିଆ'ରେ ଏକ ନିଆରା ଓଷା ସଂପର୍କରେ ମାର୍ମିକ ଆଲେଖ୍ୟ ପ୍ରକାଶ ପାଇଛି । ସେହିପରି ଡକ୍ଟର ହିମାଦ୍ରି ତନୟା ମିଶ୍ରଙ୍କ 'କବିତାରେ କଳାଠାକୁର', ଆନ୍‌ପା ମାର୍ଣ୍ଡିଙ୍କ 'ଅଲ୍‌ଚିକି'ର ଜନ୍ମଦାତା', ଡ. ପ୍ରୀତିପଦ୍ମା ପଣ୍ଡାଙ୍କ 'ଗୌରଙ୍କ ଗୀତଗୁମର', ପତିତପାବନ ଗିରିଙ୍କ 'ମିଥିର ମାୟା ଓ କବିର କାୟା', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ବାବାଧାମର ବୈଚିତ୍ର୍ୟ' ଆଦି ଲେଖାଗୁଡ଼ିକ ଉଚ୍ଚକୋଟୀର ଓ ମନଛୁଆଁ ହୋଇଛି । ସେଭଳି ସ୍ୱପ୍ନା ମିଶ୍ର, ସୁଚିତ୍ରା ପାଣିଗ୍ରାହୀ, ଭବାନୀ ପାଟଯୋଷୀ, ଡକ୍ଟର ସୁଷମା ମିଶ୍ର, ରବିପ୍ରିୟ ଦାଶ, ଡକ୍ଟର ତୁହିନାଂଶୁ ରଥ, ରାମକୃଷ୍ଣ ସାହୁ ପ୍ରମୁଖଙ୍କ କବିତା ପାଠକଙ୍କ ଚିତ୍ତକୁ ତଲ୍ଲୀନ କରିଦିଏ । ଡ. ପ୍ରିୟଲତା ଜେନା, ପ୍ରଶାନ୍ତ ଦାଶ, ମନୋରଞ୍ଜନ ପ୍ରଧାନ ପ୍ରମୁଖଙ୍କ ଗପରେ ମାନବୀୟ ଭାବାବେଗ ଓ ସାଂପ୍ରତିକ ସମାଜର ବାସ୍ତବ ଚିତ୍ର ପ୍ରତିଫଳିତ ହୋଇଛି । 'ରେବତୀ'ର ଏହି ସଂଖ୍ୟାଟି ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ । ■

## ସମ୍ଭବାମି ଭାରତ

ସଂପାଦିକା : ନନ୍ଦିତା ପଣ୍ଡା





ଜୟ ଭାରତ ଫାଉଣ୍ଡେସନ୍
ରାମଦାସପୁର, କଟକ

ଜୟ ଭାରତ ଫାଉଣ୍ଡେସନ୍ ପକ୍ଷରୁ ପ୍ରକାଶିତ ବାର୍ଷିକ ସ୍ମରଣିକା 'ସମ୍ଭବାମି ଭାରତ' ୨୦୨୫ ଆମର ହସ୍ତଗତ ହୋଇଛି । ସଂପାଦିକା ନନ୍ଦିତା ପଣ୍ଡା ଓ ସହଯୋଗୀ ସଂପାଦକ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଂପାଦନାରେ ପ୍ରକାଶିତ ଏହି ସ୍ମରଣିକାରେ ବହୁ କାଳଜୟୀ ସାହିତ୍ୟ ସ୍ରଷ୍ଟା ଓ ବିଶିଷ୍ଟ ସାହିତ୍ୟିକଙ୍କ କବିତା, ଗଳ୍ପ, ପ୍ରବନ୍ଧ ଆଦି ସଂକଳିତ ହୋଇଛି । ଓଡ଼ିଆ ସାହିତ୍ୟର କାଳଜୟୀ କଥାକାର ସୁରେନ୍ଦ୍ର ମହାନ୍ତିଙ୍କ 'ପିତା ଓ ପୁତ୍ର', ଗୋଦାବରୀଶ ମହାପାତ୍ରଙ୍କ 'ମାଗୁଣିର ଶଗଡ଼', ନନ୍ଦିନୀ ଶତପଥୀଙ୍କ 'ନବ ଦିଗନ୍ତ', ଭଗବତୀ ଚରଣ ପାଣିଗ୍ରାହୀଙ୍କ 'ଶିକାର' ଆଦି ଗଳ୍ପ ମନଛୁଆଁ ହୋଇଛି । ଏହି ସବୁ ଗପଗୁଡ଼ିକ ନିଜସ୍ୱ ସୌରଭରେ ଓଡ଼ିଆ କଥା ସାହିତ୍ୟକୁ ପରିପୁଷ୍ଟ କରିଛି । ସେହିପରି ପଣ୍ଡିତ ଗୋପବନ୍ଧୁ ଦାସଙ୍କ 'ବନ୍ଦୀର ଆତ୍ମକଥା', ରମାକାନ୍ତ ରଥଙ୍କ 'ଜନନୀର ସ୍ନେହ', ମଧୁସୂଦନ ଦାସଙ୍କ 'ଉତ୍କଳ ସନ୍ତାନ', ବଳରାମ ଦାସଙ୍କ 'ମାଲ୍ୟବନ୍ତରେ ବର୍ଷାକାଳ', ଭାନୁଜୀ ରାଓଙ୍କ 'କାଠଯୋଡ଼ି' ଆଦି କବିତା ହୃଦୟସ୍ପର୍ଶୀ ହୋଇଛି । ସେଭଳି ବନଜ ଦେବୀ, ଅଖିଳ କୁମାର ମିଶ୍ର, ପୀତାମ୍ବର ତରାଇ, ରଞ୍ଜନ ବାଇ ପ୍ରମୁଖଙ୍କ କବିତାରେ ପ୍ରେମ, ଜୀବନ ଓ ମାନବୀୟ ଭାବାବେଗର ଛବି ପ୍ରତିଫଳିତ ହୋଇଛି । ସେହିପରି ଗୌରହରି ଦାସ, ମନୋଜ କୁମାର ମହାପାତ୍ର, ଅଞ୍ଜନ ଚାନ୍ଦଙ୍କ ଗପଗୁଡ଼ିକ ମାର୍ମିକ ହୋଇଛି । 'ସମ୍ଭବାମି ଭାରତ'ର ଏହି ସଂଖ୍ୟାଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

## ସଂପର୍କ

ସଂପାଦକ : ଚନ୍ଦ୍ରମଣି ଭୂୟାଁ




ସଂପର୍କ ସାହିତ୍ୟ ସଂସଦ
କିଶିନାପୁର, ସାଲେପୁର
କଟକ
ମୂଲ୍ୟ: ୫୦ ଟଙ୍କା

'ସଂପର୍କ' ପତ୍ରିକାର ନୂଆଁଖାଇ-୨୦୨୫ ବିଶେଷାଙ୍କ ଚନ୍ଦ୍ରମଣି ଭୂୟାଁଙ୍କ ସଂପାଦନାରେ ପ୍ରକାଶ ପାଇଛି । ଏହି ସଂଖ୍ୟାରେ ଡକ୍ଟର ପୂର୍ଣ୍ଣଚନ୍ଦ୍ର ଓଝାଙ୍କ 'ସେବାବ୍ରତୀ ଗୋପବନ୍ଧୁ', ଅକ୍ଷୟ ପ୍ରସାଦ ବିଶ୍ୱାଳଙ୍କ 'ହେ କୁଳବୃଦ୍ଧ, ତୁମକୁ ଝୁରୁଛି ଉତ୍କଳ', ତୁଷାରକାନ୍ତ ମହାନ୍ତିଙ୍କ 'ସନ୍ଥ କବି ଭୀମଭୋଇ ଓ ମହିମା ଧର୍ମ' ଆଦି ପ୍ରବନ୍ଧଗୁଡ଼ିକ ତଥ୍ୟ ଭିତ୍ତିକ ଓ ଉଚ୍ଚକୋଟୀର ହୋଇଛି । ସେହିପରି ଗଳ୍ପ ବିଭାଗରେ ଦେବେନ୍ଦ୍ର ମହରାଣାଙ୍କ 'ଗଣପତି ଭାଇନା', ସୌମ୍ୟରଞ୍ଜନ ଭୂୟାଁଙ୍କ 'ଈଶ୍ୱରଙ୍କ ସହ ଭେଟ' ଆଦି ଗପଗୁଡ଼ିକରେ ମାନବୀୟ ସଂପର୍କ, ସାମାଜିକ ବାସ୍ତବତାର ଚିତ୍ର ପ୍ରତିଫଳିତ ହୋଇଛି । 'କବିଙ୍କ କବିତା'ରେ ରମାକାନ୍ତ ରଥଙ୍କ 'ଶ୍ରୀରାଧା'ର ଶେଷାଂଶ ଓ କ୍ଷୀରୋଦ ଚନ୍ଦ୍ର ପୋଥାଳଙ୍କ 'କୋଠ ଭୋଗଖିଆ' କବିତା ଦୁଇଟି ହୃଦୟସ୍ପର୍ଶୀ ହୋଇଛି । ସେହିପରି ପ୍ରଫୁଲ୍ଲ ମିଶ୍ର, ଶ୍ରୀଧର ଶେଖର ମହାପାତ୍ର, ଅଖିଳ ଚନ୍ଦ୍ର ହୋତା, ସୁରଞ୍ଜନ ପଣ୍ଡା ପ୍ରମୁଖଙ୍କ କବିତାରେ ମଣିଷ ଜୀବନର ଆଶା, ଆକାଂକ୍ଷା, ପ୍ରେମ, ବିରହ, ଦ୍ୱନ୍ଦ୍ୱ ସଂଘର୍ଷ ଆଦିର ଚିତ୍ର ପ୍ରତିଫଳିତ ହୋଇଛି । 'ସଂପର୍କ'ର ଏହି ସଂଖ୍ୟାଟି ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

## ବେଆଇନ ବାଣ କାରଖାନାରେ ଚଢ଼ଉ

**ଲକ୍ଷାଧିକ ଟଙ୍କାର ବାଣ ଜବତ, ବଙ୍ଗୀୟ ଯୁବକ ଗିରଫ**

ଭୋଗରାଇ,୨୭।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ୍ ଅଧୀନ କଖଡ଼ା ପଞ୍ଚାୟତ ହାଟସରିଷା ଗ୍ରାମରେ ଥିବା ଏକଆକାଶିଆ ଜଙ୍ଗଲରୁ ଲକ୍ଷାଧିକ ଟଙ୍କାର ବେଆଇନ ବାଣ ଜବତ କରିବା ସହ ପୁଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଯୁବକଜଣଙ୍କ ହେଲେ, ପଡ଼ୋଶୀ ପଶ୍ଚିମବଙ୍ଗ ପଟାସପୁର ଥାନା ଅଧୀନ ପଦିମା ଗାଁର ସୁକୁମାର ଜାନା(୪୦)। ଆଗକୁ ଦୀପାବଳି ଥିବାରୁ ସୁକୁମାର ପଶ୍ଚିମବଙ୍ଗରୁ ଓଡ଼ିଶା ସୀମା ଭିତରକୁ ଆସି ପ୍ରଶାସନର ଦୃଷ୍ଟି ଆଢୁଆଳରେ ହାଟସରିଷା ଗାଁରେ ବାଣ ତିଆରି କରୁଥିଲା। ଭୋଗରାଇ ଥାନା ଅଧିକାରୀ ରୋହିତ କୁମାର ବଳ ଓ ଚନ୍ଦନେଶ୍ୱର ଫାଣ୍ଡି ଅଧିକାରୀ ବନବିହାରୀ ଶତପଥୀ କୌଣସି ସୂତ୍ରରୁ ଖବର ପାଇ ଉକ୍ତ ବାଣ ତିଆରି କାରଖାନା ଉପରେ ଚଢ଼ଉ କରିଥିଲେ। ସେଠାରୁ ପାଖାପାଖି ୩ଲକ୍ଷ ଟଙ୍କାର ବାଣ ଜବତ କରିବା ସହ ପୁଲିସ ସୁକୁମାରକୁ ଗିରଫ କରିଛି। ଏ ନେଇ ଭୋଗରାଇ ପୁଲିସ ଏକ ମାମଲା ରୁଜୁ କରି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ସରକାରୀ କ୍ୱାର୍ଟର୍ସରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୨୭।୯ (ସମିସ): ଭୁବନେଶ୍ୱର ୟୁନିଟ୍-୬ ସ୍ଥିତ ଏକ ସରକାରୀ କ୍ୱାର୍ଟର୍ସରୁ ଶନିବାର ସନ୍ଧ୍ୟାରେ ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଛାତ୍ରୀଙ୍କ ଘର ଜଗତସିଂହପୁର ଅଞ୍ଚଳର ବୋଲି ଜଣାପଡ଼ିଛି। ଭୁବନେଶ୍ୱରରେ ଛାତ୍ରୀ ଜଣଙ୍କ ତାଙ୍କ ଭଉଣୀଙ୍କ ସହ ଏହି କ୍ୱାର୍ଟର୍ସରେ ରହୁଥିଲେ। କେଉଁ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଲା ସେ ନେଇ କ୍ୟାପିଟାଲ ଥାନା ପୁଲିସ ପହଞ୍ଚି ଛାନ୍‌ଭିନ୍ କରୁଛି।

## ନାବାଳିକା ଦୁଷ୍କର୍ମକାରୀକୁ ଆଜୀବନ

ବାରିପଦା,୨୭।୯ (ସମିସ): ମୟୂରଭଞ୍ଜ ଆଡ୍‌ହକ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ତଥା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକସୋ କୋର୍ଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାର ରାୟ ପ୍ରକାଶ ପାଇଛି। ବିଚାରପତି ସନ୍ତୋଷ କୁମାର ନାୟକ ଏହି ମାମଲାର ବିଚାର କରି ଅଭିଯୁକ୍ତ ବୈଶିଙ୍ଗା ଥାନା ଅନ୍ତର୍ଗତ କେନ୍ଦୁଆ ଗ୍ରାମର ଅସିତ ବେହେରା (୨୫)କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ ଜେଲ୍ ଓ ୧୦ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୬ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ଏଥିସହ ପୀଡ଼ିତାଙ୍କୁ ସହାୟତା ନିମନ୍ତେ ୨ଲକ୍ଷ ଟଙ୍କା ପ୍ରଦାନ କରିବାକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାନୁସାରେ, ୨୦୨୪ ନଭେମ୍ବର ୪ରେ ଅସିତ ଜଣେ ନାବାଳିକାକୁ ଦୁଷ୍କର୍ମ କରିଥିଲା। ନାବାଳିକାଜଣଙ୍କ ସନ୍ଧ୍ୟାରେ ବଜାରରୁ ଘରକୁ ଫେରୁଥିବା ବେଳେ ଅସିତ ତାକୁ ଅପହରଣ କରି ଘରକୁ ନେଇଯିବା ସହ ଦୁଷ୍କର୍ମ କରିଥିଲା। ଏ ସଂପର୍କରେ କାହାରିକୁ ଜଣାଇଲେ, ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ପୀଡ଼ିତାଜଣଙ୍କ ଘରକୁ ଆସି ଘଟଣା ବାବଦରେ ପରିବାରକୁ ଜଣାଇଥିଲା। ଏନେଇ ପରିବାରଲୋକେ ବୈଶିଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ପୀଡ଼ିତାର ବୟାନ ରେକର୍ଡ କରିଥିଲା। ଅସିତକୁ ବୈଶିଙ୍ଗା ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ସାକ୍ଷୀଙ୍କ ବୟାନ, ଡାକ୍ତରୀରିପୋର୍ଟ ଓ ପୁଲିସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରୀ ଆଇନଜୀବୀ ମନୋରଞ୍ଜନ ପଟ୍ଟନାୟକ ଏହି ମାମଲା ପରିଚାଳନା କରୁଥିଲେ।


**AFFIDAVIT**

By virtue of an affidavit sworn before Notary public Bhubaneswar on dated, 26.09.2025, I Sarat Biswal permanent resident At-Purunasahi, Po- Luhamunda, Dist- Angul, Odisha, PIN-759127, declare that I have changed my name from Sarat Chandra Biswal to Sarat Biswal. Henceforth I shall be known as **SARAT BISWAL** for all future purposes.

**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**

**AFFIDAVIT**

By virtue of an affidavit sworn before The Executive Magistrate, Gania on dtd-22/09/2025. I, TAPASI MAHAPATRA, At-Belapadapatana, Po: Belapadapatana, Ps: Gania, Dist- Nayagarh, Odisha, Pin-752085 declare that I have changed my name from TAPASI MAHARANA to TAPASI MAHAPATRA. Henceforth, I shall be known as **TAPASI MAHAPATRA** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated: 26/09/2025, I, Sagari Mahapatra, resident of At: Damodarpur, PO: Brahmanbadi, PS: Cuttack Sadar, Dist- Cuttack, Pin-754130, Odisha declare that I have changed my name from Sagari Behera to Sagari Mahapatra. Henceforth, I shall be known as **Sagari Mahapatra** for all purposes.

**Sagari Mahapatra**

**AFFIDAVIT**

I, Bharat Swain, S/o-Raj Kishor Swain resident of Vill/Po/Ps-Jhinti Sasan, Khordha, PIN-752100, Odisha declare by this affidavit no.-156210, dated-08/09/2025 that now onwards I shall be known as **BHARAT CHANDRA SWAIN** for all future purposes.

**FOR SALE**

1 Number of .TRACTOR-NEW HOLAND-3037(2WD), Registration No.- OD-17-AC-5260, Model 2024, - ENGINE NO – S325N79437, CHASIS NO - NHN30370ZRB681112, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6, NEAR BHATLI CHOWK- BARGARH, DIST-BARGARH-768028

**AFFIDAVIT**

I, Shilpa Mohanty (29), D/o - DEEPTI MOHANTY, resident of Saharsahi, Ward No-8, Po-Baripada, Ps-Baripada town, Dist-Mayurbhanj, Pin-757001, Odisha, declared by this affidavit No-104(9) dtd-26/09/2025 that now onwards my mother shall be known as **DIPTI MOHANTY** for all future purposes.

**AFFIDAVIT**

By virtue of an affidavit sworn before Executive Magistrate, Anandapur, dated. 19.09.2025, I **Bhagaban Murmu,** Address- AT-Suapur, PO- Baripal, P.S.- Ghasipura, Dist- Keonjhar, Odisha, Pin-758025 declare that I have changed the name of my daughter from **Singa Murmu to Sinigo Murmu.** Henceforth, she Shall be known as **Sinigo Murmu** for all purposes.

**Bhagaban Murmu**

**FOR SALE**

1 Number of CAR-MARUTI-WAGON R ZXi+, Registration No.-OD-17-AD-1384, Model 2024, - ENGINE NO - K12NN1131006, CHASIS NO - MA3JMTC1SRKB79566, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**

I, Shilpa Mohanty (29), D/o- SUBRATA MOHANTY / SUBRATA KUMAR MOHANTY, resident of Saharsahi, Ward No-8, Po-Baripada, Ps-Baripada Town, Dist-Mayurbhanj, Pin-757001 Odisha, declared by this affidavit No-104(8) dtd-26/09/2025 that now onwards my father shall be known as **SUBRAT MOHANTY** for all future purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated-27/09/2025. I, **Atulya Kumar Sahu** (new name), formerly called as Atulya Sahu (old name), S/o Amulya Kumar Sahu, permanent resident of AT- Padmanavpur, PO- Titilagarh, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Atulya Sahu** (old name) to **Atulya Kumar Sahu** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Atulya Kumar Sahu** (new name).

**Atulya Kumar Sahu**

**FOR SALE**

1 Number of KUBOTA COMBINE HARVESTER –TRACK, Registration No.- NA, Model 2023, - ENGINE NO - BNU3263, CHASIS NO - KBH83900ENTK01995, For Details, contact – 9437577742, SUNDARAM FINANCE LTD., 1ST FLOOR, NAIK BHABAN, WARD NO-18, NH-6 NEAR BHATLI CHOWK, BARGARH, DIST-BARGARH-768028

**AFFIDAVIT**

I, Bajrang Bihani H/o Laxmi Devi Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist- Angul, Odisha, PIN- 759100, declare by this affidavit No.5949 dtd 26.09.2025 that now onwards I shall be known as **BAJRANG LAL BIHANI** for all future purposes.

**AFFIDAVIT**

By virtue of an affidavit (CF No.01, date- 20/06/2025) sworn before the Executive Magistrate, Padampur. I, **Mahendra Nayak,** S/o- Rabishankar Nayak, permanent & current resident of At- Haridatal, PO- Kermelabahal, Dist- Bargarh, PIN- 768039, Odisha declare that I have changed my minor daughter's name from **Lilima Nayak** (old name) to **Nilima Nayak** (new name). Henceforth, she shall be known as **Nilima Nayak** (new name) for all purposes.

**Mahendra Nayak**


## ପୂର୍ବ ତଟ ରେଳପଥ

ଫାଇଲ୍ ନଂ.DRM/Engg/KUR/25-26/E-Tender/76,ତା.25.09.2025ରିଖ

(1) ଟେଣ୍ଡର ସଂ.e-tender-BrKUR-251-2025,ତା.16.09.2025ରିଖ

**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ବିଭିନ୍ନ ସେକ୍ସନ ଇଂଜିନିୟର(ବ୍ରିଜ୍)/କଟକ-II ପରିସୀମା ଅଧୀନସ୍ଥ ... 30.06.2026 ପର୍ଯ୍ୟନ୍ତ ... ଜୋନାଲ (Zonal) ଚୁକ୍ତି (ବ୍ରିଜ୍ କାର୍ଯ୍ୟ)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 72.40 ଲକ୍ଷ, EMD (ଟଙ୍କାରେ) : 1,44,800/-।

(2) ଟେଣ୍ଡର ସଂ.e-tender-EASTKUR-252-2025,ତା.16.09.2025ରିଖ

**ବିବରଣୀ :** "ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଦ୍ୱାରା ... ସ୍କିମ୍ ଅଧୀନସ୍ଥ ... ଟ୍ରାକ୍ ... କାର୍ଯ୍ୟ" ... ଟ୍ରାକ୍ ଯୋଡ଼ିବା (Linking)କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ:** 113.41 ଲକ୍ଷ, EMD (ଟଙ୍କାରେ) : 2,06,700/-।

ଶେଷ ହେବା ଅବଧି : 08 ମାସ (କ୍ରମ ସଂ.1 ପାଇଁ) ଏବଂ 10 ମାସ (କ୍ରମ ସଂ.2 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.08.10.2025 ରିଖ 1500 ଘଣ୍ଟାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ... ମାଧ୍ୟମରେ ... (Firm) ... ବିନା ବିଜ୍ଞପ୍ତିରେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ... ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଛି।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡରର ... ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ(ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍

PR-647/Q/25-26


**AFFIDAVIT**

By virtue of an affidavit No-02 sworn before the Executive Magistrate, Jatni on dt 19/09/2025, I **Pratap Chandra Maharathi,** S/o-Late Pramod Maharathi, resident of At- Bhatakhuri, Po- Gangapada, Ps- Infovaley, Dist- Khordha, Pin- 752054, Odisha. I am the deponent. I have changed my minor daughter's name from **Bhagrovi Maharathi** (old name) to **Bhargovi Maharathi** (new name). Henceforth, both name **Bhagrovi Maharathi** and **Bhargovi Maharathi** is one & same person she will be known as **Bhargovi Maharathi** for all future purposes.

**Pratap Chandra Maharathi**

**AFFIDAVIT**

By virtue of an affidavit No. 4240 sworn before the Notary Public Swampatna on dated-26/09/2025. I **Mandakini Behera,** aged 41 years, D/O- Hrusikesh Behera, W/O- Ranjit Sethi, resident of At/Po-Mushakhori, Ps-Patna, Dist-Keonjhar, Odisha. My surname in my Aadhar card is mentioned as **SETHI** & D.O.B as **04/05/1989** instead of **BEHERA** & **D.O.B 29/04/1983**. Henceforth I shall be known as **Mandakini Behera,** D/O- Hrushikesh Behera and date of birth as **29/04/1983** for all future purposes

**Mandakini Behera**

**AFFIDAVIT**

I, Laxmi Bihani W/o Bajrang Lal Bihani, Resident of At Ward No.13, Naba Mishra Colony, PO- Hatatota, Talcher, Dist-Angul, Odisha, PIN- 759100, declare by this affidavit No.5950 dtd 26.09.2025 that now onwards I shall be known as **LAXMI DEVI BIHANI** for all future purposes.

**AFFIDAVIT**

I, Jyoshna Mohapatra, W/o- Bikash Chandra Mohapatra, resident of Gopinathpur, Marshaghai, Dist-Kendrapara, Pin-754213, Odisha declared by this affidavit No.788, dtd-26/09/2025 that now onwards I shall be known as **JYOSHNA RANI MOHAPATRA** for all future purposes.

**AFFIDAVIT**

By virtue of an affidavit (SL No. 306, dtd- 26/09/2025) before the Notary Public, Bhubaneswar. I, **Sthitapragnya Mohapatra,** W/o Indrajit Panda, resident of At: RP-57, Pandav Nagar, Road No. 4, Tankapani Road, Bhubaneswar- 751018, Dist- Khordha, Odisha declare that, I want to change my name from **Sthitapragnya Mohapatra** to **Sthitapragnya Mohapatra** in my son's (Aryan Panda) school record. Henceforth, I shall be known as **Sthitapragnya Mohapatra** (new name) for all future purposes.

**Sthitapragnya Mohapatra**


## ଅବଶିଷ୍ଟାଂଶ

### ୬୦ ହଜାର...

ଓଡ଼ିଶା ଆଡ଼କୁ ଆଗକୁ ବଢ଼ିବାକୁ ସଂକଳ୍ପ ନେଇଥିଲେ। ଆଜି କେନ୍ଦ୍ର ଏବଂ ରାଜ୍ୟରେ ସେମାନଙ୍କ ସରକାରଙ୍କ ବିକାଶ ଧାରା ସହିତ ଓଡ଼ିଶା ଦ୍ରୁତ ଗତିରେ ପ୍ରଗତି କରୁଛି। ଆମ ସରକାର ଗରିବଙ୍କ ସେବା ଏବଂ ସଶକ୍ତୀକରଣ ପାଇଁ ସଂକଳ୍ପବଦ୍ଧ। ଆଜିର କାର୍ଯ୍ୟକ୍ରମ ଏହି ପ୍ରତିବଦ୍ଧତାର ପ୍ରମାଣ ବୋଲି ସେ କହିଛନ୍ତି।

ଆଜିର କାର୍ଯ୍ୟକ୍ରମରେ ଦୂରସଞ୍ଚାର ସଂଯୋଗ କ୍ଷେତ୍ରରେ, ପ୍ରଧାନମନ୍ତ୍ରୀ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ସହିତ ପ୍ରାୟ ୩୭,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୯୭,୫୦୦ରୁ ଅଧିକ ମୋବାଇଲ୍ ୪ଜି ଟାୱାରର ଲୋକାର୍ପଣ କରିଛନ୍ତି। ଏଥିରେ ବିଏସଏନଏଲ ଦ୍ୱାରା ୯୨,୬୦୦ରୁ ଅଧିକ ୪ଜି ଟେକ୍ନୋଲୋଜି ସାଇଟ୍ ଅନ୍ତର୍ଭୁକ୍ତ। ଡିଜିଟାଲ୍ ଭାରତ ନିଧି ଅଧୀନରେ ୧୮,୯୦୦ରୁ ଅଧିକ ୪ଜି ସାଇଟ୍ ପାଇଁ ପାଣ୍ଠି ଯୋଗାଇ ଦିଆଯାଇଛି ଯାହା ଦୂରଦୂରାନ୍ତ, ସୀମାନ୍ତ ଏବଂ ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ପ୍ରାୟ ୨୬,୭୦୦ ଅପହଞ୍ଚ ଗ୍ରାମକୁ ସଂଯୋଗ କରିବ। ଏଥିସହିତ ୨୦ ଲକ୍ଷରୁ ଅଧିକ ନୂତନ ଗ୍ରାହକଙ୍କୁ ସେବା ଯୋଗାଇବ। ସେହିପରି ପ୍ରଧାନମନ୍ତ୍ରୀ ସମ୍ବଲପୁର-ସରଲାରେ ରେଳ ଫ୍ଲାଏଓଭର ପାଇଁ ଶିଳାନ୍ୟାସ, କୋରାପୁଟ-ବୈଗୁଡ଼ା ଲାଇନର ଦୋହରୀକରଣ ଏବଂ ମାନାବାର-କୋରାପୁଟ-ଗୋରାପୁର ଲାଇନକୁ ରାଷ୍ଟ୍ର ଉଦ୍ଦେଶ୍ୟରେ ଲୋକର୍ପଣ କରିଛନ୍ତି। ପ୍ରଧାନମନ୍ତ୍ରୀ ବ୍ରହ୍ମପୁର ଏବଂ ଉଧନା (ସୁରଟ) ମଧ୍ୟରେ ଅମୃତ ଭାରତ ଏକ୍ସପ୍ରେସକୁ ମଧ୍ୟ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି।। ଏତଦବ୍ୟତୀତ ପ୍ରାୟ ୧୧,୦୦୦କୋଟି ଟଙ୍କା ନିବେଶରେ ଆଠଟି ଆଇଆଇଟି - ତିରୁପତି, ପଲକଡ଼, ଭିଲାଇ, ଜମ୍ମୁ, ଧାରୱାଡ, ଯୋଧପୁର, ପାଟନା ଏବଂ ଇନ୍ଦୋରର ସମ୍ପ୍ରସାରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେହିପରି ଏହି ଅବସରରେ ଦେଶବ୍ୟାପୀ ୨୭୫ଟି ରାଜ୍ୟ ଇଞ୍ଜିନିୟରିଂ ଏବଂ ପଲିଟେକ୍ନିକ୍ ପ୍ରତିଷ୍ଠାନରେ ଗୁଣବତ୍ତା, ସମାନତା, ଗବେଷଣା ଏବଂ ନବସୃଜନକୁ ଉନ୍ନତ କରିବା ପାଇଁ ଡିଜାଇନ୍ କରାଯାଇଥିବା ମେରିଟ ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶା ଦକ୍ଷତା ବିକାଶ ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ମଧ୍ୟ ଆରମ୍ଭ କରିଛନ୍ତି ଯାହା ମାଧ୍ୟମରେ ସମ୍ବଲପୁର ଏବଂ ବ୍ରହ୍ମପୁରରେ ବିଶ୍ୱ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହି ଅବସରରେ ବ୍ରହ୍ମପୁରର ଏମକେସିଜି ମେଡିକାଲ କଲେଜ ଏବଂ ସମ୍ବଲପୁରର ଭିମସାରକୁ ବିଶ୍ୱସ୍ତରୀୟ ସୁପର-ସ୍ପେଶାଲିଟି ହସ୍ପିଟାଲ ରୂପେ ଉନ୍ନତିକରଣ କରିବା ପାଇଁ ଭିତ୍ତିପ୍ରସ୍ତର ମଧ୍ୟ ସ୍ଥାପନ କରିଛନ୍ତି।

ଏହି ଅବସରରେ ଆୟୋଜିତ ସଭାରେ ପ୍ରଧାନମନ୍ତ୍ରୀ କହିଲେ ଯେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିବାର ସୁଯୋଗ ତାଙ୍କୁ ମିଳିଛି। ଆମ ସରକାର ସାରା ଦେଶରେ ଗରିବ ପରିବାରକୁ ଚାରି କୋଟିରୁ ଅଧିକ ପକ୍କା ଘର ଯୋଗାଇ ଦେଇଥିବା ବେଳେ ଓଡ଼ିଶାରେ ହଜାର ହଜାର ଘର ଦ୍ରୁତ ଗତିରେ ନିର୍ମାଣ କରାଯାଉଛି। ଆଜି ପ୍ରାୟ ୫୦ ହଜାର ପରିବାର ନୂତନ ଘର ପାଇଁ ଅନୁମୋଦନ ପାଇଛନ୍ତି। ପିଏମ ଜନମନ ଯୋଜନା ଅଧୀନରେ ଓଡ଼ିଶାରେ ଆଦିବାସୀ ପରିବାର ପାଇଁ ୪୦ ହଜାରରୁ ଅଧିକ ଘର ମଞ୍ଜୁର କରାଯାଇଛି। ପ୍ରଧାନମନ୍ତ୍ରୀ କହିଲେ ଯେ ପ୍ରକୃତି ଓଡ଼ିଶାକୁ ପ୍ରଚୁର ପରିମାଣରେ ଆଶୀର୍ବାଦ ଦେଇଛି ଏବଂ ଆଗାମୀ ଦଶନ୍ଧି ରାଜ୍ୟବାସୀଙ୍କ ପାଇଁ ସମୃଦ୍ଧି ଆଣିବ। କେନ୍ଦ୍ର ସରକାର ସମ୍ପ୍ରତି ଓଡ଼ିଶା ପାଇଁ ଦୁଇଟି ସେମିକଣ୍ଡକ୍ଟର ୟୁନିଟ୍ ମଞ୍ଜୁର କରିଛନ୍ତି ଏବଂ ଗୋଟିଏ ସେମିକଣ୍ଡକ୍ଟର ପାର୍କ ମଧ୍ୟ ପ୍ରତିଷ୍ଠା ହେବାକୁ ଯାଉଛି। ପାରାଦୀପରୁ ଝାରସୁଗୁଡା ପର୍ଯ୍ୟନ୍ତ ଏକ ବିଶାଳ ଶିଳ୍ପ କରିଡର ବିକଶିତ ହେଉଛି। ଜାହାଜ ନିର୍ମାଣର ରଣନୀତିକ ଗୁରୁତ୍ୱ ଉପରେ ଆଲୋକପାତ କରି ସେ ଉଲ୍ଲେଖ କରିଥିଲେ ଯେ ଆର୍ଥିକ ଶକ୍ତି ପାଇଁ ଆକାଂକ୍ଷୀ ଯେକୌଣସି ରାଷ୍ଟ୍ର ଏହି କ୍ଷେତ୍ରରେ ନିବେଶ କରିବା ଉଚିତ। ଭାରତରେ ଜାହାଜ ନିର୍ମାଣ ପାଇଁ ୭୦,୦୦୦ କୋଟି ଟଙ୍କାର ପ୍ୟାକେଜ୍ ଘୋଷଣା କରିଛନ୍ତି। ସେ ଆକଳନ କରି କହିଲେ, ଏହା ୪.୫ ଲକ୍ଷ କୋଟି ଟଙ୍କାର ନିବେଶକୁ ଆକର୍ଷିତ କରିବ ଯାହା ଇସ୍ପାତ, ଯନ୍ତ୍ରପାତି, ଇଲେକ୍ଟ୍ରୋନିକ୍ସ ଏବଂ ଉତ୍ପାଦନ ଭଳି କ୍ଷେତ୍ର ପର୍ଯ୍ୟନ୍ତ ପହଞ୍ଚିବ।

ଶ୍ରୀ ମୋଦୀ କହିଲେ ଯେ ବର୍ତ୍ତମାନ ବିଏସଏନଏଲ ଭାରତରେ ଏକ ସମ୍ପୂର୍ଣ୍ଣ ସ୍ୱଦେଶୀ ୪ଜି ପ୍ରଯୁକ୍ତିବିଦ୍ୟା ସଫଳତାର ସହିତ ବିକଶିତ କରିଛି। ପ୍ରଧାନମନ୍ତ୍ରୀ ବିଏସଏନଏଲର ୨୫ତମ ବାର୍ଷିକୀ ପାଳନର ସଂଯୋଗ ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ବିଏସଏନଏଲ ଏବଂ ଏହାର ଅଂଶୀଦାରମାନଙ୍କ ଉତ୍ସର୍ଗୀକୃତ ପ୍ରୟାସ ମାଧ୍ୟମରେ ଭାରତ ଏକ ବିଶ୍ୱସ୍ତରୀୟ ଦୂରସଞ୍ଚାର ଉତ୍ପାଦନ କେନ୍ଦ୍ର ହେବା ଦିଗରେ ଅଗ୍ରସର ହେଉଛି। ଏହା ଓଡ଼ିଶା ପାଇଁ ଗର୍ବର ବିଷୟ ଯେ ବିଏସଏନଏଲର ସ୍ୱଦେଶୀ ୪ଜି ନେଟୱାର୍କ ଝାରସୁଗୁଡାରୁ ଆରମ୍ଭ ହେଉଛି, ଯେଉଁଥିରେ ପ୍ରାୟ ଏକ ଲକ୍ଷ ୪ଜି ଟାୱାର ଅନ୍ତର୍ଭୁକ୍ତ। ଏହି ଟାୱାରଗୁଡ଼ିକ ଦେଶର ଦୂରଦୂରାନ୍ତ ଅଞ୍ଚଳରେ ସଂଯୋଗର ଏକ ନୂତନ ଯୁଗ ଆରମ୍ଭ କରିବାକୁ ପ୍ରସ୍ତୁତ। ଗତ ୨୨ ତାରିଖଠାରୁ ଓଡ଼ିଶା ସମେତ ସାରା ଦେଶରେ ନୂତନ ଜିଏସଟି ସଂସ୍କାର କାର୍ଯ୍ୟକାରୀ ହୋଇଛି ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ, ଏହି ସଂସ୍କାରଗୁଡ଼ିକୁ ସମସ୍ତଙ୍କ ପାଇଁ ସଞ୍ଚୟର ଉପହାର। ବିଶେଷକରି ମା' ଏବଂ ଭଉଣୀମାନଙ୍କ ପାଇଁ ରୋଷେଇ ଘର ଖର୍ଚ୍ଚକୁ ଅଧିକ ସୁଲଭ କରାଯାଇଛି। ଓଡ଼ିଶାରେ ବର୍ତ୍ତମାନ ୬ଟି ବନ୍ଦେ ଭାରତ ଟ୍ରେନ୍ ଚାଲୁଛି ଏବଂ ପ୍ରାୟ ୬୦ଟି ରେଳ ଷ୍ଟେସନରେ ଆଧୁନିକୀକରଣ ଚାଲିଛି। ଝାରସୁଗୁଡ଼ାର ବୀର ସୁରେନ୍ଦ୍ର ସାଏ ବିମାନବନ୍ଦର ବର୍ତ୍ତମାନ ଭାରତର ଅନେକ ପ୍ରମୁଖ ସହର ସହିତ ଯୋଡ଼ି ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅଶ୍ୱିନୀ ବୈଷ୍ଣବ ଆଭାସୀ ମାଧ୍ୟମରେ ଯୋଡ଼ି ହୋଇଥିଲେ। ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିବାବେଳେ ଭିଡିଓ କନଫରେନ୍ସ ମାଧ୍ୟମରେ କାର୍ଯ୍ୟକ୍ରମରେ ଦେଶବ୍ୟାପୀ ଅନେକ କେନ୍ଦ୍ର ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀମାନେ ଯୋଗ ଦେଇଥିଲେ।

### ଦଳାଚକଟାରେ...

ତେବେ ଅନ୍ୟ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟଙ୍କୁ ଅତି ନିକଟରୁ ଦେଖିବା ପାଇଁ ଲୋକେ ତାଙ୍କ ବସ୍ ନିକଟକୁ ପଳାଇଥିଲେ। ଏଥିଯୋଗୁଁ ସ୍ଥିତି ବିଗିଡି ଯାଇଥିଲା। ଲୋକେ ଚେତା ହରାଉଥିବା ଦେଖି ବିଜୟ ଭାଷଣ ବନ୍ଦ କରି ଶାନ୍ତି ନିବେଦନ ସହ ରାଲି ଛାଡ଼ି ପଳାଇଥିଲେ। ଆଉ ଏକ ରିପୋର୍ଟରେ କୁହାଯାଇଛି ଯେ ବିଜୟ ପହଞ୍ଚିବା ପରେ ୯ ବର୍ଷର ଶିଶୁ ନିଖୋଜ ହୋଇଥିବା ସୂଚନା ମିଳିଥିଲା। ବିଜୟ ଗାଡ଼ି ଉପରୁ ଏହି ଶିଶୁକୁ ଖୋଜିବା ପାଇଁ ନିବେଦନ କରିଥିଲେ। ଏହା ପରେ ଦଳାଚକଟା ହୋଇଥିଲା। ସେହିପରି ଭିଡ଼ ନିୟନ୍ତ୍ରଣ ପାଇଁ ତାମିଲନାଡୁ ପୁଲିସ ଲାଠିଚାର୍ଜ କରିବାରୁ ଏଭଳି ସ୍ଥିତି ସୃଷ୍ଟି ହେଲା ବୋଲି କୁହାଯାଉଛି।

ଅନ୍ୟପକ୍ଷରେ ବିଜୟଙ୍କ ଏହି ରାଲି ପାଇଁ ୧୦ ହଜାର ଲୋକଙ୍କୁ ଅନୁମତି ମିଳିଥିଲା। କିନ୍ତୁ ୫୦ ହଜାର ଲୋକ ଆସିପାରନ୍ତି ବୋଲି ପ୍ରଶାସନ ଅନୁମାନ କରିଥିଲା। ମାତ୍ର ସେଠାରେ ପ୍ରାୟ ଲକ୍ଷେ ୨୦ ହଜାର ଲୋକେ ଏକାଠି ହୋଇଥିଲେ। ଅସମ୍ଭାଳ ଭିଡ଼ ଯୋଗୁଁ ଏପରି ସ୍ଥିତି ସୃଷ୍ଟି ହୋଇଥିଲା।

ଏହି ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍ କେ ଷ୍ଟାଲିନ ଗଭୀର ଶୋକ ପ୍ରକାଶ କରିଛନ୍ତି। ପ୍ରଧାନମନ୍ତ୍ରୀ ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି।

ତେବେ ପ୍ରଥମ ଥର ପାଇଁ ବିଜୟଙ୍କ ରାଲିରେ ଏପରି ଭିଡ଼ ହୋଇନାହିଁ। ସେ ଚଳିତ ମାସରେ ହୋଇଥିବା ତ୍ରିଚି ରାଲିରେ ବିମାନବନ୍ଦରରୁ ଆୟୋଜନସ୍ଥଳ ପର୍ଯ୍ୟନ୍ତ ଭିଡ଼ ଲାଗିଥିଲା। ୨୦ ମିନିଟର ରାସ୍ତା ଯିବାକୁ ଲୋକଙ୍କୁ ୬ ଘଣ୍ଟା ସମୟ ଲାଗିଥିଲା।

### ସୁନା ବଜାରରେ...

ସୁନା ମୂଲ୍ୟ ୬୬, ୨୫୮ ଟଙ୍କା, ୧୮ କ୍ୟାରେଟ ମୂଲ୍ୟ ୮୪, ୯୪୭ ଟଙ୍କା ଏବଂ ୨୨ କ୍ୟାରେଟ ସୁନା ମୂଲ୍ୟ ୧, ୦୩, ୭୪୮ କୋଟି ଟଙ୍କା ରହିଛି।

ଇଣ୍ଡିଆ ବୁଲିୟନ ଜୁଏଲର୍ସ ଆସୋସିଏସନ (ଆଇବିଜେଏ) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ରୁପା ମୂଲ୍ୟ ମଧ୍ୟ ରକେଟ୍ ବେଗରେ ବଢ଼ିବାରେ ଲାଗିଛି। ଶନିବାର ରୁପା କିଲୋ ସର୍ବକାଳୀନ ରେକର୍ଡ ଛୁଇଁଛି। ଏହା ୧, ୩୮, ୧୦୦ ଟଙ୍କାରେ ପହଞ୍ଚି ଯାଇଛି। ଗତ ଶନିବାର ରୁପା କେଜି ୧, ୨୮, ୦୦୦ ଟଙ୍କା ଥିଲା। ଏହି ଭଳି ଭାବେ ଚଳିତ ସପ୍ତାହରେ ରୁପା ମୂଲ୍ୟ ୧୦, ୧୦୦ ଟଙ୍କା ବୃଦ୍ଧି ପାଇଲାଣି। ଚଳିତ ବର୍ଷ ଏ ପର୍ଯ୍ୟନ୍ତ ରୁପା ମୂଲ୍ୟ ୫୨, ୦୮୩ ଟଙ୍କା ମହଙ୍ଗା ହେଲାଣି। ଗତ ବର୍ଷ ଡିସେମ୍ବର ୩୧ରେ ରୁପା ମୂଲ୍ୟ ୮୬, ୦୧୭ ଟଙ୍କା ଥିଲା। ୨୦୨୪ରେ ଏହା ୧୭ ପ୍ରତିଶତ ମହଙ୍ଗା ହୋଇଥିଲା। ଚଳିତ ବର୍ଷ ବର୍ଷ ଏ ପର୍ଯ୍ୟନ୍ତ ସୁନା ୪୯ ପ୍ରତିଶତ ଏବଂ ରୁପା ୬୦ ପ୍ରତିଶତ ରିଟର୍ଣ୍ଣ ଦେଲାଣି। ୱାର୍ଲ୍ଡ ଗୋଲ୍ଡ କାଉନସିଲର ରିପୋର୍ଟ ଅନୁଯାୟୀ ସେପ୍ଟେମ୍ବର ପ୍ରାରମ୍ଭରେ ଏହାର ମୂଲ୍ୟ ୬.୭ ପ୍ରତିଶତ ବଢ଼ିଥିଲା। କାରଣ ସୁରକ୍ଷିତ ନିବେଶ ଭାବେ ନିବେଶକ ସୁନା କ୍ରୟ କରିବାରେ ଲାଗିଛନ୍ତି।

### 'ହାର୍ଟ ବିଟ୍' ବୁଲି...

ଗୋଷ୍ଠୀ ସହଯୋଗିତା ବିଷୟବସ୍ତୁଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଏଥିସହ ଆକର୍ଷଣୀୟ ପ୍ରଦର୍ଶନୀ ଏବଂ ବାସ୍ତବ ଜୀବନର ପ୍ରଭାବଶାଳୀ କାହାଣୀ ମାଧ୍ୟମରେ ବନ୍ୟଜନ୍ତୁ ସୁରକ୍ଷା, ବାସସ୍ଥାନ ପୁନରୁଦ୍ଧାର, ଉଦ୍ଧାର ଓ ପଶୁ ସ୍ୱାସ୍ଥ୍ୟ ଏବଂ ଆଦିବାସୀ ସମୁଦାୟଙ୍କୁ ସଶକ୍ତୀକରଣ କ୍ଷେତ୍ରରେ କରାଯାଉଥିବା ପ୍ରୟାସଗୁଡ଼ିକ କାର୍ଯ୍ୟକ୍ରମରେ ପ୍ରଦର୍ଶିତ ହୋଇଥିଲା।

### ୬ ଦିନରେ...

ଆମେରିକା ରାଷ୍ଟ୍ରପତି ଏଚ୍-୧ବି ଭିସା ଦେୟ ବଢ଼ାଇ ଲକ୍ଷେ ଡଲାର (ପ୍ରାୟ ୮୮ ଲକ୍ଷ ଟଙ୍କା) କରିବାରୁ ଏହି ସଙ୍କଟ ସୃଷ୍ଟି ହୋଇଥିଲା। ଏହାର ପ୍ରତ୍ୟକ୍ଷ ପ୍ରଭାବ ଭାରତୀୟ ଆଇଟି କମ୍ପାନୀଙ୍କ ଉପରେ ପଡ଼ିଥିଲା। ଏହି କମ୍ପାନୀଗୁଡିକର ହଜାର ହଜାର କର୍ମଚାରୀ ଆମେରିକାରେ କାମ କରୁଛନ୍ତି। ଏଥିଯୋଗୁଁ ଆଇଟି ସୂଚକାଙ୍କ ୮ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଥିଲା। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ପରେ ବିଦେଶୀ ନିବେଶକମାନେ ଭାରତୀୟ ସେୟାର ବଜାରରୁ ଅର୍ଥ କାଢିବାରେ ଲାଗିଛନ୍ତି।

ସେହିପରି ଔଷଧ ଉପରେ ଆମେରିକା ୧୦୦ ପ୍ରତିଶତ ଶୁଳ୍କ, କିଚେନ କ୍ୟାବିନେଟ୍ସ ଉପରେ ୫୦ ପ୍ରତିଶତ, ଆସବାବପତ୍ରରେ ୩୦ ପ୍ରତିଶତ ଏବଂ ଭାରୀ ଟ୍ରକ ଉପରେ ୨୫ ପ୍ରତିଶତ ଆମଦାନୀ ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ମଧ୍ୟ ନିବେଶକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହାର ପ୍ରଭାବରେ ଏନ୍‌ଏସ୍‌ଇରେ ପଞ୍ଜୀକୃତ କମ୍ପାନୀଙ୍କ ବଜାର ପୁଞ୍ଜି ଚଳିତ ସପ୍ତାହରେ ପ୍ରାୟ ୧୬ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ନିଫ୍ଟି୫୦ରେ ସାମିଲ ୪୩ କମ୍ପାନୀଙ୍କ ମଧ୍ୟ କ୍ଷତି ହୋଇଛି। ଟେକ୍ ମହିନ୍ଦ୍ରାର ସବୁଠାରୁ ଅଧିକ କ୍ଷତି ହୋଇଛି। ଏହି କମ୍ପାନୀର ସେୟାର ୯.୪ ପ୍ରତିଶତ ହ୍ରାସ ପାଇଛି। ସେହିପରି ଟିସିଏସ୍‌ର ୮.୫ ପ୍ରତିଶତ ,ୱିପ୍ରୋ ଏବଂ ଟ୍ରେଣ୍ଟର ୮ ପ୍ରତିଶତ ଏବଂ ଇନ୍‌ଫୋସିସର ସେୟାର ୫.୯ ପ୍ରତିଶତ ଖସି ଆସିଛି। କ୍ଷେତ୍ର ହିସାବରେ ଆଟିର ସର୍ବାଧିକ ୮%, ରିୟଲଟିର ୬.୧%, ଫାର୍ମାର ୫.୨%, କଞ୍ଜୁମର ଡ୍ୟାରାବିଲ୍ସର ୪.୬%, ଗଣମାଧ୍ୟମଗୁଡିକର ସେୟାର ୨.୭% ହ୍ରାସ ପାଇଛି।


**GOVERNMENT OF ODISHA** C-1191
**HOUSING & URBAN DEVELOPMENT DEPARTMENT**
**OF THE NOTIFIED AREA COUNCIL,PADAMPUR**
At-Padampur, Po-Rajborasambar, Dist-Bargarh, Pin-768036
Ph.No.06683-223436, E-mail:- nac.padampur@gmail.com
No. 2896 / NACP Dt. 25.09.2025

**National Competitive Bidding through e-procurement**
**Bid Identification No. NAC-PDP-04/2025-26**

The Executive Officer, N.A.C. Padampur on behalf of NAC invites Percentage bid through e-procurement in single cover system according to norm of e-Procurement system in on-line mode.

| | | |
|---|---|---|
| 1. | Nature of Work | : Civil Work |
| 2. | No. of works | : 4 (Four Nos.) |
| 3. | Estimate Cost | : Rs. 2,65,562/- to Rs. Rs.9,62,188/- |
| 4. | Class of Contractor | : "C" or "D" Class |
| 5. | Date & Time of availability of Bid Documents in the portal | : 9.00 AM on dt.26-09-2025 up to 05.00 PM on dt.17-10-2025 |
| 6. | Last date & time for receipt of Bids in the portal. | : 17-10-2025 at 05.00 PM. |
| 7. | Bid opening Date | : Dt.18-10-2025 at 11.00 AM |

The bidders have to participate in online bidding only. Further details can be seen from the website https:// www.tendersodisha.gov.in

Executive Officer
N.A.C. Padampur

OIPR-13118/11/0041/2526



ଫର୍ମ ଏ

**ସର୍ବସାଧାରଣ ଘୋଷଣା**

(ଭାରତୀୟ ଦେବାଳିଆ ଓ ଇନସଲଭେନ୍ସି ବୋର୍ଡ ଅଫ୍ ଇଣ୍ଡିଆ ରେଗୁଲେସନ୍ ୬ ଅଧୀନରେ)
(କର୍ପୋରେଟ ପରବାସୀଙ୍କ ପାଇଁ ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟା ନିୟମାବଳୀ, ୨୦୧୬)

**ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ (IN CIRP) ଋଣଦାତାମାନଙ୍କ ଧ୍ୟାନାକର୍ଷଣ ନିମନ୍ତେ**

ସମ୍ବନ୍ଧିତ ବିସ୍ତୃତ ବିବରଣୀ

| | | |
|---|---|---|
| ୧ | କର୍ପୋରେଟ୍ ଋଣଗ୍ରହୀତାଙ୍କ ନାମ | ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର୍ ଲିମିଟେଡ |
| ୨ | କର୍ପୋରେଟ୍ ଋଣଗ୍ରହୀତାଙ୍କ ରେଜିଷ୍ଟ୍ରେସନ୍ ତାରିଖ: | ୦୯/୦୫/୧୯୬୧ |
| ୩ | ଯେଉଁ କର୍ତ୍ତୃପକ୍ଷ ଅଧୀନରେ କର୍ପୋରେଟ୍ ଋଣଗ୍ରହୀତାଙ୍କ ଅନ୍ତର୍ଭୁକ୍ତି / ପଞ୍ଜିକରଣ କରାଯାଇଛି | କମ୍ପାନୀ ରେଜିଷ୍ଟ୍ରାର, କୋଲକାତା |
| ୪ | କମ୍ପାନୀ ଆଇଡେଣ୍ଟିଟି ନମ୍ବର: | U31300WB1961PLC025104 |
| ୫ | କର୍ପୋରେଟ୍ ଋଣଗ୍ରହୀତାଙ୍କ ପଞ୍ଜିକୃତ କାର୍ଯ୍ୟାଳୟ ଏବଂ ମୁଖ୍ୟ କାର୍ଯ୍ୟାଳୟର ଠିକଣା (ଯଦି ଥାଏ) | ପଞ୍ଜିକୃତ କାର୍ଯ୍ୟାଳୟ ଠିକଣା: ଇଉନ-୬୨, ସେକ୍ଟର-ଭି, ... ମହଲା, ସଲ୍ଟ ଲେକ୍ ସିଟି, କୋଲକାତା, ପଶ୍ଚିମବଙ୍ଗ, ଭାରତ- ୭୦୦୦୯୧ ଆଭାସୀୟ ବିଭି ... ଠିକଣା: କଟକ-ପୁରୀ ରୋଡ୍, ଭୁବନେଶ୍ୱର ... ସାମନା, ଭୁବନେଶ୍ୱର, ଓଡ଼ିଶା, ଭାରତ - ୭୫୧୦୦୬ |
| ୬ | କର୍ପୋରେଟ୍ ଋଣଗ୍ରହୀତାଙ୍କ କ୍ଷେତ୍ରରେ ଇନସଲଭେନ୍ସି ଆରମ୍ଭ ତାରିଖ | ୨୬.୦୯.୨୦୨୫ (ଅର୍ଡର ଅପଲୋଡ୍ ହୋଇଥିଲା ୨୬.୦୯.୨୦୨୫ରେ) |
| ୭ | ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଅନୁମାନିତ ସମାପ୍ତି ତାରିଖ | ୨୫.୦୩.୨୦୨୬ |
| ୮ | ନାମ ଏବଂ ପଞ୍ଜିକରଣ ନମ୍ବର ଯେଉଁଠାରେ ଇନଟେରିମ ରେଜୋଲ୍ୟୁସନ ପ୍ରୋଫେସନାଲ ଅଧିକାରୀ ଅନୁମୋଦିତ | ପ୍ରଦୀପ କୁମାର କବ୍ରା IBBI/IPA-001/IP-P01104/2017-18/11790 |
| ୯ | ବୋର୍ଡରେ ପଞ୍ଜୀକୃତ ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା ଡି/୩୦୫, ... ବିଲ୍ଡିଂ, ଭି.ଆଇ.ପି. ରୋଡ୍, ... ସୁରଟ, ଗୁଜରାଟ, ୩୯୫୦୦୭ ଇ-ମେଲ: pradeepkabra@gmail.com |
| ୧୦ | ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ସହ ପତ୍ରାଳାପ ପାଇଁ ବ୍ୟବହାର ହେବାକୁ ଥିବା ଠିକଣା ଏବଂ ଇ-ମେଲ୍ | ପ୍ରଦୀପ କୁମାର କବ୍ରା ୩୦୧, ... ମହଲା, ... ସେଣ୍ଟର, ... ରୋଡ୍, ... ସୁରଟ, ଗୁଜରାଟ, ୩୯୫୦୦୭ ଇ-ମେଲ: ip.guptapower@gmail.com |
| ୧୧ | ଦାବିପତ୍ର ଦାଖଲ କରିବାର ଶେଷ ତାରିଖ | ଶୁକ୍ରବାର, ୧୦.୧୦.୨୦୨୫ |
| ୧୨ | ଧାରା21 ର ଉପ-ଧାରା (6A)ର ଧାରା (b) ଅନୁଯାୟୀ, ମଧ୍ୟବର୍ତ୍ତୀକାଳୀନ ସମାଧାନ ବୃତ୍ତିଗତଙ୍କ ଦ୍ୱାରା ନିର୍ଦ୍ଧିତ ଋଣଦାତାଙ୍କ ଶ୍ରେଣୀ, ଯଦି କୌଣସି ଥାଏ | ଲାଗୁ ନାହିଁ |
| ୧୩ | ଇନସଲଭେନ୍ସି ପ୍ରୋଫେସନାଲଙ୍କର ନାମ, ଯେଉଁମାନେ ଅଧିକାରୀ ହୋଇଛନ୍ତି ଦାବିକାରୀଙ୍କ ପ୍ରତିନିଧି ଭାବେ (ପ୍ରତ୍ୟେକ ଶ୍ରେଣୀ ପାଇଁ ତିନୋଟି ନାମ) | ଲାଗୁ ନାହିଁ |
| ୧୪ | (a) ପ୍ରାସଙ୍ଗିକ ଫର୍ମ ଏବଂ (b) ପ୍ରାଧିକୃତ ପ୍ରତିନିଧିଙ୍କ ବିବରଣୀ ଏଠାରେ ଉପଲବ୍ଧ: | a) Web link: https://ibbi.gov.in/home/downloads b) Not applicable |

ନୋଟିସ: ଏଠାରେ ଜଣାଇ ଦିଆଯାଉଛି ଯେ ଜାତୀୟ କମ୍ପାନୀ ଆଇନ ଟ୍ରିବ୍ୟୁନାଲ ଆଦେଶ ଦେଇଛି ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ଇନସଲଭେନ୍ସି ରେଜୋଲ୍ୟୁସନ ପ୍ରକ୍ରିୟାର ଆରମ୍ଭ ୨୮ ସେପ୍ଟେମ୍ବର, ୨୦୨୫ରେ (୨୬.୦୯.୨୦୨୫ ଅର୍ଡର ଅପଲୋଡ୍ ହୋଇଥିଲା)।

ମେସର୍ସ ଗୁପ୍ତା ପାୱାର ଇନ୍ଫ୍ରାଷ୍ଟ୍ରକଚର ଲିମିଟେଡର ସମସ୍ତ ଋଣଦାତାଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ୧୦.୧୦.୨୦୨୫ (ଶୁକ୍ରବାର) ରୁ ପୂର୍ବରୁ ସମସ୍ତ ପ୍ରମାଣ ସହିତ ଦାବିପତ୍ର Interim Resolution Professionalଙ୍କୁ (କ୍ର.ସଂ.୧୦ରେ ଥିବା ଠିକଣାରେ) ଦାଖଲ କରନ୍ତୁ।

ଆର୍ଥିକ ଦାବିକାରୀଙ୍କୁ ତାଙ୍କର ଦାବି ପ୍ରମାଣ ସହିତ ଇଲେକ୍ଟ୍ରନିକ ମାଧ୍ୟମରେ ମାତ୍ର ପଠାଇବାକୁ ହେବ। ଅନ୍ୟାନ୍ୟ ଦାବିକାରୀ ନିଜ ଦାବି ପ୍ରମାଣ ସହିତ ବ୍ୟକ୍ତିଗତ ଭାବେ, ପୋଷ୍ଟ କିମ୍ବା ଇଲେକ୍ଟ୍ରନିକ ମାଧ୍ୟମରେ ପଠାଇପାରିବେ।

ଦାବିର ମିଥ୍ୟା କିମ୍ବା ଭ୍ରାମକ ପ୍ରମାଣ ଦାଖଲ କଲେ ଦଣ୍ଡନୀୟ ହେବେ।

Sd/-
CA. IP Pradeep Kumar Kabra
IRP for **M/s. Gupta Power Infrastructure Limited**
Date: 28.09.2025
**IBBI Registration No.:** IBBI/IPA-001/IP-P01104 /2017-18/11790



**IN THE COURT OF THE CIVIL JUDGE, (SR.DIVN) LR & LTV, ANGUL**

**C.S NO: 97/2016**

**Saila Dehury and others .................. Plaintiffs**

**Versus**

**Sulochana Dehury and others .................. Defendants**

**DRAFT NOTICE**

U/O 5, RULE 20 OF CIVIL PROCEDURE CODE

To,
D.5 Suchitra Dehury, Wife of Late Basistha Dehury, Presently wife of Sushanta Biswal, Son of Dinabandhu Biswal, At/P.O/P.S: Nalco Nagar, Dist: Angul.

Whereas the above-named Plaintiffs filed a suit for cancellation of RSD bearing no.5900/2013 and injunction.

You are hereby noticed to appear in this Court in person or by a pleader duly instructed and able to answer all material questions relating to the case, or who shall be accompanied by some persons able to answer all such questions, on the **27th day of October 2025, at 10 ½ O'clock** in the forenoon, to answer the claim if any; and directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set-off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list [to be annexed to the written statement.

Take notice that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **25th day of September 2025.**

**Sd/- Court of the Civil Judge (Sr.Divn) LR & LTV, Angul.**



ବରପାଲି ବରଦା ଦୁର୍ଗା ମନ୍ଦିରରେ ମାଁଙ୍କ କାତ୍ୟାୟନୀ ରୂପରେ ପୂଜାର୍ଚ୍ଚନା

# କାତ୍ୟାୟନୀ ବେଶରେ ପୂଜା ପାଇଲେ ମା' ବନଦୁର୍ଗା

ପଦ୍ମପୁର, ୨୭।୯ (ସମିସ)

ପଦ୍ମପୁର ବଡ଼ବନ୍ଧ ପାଖ ବନଦୁର୍ଗା ମନ୍ଦିର ଠାରେ ଶନିବାର ନବରାତ୍ରର ଷଷ୍ଠ ଦିନରେ ଦେବୀ ଦୁର୍ଗା କାତ୍ୟାୟନୀ ବେଶରେ ପୂଜା ପାଉଛନ୍ତି। ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ, ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା, ଗିରିଶ ଚନ୍ଦ୍ର ହୋତା, ଅଶୋକ ପଣ୍ଡା, ଦେବେନ୍ଦ୍ର ତ୍ରିପାଠୀ, ପ୍ରବୀଣ ମିଶ୍ର ଓ ବିଘ୍ନରାଜ ନନ୍ଦଙ୍କ ମନ୍ତ୍ର ଉଚ୍ଚାରଣରେ ପୂଜା ହୋଇଥିଲା। ଦେବୀ କାତ୍ୟାୟନୀ ସିଂହ ଉପରେ ବିରାଜମାନ କରିଥାନ୍ତି। ତାଙ୍କର ଚାରି ବାହୁ ରହିଥିବା ବେଳେ ବାମ ହାତରେ ସେ ଏକ ପଦ୍ମଫୁଲ ଓ ଖଣ୍ଡା ଧାରଣ କରିଥାନ୍ତି। ଡାହାଣ ହାତରେ ସେ ଅଭୟ ଓ ବରଦ ମୁଦ୍ରା ପ୍ରଦର୍ଶନ କରନ୍ତି। ଦେବୀ କାତ୍ୟାୟନୀଙ୍କୁ ଶକ୍ତି ସାହାସ ଓ ସଂକଳ୍ପର ପ୍ରତୀକ ଭାବେ ପୂଜା କରାଯାଏ। ମାଁ କାତ୍ୟାୟନୀଙ୍କୁ ପୂଜା କଲେ ଭଲ ଜୀବନ ସାଥି ମିଳିଥାଏ ବୋଲି ମାନ୍ୟତା ରହିଛି। ଏପରିକି ବ୍ରଜ ଗୋପୀ ମାନେ ଶ୍ରୀକୃଷ୍ଣଙ୍କୁ ପତି



ରୂପରେ ପାଇବା ପାଇଁ ଏହି ଦେବୀଙ୍କର ଆରାଧାନା କରିଥିଲେ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ କାତ୍ୟାୟନୀ ଦେବୀ ବୃହସ୍ପତି ଗ୍ରହଙ୍କୁ ନିୟନ୍ତ୍ରଣ କରିଥାନ୍ତି। ସେ ଭକ୍ତଙ୍କର ନକରାତ୍ମକ ଭାବନାକୁ ନଷ୍ଟ କରି ଶୁଦ୍ଧତା ପ୍ରଦାନ କରନ୍ତି। ମହିଷାସୁରକୁ ଯୁଦ୍ଧରେ ପରାଜିତ କରିଥିବାରୁ ଦେବୀ କାତ୍ୟାୟନୀ ମହିଷାମର୍ଦ୍ଦିନୀ ନାମରେ ମଧ ପରିଚିତ।

ଆଜି ପ୍ରଥମେ ସୂର୍ଯ୍ୟ ଦେବତାଙ୍କୁ ଆବାହନ କରି ପୂଜାର୍ଚ୍ଚନା କରି ବନଦୁର୍ଗା ମନ୍ଦିର ପାର୍ଶ୍ୱ ଦେବାଦେବୀଙ୍କୁ ପୂଜା କରାଯାଇଥିଲା। ପରେ ଦେବୀ ଦୁର୍ଗାଙ୍କ ଷଷ୍ଠ ଅବତାରରେ ମାଁ କାତ୍ୟାୟନୀ ଦେବୀଙ୍କ ଷୋଡଶ ଉପଚାର ସହିତ ହୋମ, ପୂଜାର୍ଚ୍ଚନା ହୋଇଥିଲା। ଅରୁଣ ଦାନି ଓ ତାଙ୍କ ସହଧର୍ମିଣୀ ରୂପାରାଣୀ ସାହୁ ପ୍ରତ୍ୟେକ ଦିନର ପୂଜାରେ କର୍ତ୍ତା ଦାୟିତ୍ୱ ବହନ କରୁଛନ୍ତି। ବନଦୁର୍ଗା ମନ୍ଦିରର ସଭାପତି ଡ.ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ, କୋଷାଧକ୍ଷ୍ୟ ଅନିଲ ବେହେରାଙ୍କ ତତ୍ତ୍ୱାବଧାନରେ ଗଜିଆ ଶର୍ମା, ପ୍ରତାପ ମିଶ୍ର, ଗଜୁ ଅଗ୍ରୱାଲ, ଅଜିତ ଶତପଥୀ, ସୁଶାନ୍ତ ପଧାନ, ବିଷ୍ଣୁ ଥପା ଓ ଉମେଶ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମ ପରିଚାଳିତ ହେଉଛି।

# ଦ୍ୱିତୀୟ ପର୍ଯ୍ୟାୟ 'ସମ୍ଭବ' ଉଦ୍‌ଯାପିତ

ବରଗଡ଼, ୨୭।୯ (ସମିସ): ପିଏମ୍ ଶ୍ରୀ ସରକାରୀ ବାଳିକା ହାଇସ୍କୁଲରେ ବରଗଡ଼ ଜିଲ୍ଲା ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚଦିବସୀୟ 'ସମ୍ଭବ' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିନୟ ସୋଏ,



ବରଗଡ଼ ବିଇଓ ସୁରେନ୍ଦ୍ର ସାହୁ, ଝାରବନ୍ଧ ବିଇଓ ଶୁଭମ୍ ପତି, ଡିଆଇଇଟିର ବରିଷ୍ଠ ଶିକ୍ଷକ ପ୍ରଶିକ୍ଷକ ବେଣୁଧର ବରିହା, ପୁଷ୍ପାଞ୍ଜଳି ଦାଶ, ଭୁକ୍ତା ଜନତା ହାଇସ୍କୁଲର ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ, ପଣ୍ଡକିପାଲି ହାଇସ୍କୁଲର ଶିକ୍ଷକ ପୁସ୍ତମ୍ ବିଶି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସୋହେଲା ବ୍ଲକ ଓ ବିଜେପୁର ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷୟିତ୍ରୀ ଅଂଶ ଗ୍ରହଣ କରିଥିଲେ। ଅନ୍ତିମ ଦିବସରେ ସୋହେଲା ବିଇଓ ଅମୃତା ସାହୁ ପ୍ରଶିକ୍ଷାର୍ଥୀଙ୍କୁ ଗଠନମୂଳକ ପରାମର୍ଶ ଦେଇଥିଲେ। ଏହି ଶିବିରରେ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା ବୃଦ୍ଧି ଓ ନେତୃତ୍ୱର ବିକାଶ ନିମନ୍ତେ ଜାତୀୟ ଶିକ୍ଷାନୀତି ୨୦୨୦ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ, ମାନ ନିର୍ଦ୍ଧାରଣ, ନେତୃତ୍ୱ ବିକାଶ, ସାମାଜିକ, ଆବେଗିକ ଓ ନୈତିକ ବିକାଶ, ଅନ୍ତର୍ନିବେଶୀ ଶିକ୍ଷା ଓ ସମତା, ଶିକ୍ଷାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ବ୍ୟବହାର, ସାଇବର ସୁରକ୍ଷା, ବିଦ୍ୟାଳୟ ଓ ଆର୍ଥିକ ପରିଚାଳନା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗୋଷ୍ଠୀ ସମ୍ପର୍କ, ଉପସ୍ଥାପନ ଅବଧାରଣ ବୃଦ୍ଧି ଓ ପାଠ ତ୍ୟାଗୀର ନିରାକରଣ, ଧନ୍ଦାମୂଳକ ଶିକ୍ଷା, ବିଦ୍ୟାଳୟ ବିକାଶ ଯୋଜନା ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଜାଲପାଲି ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମେହେର ଅନୁଭୂତି ବର୍ଣ୍ଣନା କରିଥିଲେ। ସାଧନକର୍ମୀ ବିଜ୍ଞାନ ଶିକ୍ଷକ ସଞ୍ଜୟ ଖମାରୀ ସଭାକାର୍ଯ୍ୟ ପରିଚାଳନା କରିଥିବାବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତି ସୁନା ଧନ୍ୟବାଦ ଅର୍ପଣ କରିଥିଲେ।

# ପାଇକମାଲ ବ୍ଲକ୍‌ସ୍ତରୀୟ କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ୍

ପାଇକମାଲ, ୨୭।୯ (ସମିସ): ପାଇକମାଲ ବ୍ଲକସ୍ତରୀୟ କୁଳିତା ସମାଜର ନୂଆଁଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ ବୁକୁରାମୁଣ୍ଡା ଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଏକ କଳସ ଶୋଭାଯାତ୍ରାରେ ପୋଖରୀରୁ ଜଳ ଆଣି କୁଳିତା ଜାତିର ଇଷ୍ଟ ଦେବୀ ରଣେଶ୍ୱର ରାମଚଣ୍ଡୀ ପୀଠରେ ସ୍ଥାପନ କରି ପୂଜା କରାଯାଇଥିଲା। ଏହାପରେ ପ୍ରସାଦ ବଣ୍ଟନ ପରେ ସାନ ମାନେ ବଡ ମାନଙ୍କୁ ମୁଣ୍ଡିଆ ମାରି ଆଶୀର୍ବାଦ ଗ୍ରହଣ କରିଥିଲେ। ଏଥିରେ ପଦ୍ମପୁର କାର୍ଯ୍ୟକାରିଣୀ ସଭାପତି ଯୋଗେନ୍ଦ୍ର ଭୋଇ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପାଇକମାଲ ବ୍ଲକ ସଭାପତି ବିନୋଦ ବିଶ୍ୱାଳ, ସମ୍ମାନିତ ଅତିଥି ଚନ୍ଦୁଲାଲ ପ୍ରଧାନ, ଗଗନ ବାରିକ, ମକରଧ୍ୱଜ ବିଶ୍ୱାଳ, ଲଖମନ ବେହେରା, ଗୋପାଳ ପ୍ରଧନ, ନିତ୍ୟାନନ୍ଦ ପ୍ରଧାନ, ଧନିରାମ ଭୋଇ, ବାସୁଦେବ ପ୍ରଧାନ, ଶ୍ୟାମଲାଲ ବେହେରା, ଗୋପବନ୍ଧୁ ସାହୁ, ସତ୍ୟଜିତ ତୁରିଆ, ଦିବାକର ପ୍ରଧାନ, ପ୍ରମୁଖ ବିଭିନ୍ନ ଅଞ୍ଚଳର ସଭାପତି ମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ହାସ୍ୟକବି ଦେବେନ୍ଦ୍ର ସାହୁ ଯୋଗ ଦେବା ସହ ନୃତ୍ୟଗୁରୁ ସୁରେନ୍ଦ୍ର ସାହୁ ଓ ଅନ୍ୟ ମାନେ ନିଜ ନିଜ ଗ୍ରୁପ ସହ ନୃତ୍ୟ ଗୀତ ପରିବେଷଣ କରିଥିଲେ। ଅରକ୍ଷିତ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଜଗଦୀଶ ବାରିକ, ସରୋଜ ବାରିକ, ଚନ୍ଦ୍ରସେନ ଭୋଇ ପ୍ରମୁଖ ସହଯୋଗ କରିଥିବା ବେଳେ ଗତିକୃଷ୍ଣ ଭୋଇ ଧନ୍ୟବାଦ ଦେଇଥିଲେ।

# ମିଟ୍ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ତରଫରୁ ଆଲୋଚନାଚକ୍ର

ବରଗଡ଼, ୨୭।୯ (ସମିସ): ମିଟ କଲେଜର ଅଧକ୍ଷ ସରୋଜ ମାଝୀଙ୍କ ତତ୍ତ୍ୱାବଧାନରେ କଲେଜ ପରିସରରେ ଶନିବାର ଅନ୍ତରୀଣ ଅଭିଯୋଗ କମିଟି ପକ୍ଷରୁ ପୋସ ନିୟମ ବିଷୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପିଲାମାନଙ୍କୁ ଶାରୀରିକ, ମାନସିକ ଉତ୍ପୀଡନ ଏବଂ ତାହାର ନିବାରଣ ବିଷୟରେ ଏଥିରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନର ଆବଶ୍ୟକତା, ଏହାର ଦାୟିତ୍ୱ ଓ ବିଭିନ୍ନ ସମସ୍ୟାର ସମାଧାନ ବିଷୟରେ ଆଲୋଚନା କରିଥିଲେ। ଜରୁରୀକାଳୀନ ସମୟରେ ହେଲ୍ପ ଲାଇନ ନମ୍ବରରେ ଅଭିଯୋଗ ଦାଖଲ କରାଯାଇପାରିବ ବୋଲି କହିଥିଲେ। ରାଜନୀତି ବିଜ୍ଞାନ ଅଧ୍ୟାପିକା ଭାରତୀ ସାହୁ ସଭା ପରିଚାଳନା କରିଥିବା ବେଳେ ଅଧକ୍ଷା ଅଙ୍କିତା ଦାଶ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ। ଓଡ଼ିଆ ଅଧ୍ୟାପକ ତଥା କାର୍ଯ୍ୟକାରିଣୀ କମିଟି ଅଧକ୍ଷ ଆଲୋକ ରଞ୍ଜନ ଦାଶ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ପାଇଁ କି କି ପଦକ୍ଷେପ ନିଆଯାଇପାରିବ, ତାହା ବୁଝାଇଥିଲେ। ଶେଷରେ ଇତିହାସ ବିଭାଗ ଅଧ୍ୟାପକ ସୁନୀଲ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ

ବରଗଡ଼, ୨୭।୯ (ସମିସ): ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟରେ ହିନ୍ଦୀ ବିଭାଗର ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ରଞ୍ଜିତା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଆଲୋଚକ ଭାବେ ମହାତ୍ମା ଗାନ୍ଧୀ ମେମୋରିଆଲ



କଲେଜର ହିନ୍ଦୀ ବିଭାଗର ବିଭାଗୀୟ ମୁଖ୍ୟ ଦୟାନିଧି ସା ଯୋଗ ଦେଇ ହିନ୍ଦୀ ଭାଷାର ବ୍ୟବହାରର ବ୍ୟାପକତା ଓ ଭାଷାର ମାଧୂର୍ଯ୍ୟ ଉପରେ ଆଲୋଚନା କରିଥିଲେ। ବିଭାଗୀୟ ମୁଖ୍ୟ ଅଧକ୍ଷା ରଞ୍ଜିତା ନାୟକ ସଭାପତି ବର୍ତ୍ତମାନ ବ୍ୟବହାରିକ ଭାଷାରେ ଅଶୁଦ୍ଧ ଉଚ୍ଚାରଣ ଓ ଲିଖନ ପ୍ରତି କ୍ଷୋଭ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଅମିତ ଭାର୍ଗବ ପରିଚାଳନା କରିଥିଲେ। ହିନ୍ଦୀ ସମ୍ମାନର ନବାଗତା ଛାତ୍ରୀଙ୍କ ପାଇଁ ସ୍ୱାଗତ ସମାରୋହ ତଥା ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଆଲୋଚନାଚକ୍ରରେ ପ୍ରଧ୍ୟାପିକା ଡ.ପୁଷ୍ପାଞ୍ଜଳି ପ୍ରଧାନ, ନନ୍ଦିନୀ ନୀରଦ ପଣ୍ଡା, ଡ.ଗାୟତ୍ରୀ ମିଶ୍ର ଡ.ସଂଘମିତ୍ରା ମିଶ୍ର ପ୍ରଭୃତି ଯୋଗ ଦେଇଥିଲେ।

# ରାସ୍ତା କାମରେ ଘୋଟାଲା, ମଝି ରାସ୍ତାରେ ବିଦ୍ୟୁତ୍ ଖୁଣ୍ଟ





ଅମ୍ବାଭୋନା, ୨୭।୯ (ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକର ଖୋଲା ପଞ୍ଚାୟତ ଅଧୀନ ନୂଆ କୁରୁମକେଲ ଗାଁରେ ପୂର୍ବ ସରକାରଙ୍କ ସମୟରେ ୨.୫ କୋଟି ଟଙ୍କା ବ୍ୟୟରେ ନୂତନ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଥିଲା। କିନ୍ତୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁ ଚନ୍ଦ୍ରିକାରେ ଅତି ନିମ୍ନମାନର କଂକ୍ରିଟ ରାସ୍ତା ଦେଖିବାକୁ ମିଳିଛି। ଠିକାଦାର ନିମ୍ନ ମାନର କାମ କରିଥିବା ବେଳେ ବିଭାଗୀୟ ଅଧିକାରୀ ତଦାରଖ ନ କରି ପିସି ଖାଇ ଚୁପ ବସିଛନ୍ତି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏପରି ପରିସ୍ଥିତିରେ ଲୋକେ କାହାକୁ ଅଭିଯୋଗ କରିବୁ ବୋଲି ଚିନ୍ତାରେ ଅଛନ୍ତି।

**ପୂର୍ବ ସରକାର ୨.୫ କୋଟି ମଞ୍ଜୁର କରିଥିଲେ**

ନୂଆ କୁରୁମକେଲ ଗାଁରେ ବିସ୍ଥାପିତ ଲୋକଙ୍କ ଯାତାୟାତ ପାଇଁ ସରକାର କଂକ୍ରିଟ ରାସ୍ତା ନିର୍ମାଣ କରୁଥିବା ବେଳେ ୧୦ ଫୁଟ ଚଉଡା ବିଶିଷ୍ଟ ରାସ୍ତା ମଝିରେ ବିଦ୍ୟୁତ ଖୁଣ୍ଟ ରହିଛି। ରାସ୍ତା ମଝିରେ ଖୁଣ୍ଟ ରହିଲା କେମିତି ଏବଂ ଏହାକୁ ଯନ୍ତ୍ରୀ ପାସ କଲେ କେମିତି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଠିକାଦାର ନିମ୍ନ ମାନର କାମ କରିଥିବା ସତ୍ତ୍ୱେ ସରକାରୀ କର୍ମଚାରୀଙ୍କ ତଦାରଖ କାଗଜ କଲମରେ ସଠିକ ଦେଖାଯାଇଛି। ଜାଣିଶୁଣି ଠିକାଦାରଙ୍କୁ ବାଟ ମାରଣା ପାଇଁ ହାତ ଖୋଲି ଦିଆଯାଇଛି ବୋଲି ଆଲୋଚନା ହୋଇଛି। ସ୍ଥାନୀୟ ବାସିନ୍ଦା ବ୍ଲକ ଓ ଜିଲ୍ଲା ପ୍ରଶାସନକୁ ଶୀଘ୍ର କାର୍ଯ୍ୟକାରୀ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ବିହାର ଓ ହିମାଚଳ ପରେ କୁରୁମକେଲର ଗାଁ ରାସ୍ତା ମଝିରେ ବିଦ୍ୟୁତ୍ ଖୁଣ୍ଟ ଲୋକଙ୍କ ଚର୍ଚ୍ଚାର ବିଷୟ ହୋଇଛି।

# ରୁଚିଦା ହାଇସ୍କୁଲରେ ବ୍ଲକ୍‌ସ୍ତରୀୟ ଖୋଖୋ ପ୍ରତିଯୋଗିତା

ଅମ୍ବାଭୋନା, ୨୭।୯ (ସମିସ): ଅମ୍ବାଭୋନା ବ୍ଲକ ଅଧୀନ ପୁରୁଷୋତ୍ତମ ସରକାରୀ ଉଚ୍ଚ ବିଦ୍ୟାଳୟ ରୁଚିଦାରେ ବ୍ଲକସ୍ତରୀୟ ଖୋଖୋ ପ୍ରତିଯୋଗିତା ହୋଇଯାଇଛି। ଏହି ଅବସରରେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ମୁଖ୍ୟ ଅତିଥି ଭାବେ ଯୋଗ



ଦେଇଥିଲେ। ପୂର୍ବତନ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୁଦୀପ୍ତ ନାୟକ, ବିଦ୍ୟାଳୟ କ୍ରୀଡା ସଂଗଠନର ଅଧକ୍ଷ ତୋଷରାମ ଦାସ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଜ୍ୟୋତିଶ୍ଚନ୍ଦ୍ର ପଧାନ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଜୟ ମେହେର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର ହିନ୍ଦୀ ଶିକ୍ଷକ ସୁବୋଧ ଭୋଇ ମଞ୍ଚ ସଞ୍ଚାଳନ କରିଥିଲେ। ଅନ୍ୟାନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ହରବଲ୍ଲଭ ପ୍ରଧାନ, ରୀନା ମେହେର, ତନୟା ଡନସନା, ପ୍ରଭାତ ନାୟକ, ବଳରାମ ରଣା, ମେନକା ମେହେର, ପୁଷ୍ପାଙ୍ଗୀନୀ ଭୁଏ, ସବିତା ଦେହେରୀ ପ୍ରମୁଖ ସହଯୋଗ କରିଥିଲେ। ପ୍ରତିଯୋଗିତାରେ ବ୍ଲକର ବିଭିନ୍ନ ବିଦ୍ୟାଳୟର ୧୪୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବା ବେଳେ ବ୍ଲକର ସମସ୍ତ କ୍ରୀଡ଼ା ଶିକ୍ଷକ ଓ ପିଟିଆଇ ଯୋଗ ଦେଇଥିଲେ। ଏଥିରେ ଅମ୍ବାଭୋନା ସବ୍ ବ୍ଲକ, କଣ୍ଡପଲା ସବ୍ ବ୍ଲକ, ଭୁକ୍ତା ସବ୍ ବ୍ଲକ, ଲଖନପୁର ସବ୍ ବ୍ଲକର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ୧୪ ବର୍ଷରୁ କମ୍ ଓ ୧୭ ବର୍ଷରୁ କମ ବୟସର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଖୋ ଖୋ ପ୍ରତିଯୋଗିତା କରାଯାଇ ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଖେଳାଳି ଚୟନ କରାଯାଇଥିଲା।

# ଅବସରପ୍ରାପ୍ତ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ପକ୍ଷରୁ ସାମାଜିକ କାର୍ଯ୍ୟ

ବରଗଡ଼, ୨୭।୯ (ସମିସ): ଅବସରପ୍ରାପ୍ତ ଆନ୍ଧ୍ର ବ୍ୟାଙ୍କ କର୍ମଚାରୀ ସଂଘ ଓଡ଼ିଶା ପକ୍ଷରୁ ବରଗଡ଼ ଶାଖା ପକ୍ଷରୁ ସାମାଜିକ କାର୍ଯ୍ୟକ୍ରମ ହୋଇଯାଇଛି। ସଂଘର ଚ୍ୟାରିଟି ଫଣ୍ଡରୁ ୧୦ଟି ଭିନ୍ନ ଭିନ୍ନ ବୃଦ୍ଧା ଶ୍ରମ ଓ ଅନାଥା ଶ୍ରମକୁ ନିୟମିତ ଭାବେ ସହଯୋଗ ପ୍ରଦାନ କରାଯାଉଛି। ଶନିବାର ବରଗଡ଼ ଜିଲ୍ଲା ବିଜେପୁର ନିକଟସ୍ଥ ସମଲେଇପଦର ଠାରେ ପାର୍ବତୀ ଗିରି ଅନାଥାଶ୍ରମରେ ଥିବା ଅନ୍ତେବାସୀ ମାନଙ୍କ ମାସକ ଖାଇବା ପାଇଁ ସମସ୍ତ ପ୍ରକାର କିରାନା ସାମଗ୍ରୀ ଯୋଗାଇଥିଲେ। ସମସ୍ତ ସମାଗ୍ରୀକୁ ଦାୟିତ୍ୱରେ ଥିବା ଜଳନ୍ଧର ପଟେଲଙ୍କୁ ହସ୍ତାନ୍ତର କରିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଂଘର ବରଗଡ଼ ଶାଖାରୁ ଆନ୍ଧ୍ର ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀ ଅଭୟ ଭୋଇ, ଚକ୍ରଧର ପ୍ରଧାନ ଓ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ ସମଲେଇପଦର ଯାଇ ସମସ୍ତ ଦ୍ରବ୍ୟ ହସ୍ତାନ୍ତର କରିଆସିଥିଲେ। ନିୟମିତ ଭାବେ ସହଯୋଗ କରୁଥିବାରୁ ଶ୍ରୀ ପଟେଲ କୃତଜ୍ଞତା ଜ୍ଞାପନ କରିଥିଲେ।

# ବିକାଶ ଅଗ୍ରୱାଲ ଆକ୍ରମଣକାରୀଙ୍କୁ ଗିରଫ ଦାବି

ବରଗଡ଼, ୨୭।୯ (ସମିସ): ବରଗଡ଼ର ସାମାଜିକ କର୍ମୀ ବିକାଶ ଅଗ୍ରୱାଲଙ୍କୁ ଯୋଜନାବଦ୍ଧ ଭାବେ ସଂଘବଦ୍ଧ ହୋଇ ଆକ୍ରମଣ କରିବା ପ୍ରତିବାଦରେ ବରଗଡ଼ ଜିଲ୍ଲାର ସମସ୍ତ ସାମାଜିକ ଅନୁଷ୍ଠାନ ଏକତ୍ରିତ ହୋଇଛନ୍ତି। ଏହି ଘଟଣାକୁ ସମସ୍ତେ ନିନ୍ଦା କରିଛନ୍ତି। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ଦାବିରେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦାବିପତ୍ର ପ୍ରଦାନ କରିଥିଲେ। ବିଭିନ୍ନ ସାମାଜିକ ସଂଗଠନ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁଙ୍କୁ ଦାବୀପତ୍ର ପ୍ରଦାନ କରି ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଅନୁରୋଧ କରିଛନ୍ତି।



## ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତା

# ଏକାଦଶ ଦିନ ମ୍ୟାଚ୍‌ରେ କଦଳୀପାଲି ଓ ନାଗେନପାଲି ବିଜୟୀ

ବରଗଡ଼, ୨୭।୯ (ସମିସ)

ବରଗଡ଼ ଜିଲ୍ଲା କ୍ରୀଡା ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମରେ ଚାଲିଥିବା ସୁପ୍ରିୟା ସ୍ମାରକୀ ଜିଲ୍ଲା ଆନ୍ତଃ କ୍ଲବ୍ ନକ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶନିବାର ଏକାଦଶ ଦିବସରେ ଅନୁଷ୍ଠିତ ଦୁଇଟି ମ୍ୟାଚ୍‌ରେ କଦଳୀ ପାଲି ଦଳ ଓ ନାଗେନ ପାଲି ପାଲି ବିଜୟୀ ହୋଇଛନ୍ତି। ଆଜି କଦଳୀପାଲି ଦଳ ଓ ଅମସ୍ତଲା ଦଳ ମଧ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ କଦଳୀପାଲି ଦଳ ୧-୦ ଗୋଲରେ ବିଜୟୀ ହୋଇଥିଲା। ଦଳ ପକ୍ଷରୁ



ଏକମାତ୍ର ଗୋଲଟି ଶକ୍ତିମାନ ମିର୍ଦ୍ଧା ସ୍କୋର କରିଥିଲେ। ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଶକ୍ତିମାନଙ୍କୁ ଅତିଥି ଭାବେ ପ୍ରାକ୍ତନ ଖେଳାଳି ଗଙ୍ଗାଧର ମଲ୍ଲିକ ପୁରସ୍କୃତ କରିଥିଲେ। ପ୍ରଥମ ମ୍ୟାଚ୍‌କୁ ସନ୍ତୋଷ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଚିନ ଭୁଏ, ଆଦିତ୍ୟ ନାୟକ ସହଯୋଗ କରିଥିଲେ। ଶଙ୍କର୍ଷଣ ପ୍ରଧାନ ଚତୁର୍ଥ ରେଫରୀ ଭାବେ କାର୍ଯ୍ୟ ତୁଲାଇଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ୍‌ଟି ନାଗେନ ପାଲି ଓ କଳାପାଣି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ନାଗେନ ପାଲି ଦଳ ୧-୦ ଗୋଲରେ ମ୍ୟାଚ୍‌କୁ ଜିତିଥିଲା। ଏଥିରେ ଦଳ ପକ୍ଷରୁ ଅଭିଷେକ ବାଗ ଏକମାତ୍ର ଗୋଲ୍ଟି ଦେଇଥିଲେ। ଅଭିଷେକଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ପ୍ରାକ୍ତନ ଖେଳାଳି ଜ୍ଞାନରଞ୍ଜନ ପୂଜାରୀ ପୁରସ୍କୃତ କରିଥିଲେ। ଦ୍ୱିତୀୟ ମ୍ୟାଚ୍‌କୁ ଅଜୟ ପ୍ରଧାନ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସୁନିଲ ବାଗ, ବିଶିକେଶନ୍ ପ୍ରଧାନ, ସହଯୋଗ କରିଥିଲେ। ଚତୁର୍ଥ ରେଫରୀ ଥିଲେ ପିଣ୍ଟୁ ସାହୁ। ସଚ୍ଚିଦାନନ୍ଦ ପଣ୍ଡା ମ୍ୟାଚ୍ କମିଶନର ରହିଥିଲେ। ରବିବାର ପ୍ରଥମ ମ୍ୟାଚ୍ ଜୁଲଟ ଦଳ ଓ ସୋହେଲା ଦଳ ଏବଂ ଦ୍ୱିତୀୟ ମ୍ୟାଚ୍ ବ୍ଲ୍ୟୁ ଡାଇମଣ୍ଡ ଦଳ ଓ ବଡମାଳ ଦଳ ମଧ୍ୟରେ ଅନୁଷ୍ଠିତ ହେବ।

## ● ସୋହେଲା ଦୁର୍ଗାପୂଜା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତା

# ବରଡୋଲକୁ ହରାଇ ସେମିରେ ବରଗଡ଼ ଡ୍ରିମ୍ ଇଲେଭେନ

ସୋହେଲା, ୨୭।୯ (ସମିସ): ସ୍ଥାନୀୟ ମିନି ଷ୍ଟେଡିୟମରେ ଶାରଦୀୟ ଦୁର୍ଗାପୂଜା ଅବସରରେ ଚାଲିଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଶନିବାର ବରଡୋଲ ଏବଂ ଡ୍ରିମ ଇଲେଭେନ ବରଗଡ଼ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ବରଗଡ଼ର ଡ୍ରିମ ଇଲେଭେନ ଦଳ ବରଡୋଲକୁ ୩-୦ ଗୋଲରେ ହରାଇ ବିଜୟୀ ହୋଇଛି। ଆଜିର ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ବରଗଡ଼ ଡ୍ରିମ ଇଲେଭେନ ଦଳ ଗୋଟିଏ ଗୋଲ ଦେଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଆଉ ୨ଟି ଗୋଲ ଦେଇ ଡ୍ରିମ ଇଲେଭେନ ଦଳ ୩-୦ ଗୋଲରେ ବିଜୟୀ ହୋଇ ସେମିଫାଇନାଲକୁ ପ୍ରବେଶ କରିଛି। ମ୍ୟାଚ୍ ପୂର୍ବରୁ ସୋହେଲା ସାର୍ବଜନୀନ ଦୁର୍ଗାପୂଜା କମିଟିର ସମ୍ପାଦକ ପ୍ରମୋଦଚନ୍ଦ୍ର



ଦେବତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମ୍ୟାଚ୍‌କୁ ରେଫରୀ ଶିବୁ ଅଗ୍ରୱାଲ, ଅଶ୍ୱିନୀ ପଧାନ, ଶ୍ରୀନିବାସ ରାଓ ଏବଂ ରଞ୍ଜିତ ଛତରିଆ ପରିଚାଳନା କରିଥିଲେ। ଆସନ୍ତା କାଲି ପ୍ରତିଯୋଗିତାର ବିଶ୍ରାମ ଦିବସ ଥିବା ବେଳେ ୨୯ ତାରିଖ ଡ୍ରିମ ଇଲେଭେନ ବରଗଡ଼ ଓ ଗର୍ଭଣା ଦଳ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳ ଅନୁଷ୍ଠିତ ହେବ।

## ସୁସ୍ଥ ପରିବେଶ ପାଇଁ ସ୍ୱଚ୍ଛତା ଅଭିଯାନ

ପଦ୍ମପୁର, ୨୭।୯ (ସମିସ): ଘନାମାଲ ଗାଁରେ ଜଗନ୍ନାଥ ସେନା, ମାତୃମଣ୍ଡଳୀ, ଷ୍ଟାର ପ୍ଲସ କ୍ରିକେଟ ଘନାମାଲ ତରଫରୁ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଜଗନ୍ନାଥ ସେନା ସମ୍ପାଦକ ବୁଲୁ ବିଶାଳ, ଷ୍ଟାର ପ୍ଲସ କ୍ରିକେଟ ଦଳ ଅଧିନାୟକ ଦୀଲିପ ସାହୁ ଓ ଉପଅଧିନାୟକ ସୌରଭ ଛତରଙ୍କ ତତ୍ତ୍ୱାବଧାନରେ ଜନ ସଚେତନତା ପଦଯାତ୍ରା କରାଯାଇଥିଲା। ପଦଯାତ୍ରା ପରେ ଗ୍ରାମଦେବୀ ମା' କାଳୀଡୁଙ୍ଗୀରୀଏନ ମନ୍ଦିର ପରିସରକୁ ସଫା କରାଯାଇ ମନ୍ଦିରର ଚାରି ପାଖରେ ନଡିଆ ଓ ବଉଳ ଗଛ ଚାରା ଲଗାଯାଇଥିଲା। ପୋଖରୀ ହୁଡ଼ା ସଫା କରି ଜଗନ୍ନାଥ ସେନା ଓ ମହିଳାମାନେ ନଡିଆ, ଅଶୋକ, ମନ୍ଦାର, ଟଗର, ଚମ୍ପା, କଦମ୍ବ, ଅଁଳା, ପଣସ, ପିଜୁଳି ଗଛ ଚାରା ଲଗାଇ ଗାଁ, ମନ୍ଦିର, ପୋଖରୀ ସ୍ୱଚ୍ଛ ରଖିବା ପାଇଁ ଶପଥ ନେଇଥିଲେ।

**ବରପାଲି:** ବରପାଲି ମହାବିଦ୍ୟାଳୟ ପରିସରରେ ଏନଏସଏସ ପ୍ରକଳ୍ପ ଅଧିକାରୀ ଅଧ୍ୟାପକ ଭକ୍ତ ବନ୍ଧୁ ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସ୍ୱଚ୍ଛତା ଶୋଭାଯାତ୍ରା ଆୟୋଜନ ହୋଇଯାଇଛି। କାର୍ଯ୍ୟକ୍ରମକୁ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଧ୍ୟାପକ ସୁଶିଲ ଶତପଥୀ ଉଦ୍‌ଘାଟନ କରିଥିଲେ। ମହାବିଦ୍ୟାଳୟ ଏନଏସଏସ ଶିକ୍ଷାର୍ଥୀ ଓ ରେଡକ୍ରସ ସଦସ୍ୟ ମାନେ ହାତରେ ପ୍ଲାଏ କାର୍ଡ ଧରି ବିଭିନ୍ନ ସ୍ୱଚ୍ଛତା ସ୍ଲୋଗାନ ମାଧ୍ୟମରେ ପରିକ୍ରମାରେ ବାହାରି ଥିଲେ। ଶୋଭାଯାତ୍ରାଟି କଲେଜ ଛକ, ଶ୍ୟାମ ଛକ, ଗାନ୍ଧୀ ଛକ, ପ୍ରାଇଭେଟ୍ ବସ ଷ୍ଟାଣ୍ଡ, ହସ୍ପିଟାଲ ଛକ, ଥାନା ଛକ ବାଟଦେଇ ପୁନର୍ବାର କଲେଜକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ଅବସରରେ ଏକ ସଚେତନତା ସଭା ଆୟୋଜିତ ହୋଇଥିଲା।

**ଝାରବନ୍ଧ:** ଝାରବନ୍ଧ ଡିଗ୍ରୀ କଲେଜରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ହୋଇଯାଇଛି। କଲେଜ ଏନଏସଏସ ଓ ଯୁବ ରେଡକ୍ରସ୍ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଶ୍ୟାମସୁନ୍ଦର ବେହେରା ଅଧ୍ୟକ୍ଷତା କରିଥିଲେ। ଏନଏସଏସ ଅଧିକାରୀ ରିତାଞ୍ଜଳୀ ଗୁରୁ ତଥା ଯୁବ ରେଡକ୍ରସ୍ ଅଧିକାରୀ ମିନପ୍ରଭା ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜ ପ୍ରାଙ୍ଗଣରୁ ଶିକ୍ଷକ ଅଣଶିକ୍ଷକ କର୍ମଚାରୀ ତଥା ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀଙ୍କ ଏକ ରାଲି ବାହାରିଥିଲା। ଝାରବନ୍ଧ ପ୍ରଶାସନ ଏବଂ ଡିଗ୍ରୀ କଲେଜର ମିଳିତ ଆନୁକୂଲ୍ୟରେ ଝାରବନ୍ଧ ଦୂର୍ଗାପୂଜା ପ୍ରାଙ୍ଗଣ, ହସ୍ପିଟାଲ ପରିସର ତଥା ଆଖପାଖ ଅଞ୍ଚଳ ପରିଷ୍କାର କରିଥିଲେ। ଝାରବନ୍ଧ ବିଡିଓ ପର୍ଶୁରାମ ପଣ୍ଡା ଯୋଗଦେଇ ସମସ୍ତଙ୍କୁ ସ୍ୱଚ୍ଛତା ଶପଥ ପାଠ କରାଇଥିଲେ। ଗ୍ରାମ୍ୟ କମିଟି ସଭାପତି ମୋହନ ପ୍ରଧାନଙ୍କ ସହିତ ଭଜନ ବେହେରା, ଗୌରବ ବେହେରା ତଥା କମିଟିର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ନବୀନ ମେହେର, ଗଗନ ବିହାରୀ ତନଶନା, ଡ.ଖ୍ୟାତିମୟ ତ୍ରିପାଠୀ, ରଶ୍ମି ମହାଲିଂ, ଚନ୍ଦ୍ରମଣି ବାଗ, ଏସଭିଏମବି ଆରସି ସୁଶୀଲ ସାହୁଙ୍କ ସହିତ କଲେଜର ମନୀଷା ଭୋଇ, ବଂଶୀଧର ସେଠୀ, ଦୁର୍ଯୋଧନ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

## ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ବାର୍ଷିକ ସାଧାରଣ ସଭା

ବରଗଡ଼, ୨୭।୯ (ସମିସ): ବରଗଡ଼ସ୍ଥିତ ଯଦୁମଣି ପ୍ରଧାନ ପ୍ରେକ୍ଷାଳୟରେ ସମ୍ବଲପୁର ଜିଲ୍ଲା ସମବାୟ କେନ୍ଦ୍ର ବ୍ୟାଙ୍କର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସଭାପତି ନରେନ୍ଦ୍ର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧୁକାରୀ ଭକ୍ତେଶ୍ୱର ମଳିକ ୨୦୨୪-୨୫ ବର୍ଷର ପ୍ରଗତି ବିବରଣୀ ସହିତ ୨୦୨୫-୨୬ ବର୍ଷର ଅଗ୍ରଗତି ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଆସିଷ୍ଟାଣ୍ଟ ଅଡିଟର ଜେନାରାଲ ଯୁଗଳକିଶୋର ଦାଶ, ପ୍ରମୋଦ ଦାଶ ଓ ସିଡ଼ିଏଓ ଲୋଚନ ଚନ୍ଦ୍ର ମାଝୀ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ସେମ ହେମ୍ବ୍ରମ ତୃତୀୟ ଥର ଜିଲ୍ଲା କଂଗ୍ରେସ ସଭାପତି



ଦେବଗଡ଼, ୨୭।୯ (ସମିସ): ଦେବଗଡ଼ ଜିଲ୍ଲା କଂଗ୍ରେସରେ ସଭାପତି ପଦକୁ ନେଇ ବ୍ୟାପକ ଗୋଷ୍ଠୀ କନ୍ଦଳରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ପୂର୍ବତନ ସଭାପତି ସେମ ହେମ୍ବ୍ରମ ପୁଣି ଥରେ ଜିଲ୍ଲା କଂଗ୍ରେସ ସଭାପତି ପଦ ହାତେଇବାରେ ସଫଳ ହୋଇଛନ୍ତି। ଏଆଇସିସି ପକ୍ଷରୁ ପ୍ରକାଶିତ ଜିଲ୍ଲା କଂଗ୍ରେସ ତାଲିକାରେ ଦେବଗଡ଼ ଜିଲ୍ଲା କଂଗ୍ରେସ ସଭାପତି ପଦବୀ ପୁଣିଥରେ ସେମଙ୍କ ନାଁରେ ରହିଛି। ଶ୍ରୀ ହେମ୍ବ୍ରାମ ଏଥରକୁ ମିଶାଇ ୩ଥର ସଭାପତି ପଦବୀ ହାତେଇଛନ୍ତି। ୨୦୧୪ ଓ ୨୦୨୪ ସାଧାରଣ ନିର୍ବାଚନରେ ଦେବଗଡ଼ ବିଧାନସଭା ଆସନ ପାଇଁ କଂଗ୍ରେସର ପ୍ରାର୍ଥୀ ହୋଇ ସେ ପରାଜିତ ହୋଇଛନ୍ତି। ତେବେ ୨୦୨୪ ନିର୍ବାଚନରେ ବିରୋଧୀ ଦଳ ପ୍ରାର୍ଥୀଙ୍କ ସହ ହାତ ମିଳାଇ ଦଳକୁ ପରାଜିତ କରିବା ଅଭିଯୋଗ କରି ଏକ ଦଳୀୟ କର୍ମୀ ବୈଠକରେ ଦଳର ଅନ୍ୟ ଏକ ଗୋଷ୍ଠୀର ପୂର୍ବତନ ଜିଲ୍ଲା ଯୁବ କଂଗ୍ରେସ ସଭାପତି ତଥା ଆଇନଜୀବୀ ସିଦ୍ଧେଶ୍ୱର ଗୁରୁଙ୍କୁ କାର୍ଯ୍ୟକାରୀ ସଭାପତି ଘୋଷଣା କରିବା ପରେ ଦଳର ଗୋଷ୍ଠୀ କନ୍ଦଳ ଚରମ ସୀମାରେ ପହଞ୍ଚିଥିଲା। ତେବେ ଦୁଇ ଗୋଷ୍ଠୀଙ୍କ ଦ୍ୱାରା କଂଗ୍ରେସର ଦଳୀୟ କାର୍ଯକ୍ରମ ସମାନ୍ତରାଳ ଭାବେ ଆୟୋଜିତ ହେଉଥିବା ବେଳେ ଉଭୟ ଗୋଷ୍ଠୀ ନିଜନିଜ ସଂଗଠନକୁ ସକ୍ରିୟ କରିବାରେ ଲାଗିଥିଲେ। ରାଜ୍ୟରେ ନୂତନ ପ୍ରଦେଶ କଂଗ୍ରେସ ସଭାପତି ଭାବେ ଭକ୍ତ ଚରଣ ଦାଶ ଦାୟିତ୍ୱ ନେବାପରେ ଦଳର ନେତୃତ୍ୱ ନୂତନ ଚେହେରା ହାତରେ ଯିବା ନେଇ ଦଳୀୟ କର୍ମୀ ଆଶା ବାନ୍ଧି ଥିଲେ। ପ୍ରକାଶିତ ତାଲିକାରେ ସେମଙ୍କ ନିଯୁକ୍ତି ପରେ ତାଙ୍କ ସମର୍ଥକ ଖୁସି ମନାଇଛନ୍ତି। ନୂତନ ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇଛନ୍ତି। ଅନ୍ୟ ଗୋଷ୍ଠୀଙ୍କ ମଧ୍ୟରେ ସମ୍ପୂର୍ଣ୍ଣ ନୀରବତା ଦେଖିବାକୁ ମିଳିଛି। ତେବେ ଅସନ୍ତୁଷ୍ଟ ଗୋଷ୍ଠୀଙ୍କ ଏହି ନୀରବତା କୌଣସି ଝଡ଼ ପୂର୍ବର ନୀରବତା ଭଳି ମନେ ହେଉଛି। ଆଗାମୀ ଦିନରେ ଦଳ ମଧ୍ୟରେ ବଡ଼ ଝଡ଼ର ପୂର୍ବ ସୂଚନା ବୋଲି ବହୁ ବରିଷ୍ଠ ଦଳୀୟ ନେତା ମତବ୍ୟକ୍ତ କରିଛନ୍ତି।

### ଝାରସୁଗୁଡ଼ାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

# ବସ୍ ଅଟକାଇଲା ପୁଲିସ, ରାସ୍ତାରୋକ କଲେ ସାମ୍ବାଦିକ





ଝାରସୁଗୁଡ, ୨୭।୯ (ସମିସ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶନିବାର ଝାରସୁଗୁଡ଼ା ଜିଲ୍ଲା ଗସ୍ତ କରିଥିଲେ। ଏହି ଅବସରରେ ଆୟୋଜିତ ସମାବେଶକୁ ଯୋଗଦବା ପାଇଁ ଯାଉଥିବା ସାମ୍ବାଦିକଙ୍କ ବସ୍ କୁ ପୁଲିସ ଆଟକ ରଖିଥିଲା। ପ୍ରଧାନମନ୍ତ୍ରୀଙ୍କ ଝାରସୁଗୁଡ଼ା ଗସ୍ତ ପୂର୍ବରୁ ସକାଳ ୮ଟା ୪୫ରେ ଆମଲିପାଲି ସଭାସ୍ଥଳକୁ ସାମ୍ବାଦିକ ମାନଙ୍କୁ ନେଇ ଯାଉଥିବା ବସ୍‌କୁ ପୁଲିସ ଅଟକାଇଥିଲା। ସାମ୍ବାଦିକଙ୍କୁ ନେଇ ଯାଉଥିବା ବସ୍‌ର ପାସ ଥିବା ସତ୍ତ୍ୱେ ସାମ୍ବାଦିକଙ୍କୁ ଅଟକାଇବାରୁ ଏଥିରେ ବିରକ୍ତି ପ୍ରକାଶ କରି ସାମ୍ବାଦିକ ମାନେ କିଛି ସମୟ ରାସ୍ତାରୋକ କରିଥିଲେ। ଭିଭିଆଇପି କାର୍ଯ୍ୟକ୍ରମ ରେ କିଛି ମିନିଟ ପାଇଁ ଅଟକିଲା ଅନେକ ଭିଆଇପି ଗାଡ଼ି। ପରେ ପୁଣି ସାମ୍ବାଦିକ ଙ୍କ ଗାଡ଼ି ଛାଡ଼ିବା ପରେ ରାସ୍ତା ଅବରୋଧ ଶାନ୍ତ ହୋଇଥିଲା ଏବଂ ସ୍ୱାଭାବିକ ଟ୍ରାଫିକ ସମସ୍ୟା ସ୍ୱାଭାବିକ ହୋଇଥିଲା।




## କଂଗ୍ରେସ ନେତା, କର୍ମୀ ଓ କୃଷକ ସଙ୍ଗଠନର କର୍ମକର୍ତ୍ତାଙ୍କୁ ଅଟକ ରଖିଲା ପୁଲିସ

**ଝାରସୁଗୁଡ଼ା:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଝାରସୁଗୁଡ଼ା ଗସ୍ତରେ ଆସି ଆୟୋଜିତ ଯୁବ ସମାବେଶରେ ଯୋଗଦେଇ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଏକାଧିକ ପ୍ରକଳ୍ପର ଲୋକାର୍ପଣ, ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ତେବେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଶୁକ୍ରବାରଠାରୁ କଂଗ୍ରେସର ସ୍ଥାନୀୟନେତା, ସ୍ୱାଧୀନ ଏବଂ କିଛି କୃଷକ ସଙ୍ଗଠନ ର କର୍ମକର୍ତ୍ତାଙ୍କୁ ଝାରସୁଗୁଡା ସଦର ଥାନାରେ ପ୍ରାୟ ୨୬ ଘଣ୍ଟା ଯାଏଁ ଝାରସୁଗୁଡ଼ା ପୁଲିସ ଅଟକ ରଖିଥିଲା।

ଯୁବ ସମାବେଶରେ ଜିଲ୍ଲାର ଯୁବଗୋଷ୍ଠୀଙ୍କୁ ଅଣଦେଖା କରି ନିଯୁକ୍ତି, ଶିକ୍ଷା ପ୍ରସଙ୍ଗରେ ଅନ୍ୟାୟ କରି ୨୬ ଘଣ୍ଟା କାଳ ଅଟକ ରଖି ନିର୍ଯାତନା ଦିଆଯାଇଥିବା ନେଇ ଝାରସୁଗୁଡା ଜିଲ୍ଲା କଂଗ୍ରେସ ସଭାପତି ଜୀବନ ସାର୍ଥକ ଦାସ କହିବା ସହିତ କଂଗ୍ରେସକୁ ପ୍ରଧାନମନ୍ତ୍ରୀଙ୍କର ଏତେ ଭୟ କଣ ପାଇଁ ବୋଲି ପ୍ରଶ୍ନ କରିଥିଲେ। ଚାଷ ଏବଂ ଚାଷୀଙ୍କ ନିଜର ହକ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ସମୟରେ କୃଷକ ସଙ୍ଗଠନକୁ ଉଠାଇବା ଗଣତାନ୍ତ୍ରିକ ପଦ୍ଧତିରେ କେତେ ଉଚିତ ତାକୁ ନେଇ କୃଷକ ସଂଗଠନ ପ୍ରଶ୍ନ କରାଯାଇଛି। ଚାଷକୁ ନେଇ ବିକାଶ କରିବାକୁ ଦାବି କରୁଥିବା ଚାଷୀ ସଂଗଠନଙ୍କୁ ଚପାଇ ପାଇଁ ଚେଷ୍ଟା କରାଯାଉଛି ବୋଲି ନବ ନିର୍ମାଣ କୃଷକ ସଂଗଠନର ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର କହିଛନ୍ତି। ଏଥିରେ ବହୁ କଂଗ୍ରେସ କର୍ମୀ ଓ ନେତାମାନେ ନିଯୁକ୍ତି ପ୍ରସଙ୍ଗରେ ସ୍ୱର ଉତ୍ତୋଳନ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ବିରୋଧ କରି ନାରା ଦେଇଥିଲେ।

## ବୃତ୍ତିଗତ ବିକାଶରେ ଇଂରାଜୀ ଭାଷାର ଭୂମିକା ଉଲ୍ଲେଖନୀୟ

ଝାରସୁଗୁଡ଼ା, ୨୭।୯ (ସମିସ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡା ଆନୁକୂଲ୍ୟରେ ପାଞ୍ଚ ଦିନିଆ ଇଂରାଜୀ ଭାଷା ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ପିଏମ୍ ଶ୍ରୀ ଉଚ୍ଚବିଦ୍ୟାଳୟ ବେଲପାହାଡ଼ର ପ୍ରଧାନଶିକ୍ଷକ ତଥା ଏହି ତାଲିମ ଶିବିରର ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ସଚୀନ୍ଦ୍ର ପଟେଲ ମୁଖ୍ୟଅତିଥି ଭାବେ ଯୋଗଦାନ କରିବା ସହିତ ବୃତ୍ତିଗତ ବିକାଶରେ ଇଂରାଜୀ ଭାଷାର ଭୂମିକା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିର୍ମଳ ଚାନ୍ଦ ମଞ୍ଚ ସଞ୍ଚାଳନ କରିବା ସହିତ ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିବାବେଳେ ସାଧନକର୍ମୀ କୁଶ ସା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ତାଲିମ ପାଞ୍ଚଦିନ ଧରି ଏଠି ଚାଲିଥିଲା। ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ଲକ୍ଷ୍ୟପୂରଣ ପାଇଁ ନାଟ୍ୟ ରୂପାନ୍ତର, ଭୂମିକା ଅଭିନୟ, କାହାଣୀ କଥନ, ଦଳଗତ ଆଲୋଚନା, ଆଦି ମାଧ୍ୟମରେ ଇଂରାଜୀ ଭାଷାର ବ୍ୟବହାର ବିଷୟରେ ସେମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡା ଜିଲ୍ଲାର ପ୍ରାୟ ୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଏ ଅବସରରେ କେଜି ବାଳିକା ଉଚ୍ଚବିଦ୍ୟାଳୟ ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷକ ଅଶୋକ କୁମାର ସାହୁ, ମନୋଜ ମେଣ୍ଡୁଲି, ବିଜୟଲକ୍ଷ୍ମୀ ନାଏକ, ପୂର୍ଣ୍ଣଚନ୍ଦ୍ର ସାହୁ, ସବିତା ମହନ୍ତ, ବିଜୟ ଶଙ୍କର ସାହୁ, ଦେବୀପ୍ରସାଦ ବିଶ୍ୱଜିତ ପାତ୍ର ଓ କୁଶ ସାଙ୍କୁ ସିଲ୍ଟ, ଭୁବନେଶ୍ୱର ଦ୍ୱାରା ସାଧନକର୍ମୀ ଭାବେ ନିୟୋଜିତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡ଼ତିଆ ତାଲିମ ନେଇଥିବା ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ।



## ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ବରଗଡ଼, ୨୭। ୯ (ସମିସ): ଟ୍ରଷ୍ଟ ଫଣ୍ଡ ମହାବିଦ୍ୟାଳୟର ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଅଧ୍ୟକ୍ଷ ଡକ୍ଟର ସରୋଜ ଦେବତା ସଭାପତିତ୍ୱ କରିଥିଲେ। ଇତିହାସ ବିଭାଗର ମୁଖ୍ୟ ଅଶୋକ ବେହେରା, ରାଜନୀତି ବିଜ୍ଞାନ ବିଭାଗ ପ୍ରମୁଖ ପ୍ରଶାନ୍ତ ପଣ୍ଡା, ଇଂରାଜୀ ବିଭାଗର ମାଳବୀକା ମିଶ୍ର ଓ ଶିକ୍ଷା ବିଭାଗର ପ୍ରମୁଖ ସଙ୍ଗୀତା ଦାଶ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଯାଦବ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସୁଷମା ପଣ୍ଡା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସୋନାଲିନା ମଲ୍ଲିକ ଓ ଶ୍ରବଣ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



## ଗଛରେ ପିଟି ହେଲା ବାଇକ୍; ୧ମୃତ, ଜଣେ ଗୁରୁତର

ଝାରସୁଗୁଡ଼ା, ୨୭।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା କୁଲିହାମାଲ ପଞ୍ଚାୟତ ସୁନାମୁହାଣରେ ଗଛରେ ବାଇକ ପିଟି ହେବାରୁ ଜଣକର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ ମୃତ ବାଇକ ଚାଳକ ହେଲେ ହୃଦାନନ୍ଦ ଦାଶ(୪୫)। ସେ ପୋଖରାସାଲେ ଗ୍ରାମର ବୋଲି ଜଣାପଡ଼ିଛି। ଏହାସହ ଗୁରୁତର ଆହତ ବ୍ୟକ୍ତିଙ୍କ ନାମ ଚୈତନ୍ୟ ମୁଣ୍ଡା (୫୫) ଓ ତାଙ୍କ ଘର କୋଲାବିରା ଥାନା ଅଧୀନସ୍ଥ ଗହ୍ମାପାଲି ଗ୍ରାମରେ ବୋଲି ଜଣାପଡ଼ିଛି। ଶନିବାର ଅପରାହ୍ଣରେ ଉଭୟେ ଏକ ବାଇକରେ କୌଣସି କାମରେ ସୁନାମୁହାଣକୁ ଯାଉଥିବା ସମୟରେ ଗଛରେ ପିଟି ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଉଭୟଙ୍କୁ ଉଦ୍ଧାର କରି କୋଲାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। କୋଲାବିରା ପୁଲିସ ଡାକ୍ତରଖାନାରେ ପହଞ୍ଚି ଘଟଣାର ତଦନ୍ତ କରୁଥିବା ନେଇ ଜଣାପଡ଼ିଛି।

## ଜାତୀୟସ୍ତରୀୟ କ୍ରିକେଟ ପ୍ରତିଯୋଗିତାକୁ ୩ ମନୋନୀତ



ଦେବଗଡ଼, ୨୭।୯ (ସମିସ): କେନ୍ଦ୍ରୀୟ ବିଦ୍ୟାଳୟ ସମୂହ ୧୭ ବର୍ଷରୁ କମ୍ ବର୍ଗର ବାଳକ ଓ ବାଳିକାଙ୍କୁ ନେଇ ଅକ୍ଟୋବର ୭ ରୁ ୧୧ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀ ଓ ଗୁଜୁରାଟରେ ଅନୁଷ୍ଠିତ ହେବାକୁ ଥିବା ଜାତୀୟସ୍ତରରେ କ୍ରିକେଟ ପ୍ରତିଯୋଗିତା ପାଇଁ ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ୨ ଜଣ ଛାତ୍ର ଓ ଜଣେ ଛାତ୍ରୀ ମନୋନୀତ ହୋଇଥିବା ଜଣାପଡ଼ିଛି। ସେହିପରି ଜଣେ ଛାତ୍ର ଷ୍ଟାଣ୍ଡବାଏ ପାଇଁ ଚୟନ ହୋଇଛନ୍ତି। ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ଚୟନ ହୋଇଥିବା ଦଶମ ଶ୍ରେଣୀର ଛାତ୍ର ଶୁଭମ୍ ଦାସ, ନବମ ଶ୍ରେଣୀ ଛାତ୍ର ଜସସ୍ମିତ ନାଏକ ଜାତୀୟସ୍ତରରେ କ୍ରିକେଟ୍ ଖେଳିବାକୁ ଯାଉଛନ୍ତି। ସେହିପରି ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟର ପ୍ରଥମ କନ୍ୟାସନ୍ତାନ ଭାବେ ନବମ ଶ୍ରେଣୀଛାତ୍ରୀ ଅପୂର୍ବା ଅପରୂପା ସାହୁ ୧୭ ବର୍ଷରୁ କମ୍ ବାଳିକା ବିଭାଗ ପାଇଁ ଚୟନ ହୋଇଛନ୍ତି। ବାଳକ ବିଭାଗ ଗୁଜୁରାଟ ଗାନ୍ଧୀନଗର ଓ ବାଳିକା ବିଭାଗ ଦିଲ୍ଲୀକେଣ୍ଟରେ ପହଞ୍ଚି କେନ୍ଦ୍ରୀୟ ବିଦ୍ୟାଳୟ ଓଡ଼ିଶା ରିଜନ ପକ୍ଷରୁ ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବିଦ୍ୟାଳୟ ସୂତ୍ରରୁ ଜଣାପଡ଼ିଛି।

## ଘେଁସ କୁଳେଶ୍ୱରୀ ଦୁର୍ଗାଦେବୀ ଶକ୍ତିପୀଠରେ ନବଦିନାତ୍ମକ ଦୁର୍ଗାପୂଜା

ମେଲଛାମୁଣ୍ଡା, ୨୭।୯ (ସମିସ)



ଘେଁସସ୍ଥିତ ଶ୍ରୀ ଶ୍ରୀ କୁଳେଶ୍ୱରୀ ମାତା ଦୁର୍ଗାଦେବୀ ଶକ୍ତିପୀଠରେ ଶାରଦୀୟ ନବରାତ୍ର ଦୁର୍ଗାପୂଜା ଆରମ୍ଭ ହୋଇଛି। ଆଶ୍ୱିନ ଶୁକ୍ଳପକ୍ଷ ପ୍ରତିପଦା ସକାଳେ ଘଣ୍ଟ, ଶଙ୍ଖ, ହୁଳହୁଳି ସହ ଜମିଦାର ରଣଜିତ ସିଂ ବରିହା, ରାଜକୁମାରୀ ସିଂବରିହା, ଦୁର୍ଗାପୂଜା କମିଟି ସଦସ୍ୟ, ମନ୍ଦିର ପୂଜକ, ପୂଜାକର୍ତ୍ତାଙ୍କ ସମେତ ବହୁ ଭକ୍ତ ଏକ ଭବ୍ୟ ଶୋଭାଯାତ୍ରାରେ ସ୍ଥାନୀୟ ପୁଡ଼ିବନ୍ଧରେ ପହଞ୍ଚିଥିଲେ। ମନ୍ଦିର ପୂଜକ ରାମଚନ୍ଦ୍ର ଦାସ, ପଣ୍ଡିତ ରବୀନ୍ଦ୍ର ପଣ୍ଡା, ଚିଣ୍ଟୁ ଦାଶ, ସୁଶାନ୍ତ ଦାଶ, ରିଙ୍କୁ ଦେବତା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଟିଲୁ ଅଗ୍ରୱାଲା, ସରୋଜ ମେହେର, ଚିନ୍ମୟ ପ୍ରଧାନ, ଚୈତନ୍ୟ ବେହେରା, କମଲ ମେହେର, ହରିହର ବିଶ୍ୱାଳ, ମନୀଷ ଅଗ୍ରୱାଲା, ସୁବ୍ରତ ମିଶ୍ର, ଗଣେଶ କିସାନ, ଅନୀଲ ସାହୁ, ମିଟୁ ବିଶ୍ୱାଳ ଓ ଆକାଶ ଅଗ୍ରୱାଲା ପ୍ରମୁଖ ସପତ୍ନୀକ ପବିତ୍ର ଜଳ ସଂଗ୍ରହ କରିଥିଲେ। ପରେ ସମସ୍ତ ଭକ୍ତ ପବିତ୍ର ଜଳ ସଂଗ୍ରହ କରି ଏକ ଭବ୍ୟ ଶୋଭାଯାତ୍ରାରେ ପୂଜାମଣ୍ଡପରେ ବିଲ୍ୱବରଣ, କଳସ ସ୍ଥାପନ କରିଥିଲେ। କଳସ ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟିର ଡୋଲାମଣି ପଟେଲ, ବଣ୍ଟୁ ଅଗ୍ରୱାଲା, ମୁରଲୀ ଭୋଇ, ଦୁଃଖୀଶ୍ୟାମ ଗିଙ୍ଗିରା, ଅଭିମନ୍ୟୁ ସାହୁ, ଦେବାନନ୍ଦ ପଟେଲ, ଶେଷଦେବ ବାରିକ, ସହିଦ ଦେବତା, ଚନ୍ଦ୍ରଶେଖର ପୁରୋହିତ, ଦେବାନନ୍ଦ ରଣା, ଦୁଷ୍ମନ୍ତ ପଟେଲ, ମୁନୁ ପଟେଲ ଓ ଅନ୍ୟ ସଦସ୍ୟମାନେ ସାମିଲ ରହିଥିଲେ। ମନ୍ଦିର ଏବଂ ମଣ୍ଡପରେ କଳସ ସ୍ଥାପନ ପରେ ପ୍ରାଣ ପ୍ରତିଷ୍ଠା, ଷୋଡ଼ଶ ଉପଚାର ପୂଜା ସହ ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ୱଳନ କରାଯାଇ ଶୈଳପୁତ୍ରୀ ଦେବୀଙ୍କ ପୂଜା ଏବଂ ହୋମ ଚଣ୍ଡୀପାଠ ହୋଇଥିଲା। ଦ୍ୱିତୀୟା ତିଥିରେ ବ୍ରହ୍ମଚାରିଣୀ ଚଣ୍ଡୀପାଠ, ତୃତୀୟା ତିଥିରେ ଦେବୀ ଚନ୍ଦ୍ରଘଣ୍ଟା ଚଣ୍ଡୀପାଠ ପୂଜା, ଚତୁର୍ଥୀ ତିଥିରେ କୁଷ୍ମାଣ୍ଡା ଚଣ୍ଡୀପାଠ ପୂଜା ଓ ପଞ୍ଚମୀ ତିଥିରେ ସ୍କନ୍ଦମାତା ଚଣ୍ଡୀପୂଜା, ଆଳତୀ ପୁଷ୍ପାଞ୍ଜଳୀ ପୂଜାର୍ଚ୍ଚନା ହୋଇଛି। ପଦ୍ମଶ୍ରୀ ଉପାଧିପ୍ରାପ୍ତ ହଳଧର ନାଗଙ୍କ ସାଧନା ଶକ୍ତିପୀଠ ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିରରେ ମଧ୍ୟ ନବଦିନାତ୍ମକ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜକ ମାନସ ସିଂ ସାହୁଙ୍କ ଦ୍ୱାରା ପ୍ରତ୍ୟହ ମନ୍ତ୍ରପାଠ ସହ ଚଣ୍ଡୀପାଠ ଓ ଅଖଣ୍ଡ ପ୍ରଦୀପ ପ୍ରଜ୍ୱଳନ ହୋଇ ପୂଜାର୍ଚ୍ଚନା ଚାଲିଛି। ନବରାତ୍ର ଦୁର୍ଗାପୂଜା ଅବସରରେ ସ୍ଥାନୀୟ ଶାମ୍ଭବୀ ଲୋକକଳା ମଣ୍ଡପରେ ଅମୀୟ ପଟେଲ ଙ୍କ ପରିଚାଳନାରେ ପ୍ରତ୍ୟହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। କବି ହରିଲାଲ ସାହୁ, ଅଧିକାରୀ ସାହୁ, ମୁନୀରାମ କୁମ୍ଭାର ଓ ରାମପ୍ରସାଦ ବାଗ ପ୍ରମୁଖ କବିତା ପାଠ କରିଥିଲେ। ମହିଳାମାନଙ୍କ ମଧ୍ୟରେ ରଙ୍ଗୋଲି, ହୁଳହୁଳି, ମ୍ୟୁଜିକ ଚେଆର୍, ଲେଥା ତିଅଣ ରନ୍ଧା ପ୍ରତିଯୋଗିତା ହୋଇଥିଲା। ପଦ୍ମପୁର ଉପଜିଲ୍ଲାପାଳ ସ୍ନେହା ଅରଗୁଲା, ଜିଲ୍ଲା ଲୋକ ସମ୍ପର୍କ ଓ ସୂଚନା ଅଧିକାରୀ ପ୍ରହଲ୍ଲାଦ ଖୋସଲା, ଘେଁସ ବନାଞ୍ଚଳ ରେଞ୍ଜର ବିଜୟଲକ୍ଷ୍ମୀ ପଟେଲ, ବିଶିଷ୍ଟ କଣ୍ଠଶିଳ୍ପୀ ଦୁଃଖିଶ୍ୟାମ ତ୍ରିପାଠୀ, ପଦ୍ମଶ୍ରୀ ହଳଧର ନାଗ, ଶିକ୍ଷକ ଦେବରାଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ରମେଶ ମହାପାତ୍ର, ଅଜିତ ଶତପଥୀ, ଲିଙ୍ଗରାଜ ପ୍ରଧାନ, ରୋହିତ ପ୍ରଧାନ, ସଂକଳ୍ପ ପରିବାରରେ ବିକାଶ ଅଗ୍ରୱାଲା, ସହୀଦ ମାଧୋ ସିଂ କୃଷକ ସଙ୍ଗଠନର ପ୍ରଭାତ ସାହୁ, କ୍ଷୀରୋଦ୍ର ପଟେଲ ସମ୍ବର୍ଦ୍ଧିତ ହୋଇଥିଲେ।

## ବିକାଶ ଭବନରେ ବିଶ୍ୱ ପର୍ଯ୍ୟଟନ ଦିବସ

ଦେବଗଡ଼, ୨୭।୯ (ସମିସ): ଜିଲ୍ଲାପାଳଙ୍କ ବିକାଶ ଭବନଠାରେ ବିଶ୍ୱ ପର୍ଯ୍ୟଟନ ଦିବସ ପାଳିତ ହୋଇଛି। ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଲକ୍ଷ୍ମଣ ଅମାତଙ୍କ ତତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁ, ବରଣ୍ୟ ଅତିଥିଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜ, ଉପଜିଲ୍ଲାପାଳ ପରୀକ୍ଷିତ ସାହୁ ଯୋଗଦେଇ ଜିଲ୍ଲାରେ ପର୍ଯ୍ୟଟନସ୍ଥଳୀର ବିକାଶ ବିଶ୍ୱବ୍ୟାପୀ ପର୍ଯ୍ୟଟନର ସାମାଜିକ ସଂସ୍କୃତି, ରାଜନୈତିକ ଓ ଅର୍ଥନୈତିକ ମୂଲ୍ୟବୋଧ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ହେଉଛି ଏହାର ମୂଳଲକ୍ଷ୍ୟ ବୋଲି ମତ ପ୍ରକାଶ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଉଚ୍ଚବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ଜଣାଅଜଣା ପ୍ରତିଯୋଗିତା କରାଯାଇଥିଲା। ଉଚ୍ଚ ବିଦ୍ୟାଳୟସ୍ତରରେ ଅଙ୍କିତ କୁମାର ଅଡ଼ା- ରାଜବାସୁଦେବ ଉଚ୍ଚ ବିଦ୍ୟାଳୟର ଛାତ୍ର ଅଙ୍କିତ କୁମାର ଅଡା ପ୍ରଥମ, ସୁଗୁଡା ଅପୂର୍ବା ଉଚ୍ଚ ବିଦ୍ୟାଳୟ ଛାତ୍ର ତରଣୀସେନ ବିଶ୍ୱାଳ ଦ୍ୱିତୀୟ, ଓ ରାଜା ବାସୁଦେବ ଉଚ୍ଚ ବିଦ୍ୟାଳୟ ଛାତ୍ର ରିତେଶ ନାୟକ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହାବିଦ୍ୟାଳୟସ୍ତରରେ ଜିଲ୍ଲା ଶିକ୍ଷା ପ୍ରତିଷ୍ଠାନର ଛାତ୍ର କିରଣ କୁମାର ବେହେରା ପ୍ରଥମ, ଆଦର୍ଶ ସ୍ନାତକ ମହାବିଦ୍ୟାଳୟ ଛାତ୍ର ଦିବ୍ୟଜ୍ୟୋତି ପ୍ରକାଶ ସୁତାର ଦ୍ୱିତୀୟ ଓ ସେହି ମହାବିଦ୍ୟାଳୟର କେଶବଚନ୍ଦ୍ର ଠାକୁର ତୃତୀୟସ୍ଥାନ ଅଧିକାର କରିଥିଲେ। ଜିଲ୍ଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସିନିବାସ ଜାନି, ପ୍ରକଳ୍ପ ପ୍ରଶାସିକା ସମନିତ ଆଦିବାସୀ ଉନୟନ ସଂସ୍ଥା ତିଳେଇବଣି ସନ୍ଧ୍ୟା ମାଝୀ, ଏସିଏଫ ଅରୁଣ କୁମାର ବେହେରା, ଜିଲ୍ଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ତହସିଲଦାର କର୍ଣ୍ଣ ମଲ୍ଲିକ, କୋଷାଗାର ଅଧିକାରୀ ସୁରେଶ ଚନ୍ଦ୍ର ମାଝୀ, ରବୀନ୍ଦ୍ର କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ଜିଲ୍ଲାସ୍ତରୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କର୍ମଚାରୀ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।



# ପ୍ରମୁଖ ଶକ୍ତିପୀଠକୁ ଭୁଲି ଯାଉଛନ୍ତି ସରକାର

**କେସିଙ୍ଗା, ୨୭ ।୯ (ସମିସ)**

କଳାହାଣ୍ଡି ଜିଲ୍ଲାର ପ୍ରମୁଖ ଶକ୍ତି ପୀଠ ମଧ୍ୟରୁ କେସିଙ୍ଗା ବ୍ଲକ ଗୁର୍ଜିମୁଣ୍ଡା ସ୍ଥିତ ମାଁ ଯୋଗମାୟା ପୀଠ ଅନ୍ୟତମ। ପ୍ରାକୃତିକ ପରିବେଶ ଓ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଉକ୍ତ ପୀଠ ବିରିପୁରା ପାହାଡ଼ ପାଦଦେଶରେ ଅବସ୍ଥିତି।ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ଓ ଭକ୍ତଙ୍କୁ ପୀଠ ର ପ୍ରାକୃତିକ ପରିବେଶ ଟାଣି ଆଣିଥାଏ ଗୁର୍ଜିମୁଣ୍ଡା ପର୍ଯ୍ୟନ୍ତ। ପୀଠରୁ ମାତ୍ର ଆଠ କିମି ଦୂରରେ ଉତ୍କେଳା ବିମାନ ବନ୍ଦର ରହିଥିବା ବେଳେ ୧୦ କିମି ଦୂରରେ ରହିଛି ଜିଲ୍ଲାର ପ୍ରମୁଖ କେସିଙ୍ଗା ରେଳ ଷ୍ଟେସନ ସେହିପରି ଜାତୀୟ ରାଜପଥ ୨୬ ଖଜୁରପଡ଼ା ଛକରୁ ମାତ୍ର ୬ କିମି ଦୂରରେ ପୀଠର ଅବସ୍ଥିତି। ପୀଠରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁ ଉନ୍ନତିମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିଲେ ମଧ୍ୟ ଏତେ ବଡ଼ ପୀଠକୁ ଅନୁଦାନ ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ୍ୟ।ମନ୍ଦିର ଟ୍ରଷ୍ଟ ପକ୍ଷରୁ ପୀଠରେ ଅନେକ ସୁନ୍ଦର ବୃକ୍ଷ ସମେତ ଅନେକ ଔଷଧୀୟ ବୃକ୍ଷରୋପଣ କରାଯାଇଛି।କିଛି ମାସ ତଳେ ପୀଠର ବୃକ୍ଷମାନଙ୍କରେ ବୃକ୍ଷ ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିବା ପାଇଁ ବାରକୋଡ ଲଗାଯାଇଥିଲା।ପୀଠରେ ପ୍ରାୟତ ସବୁ ସମୟରେ ବଣଭୋଜି ପାଇଁ ଭିଡ଼ ପରିଲକ୍ଷିତ ହେଉଥିଲେ ମଧ୍ୟ ଅକ୍ଟୋବରରୁ ଫେବୃଆରୀ ମାସ ପର୍ଯ୍ୟନ୍ତ ଗୁର୍ଜିମୁଣ୍ଡାକୁ ଅହେତୁକ ଭିଡ଼ ପରିଲକ୍ଷିତ ହୋଇ ପର୍ଯ୍ୟଟକଙ୍କ ଭିଡ଼ ଛୁଟିଥାଏ। ବଣଭୋଜି ପାଇଁ ମନ୍ଦିର ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିଧି ମଧ୍ୟରେ ପାଣିର ବ୍ୟବସ୍ଥା ସାଙ୍ଗକୁ ଭୋଜି ପାଇଁ ସୁବ୍ୟବସ୍ଥା ମଧ୍ୟ କରାଯାଇଛି।ଅଞ୍ଚଳର ବିଭିନ୍ନ ପ୍ରକାରର ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବାର ମାଧ୍ୟମ ସାଜିଥିବା କେସିଙ୍ଗା ସିଟିଜନ ଫୋରମ୍‌ର ଦାବି ମଧ୍ୟରେ ମାଁ ଯୋଗମାୟା ପୀଠର ଉନ୍ନତିକରଣ







ସହିତ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରମୁଖ ଦାବି ମଧ୍ୟରୁ ଗୋଟିଏ ରହିଛି।କିଛି ଦିନ ତଳେ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପରିସରରେ ସିଟିଜନ ଫୋରମ୍‌ର ମାସିକ ବୈଠକରେ ନିଜେ ଜିଲ୍ଲାପାଳ ଉପସ୍ଥିତ ରହି ମାଁ ଯୋଗମାୟା ପୀଠ କାହିଁକି ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଉନାହିଁ ତାହା ପ୍ରକାଶ କରିଥିଲେ।ଜିଲ୍ଲାପାଳ ଙ୍କ କହିବା ଅନୁଯାୟୀ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ ରାଜ୍ୟ ସରକାରଙ୍କ କିଛି ନୀତି ନିୟମ ରହିଛି ସେହି ନିୟମ ଅନୁସାରେ ପ୍ରଥମେ ପର୍ଯ୍ୟଟନସ୍ଥଳୀ ମାନ୍ୟତା ପାଇଁ କମସେକମ୍ ୫ ଏକର ଜାଗା ଦରକାର ଯାହାକି ମାଁଙ୍କ ପୀଠରେ ନାହିଁ ପୀଠ ନାମରେ ବର୍ତ୍ତମାନ ମାତ୍ର ୨.୨୦ ଏକର ଜମି ରହିଛି। ପାଖରେ ଥିବା ବିରିପୁରା ପାହାଡ଼ ଓ ଜଙ୍ଗଲ ଓଡ଼ିଶା ସରକାରଙ୍କ ରିଜର୍ଭ ଜଙ୍ଗଲ ରହିଛି। ତେଣୁ କୌଣସି ହାଲତରେ ରିଜର୍ଭ ଜଙ୍ଗଲକୁ ସରକାର ମାଁଙ୍କ ପୀଠକୁ ଦାନ କରି ପାରିବେ ନାହିଁ ବୋଲି ଉକ୍ତ ବୈଠକରେ ଉକ୍ତ ଅଞ୍ଚଳର ରାଜସ୍ୱ ଅଧିକାରୀ ପ୍ରକାଶ କରିଥିଲେ। ସେଥିପାଇଁ ପୀଠକୁ ଲାଗି ରହିଥିବା ବେସରକାରୀ ଜାଗାର ମାଲିକ ଯଦି ସ୍ୱଇଚ୍ଛାରେ ମାଁଙ୍କ ପୀଠକୁ ଜମି ଦାନ କରିବେ ନ ହେଲେ ମନ୍ଦିର ଟ୍ରଷ୍ଟ ଜମି କିଣିବ ତାହାହେଲେ ମାଁଙ୍କ ପୀଠ ପର୍ଯ୍ୟଟନସ୍ଥଳୀର ପ୍ରଥମ ପାର କରିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ହେଲେ ଯୋଗମାୟା ପୀଠ ଟ୍ରଷ୍ଟର ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ଯଯାତୀ କେଶରୀ ଦେଓଙ୍କ କହିବା ଅନୁସାରେ ସରକାର ଚାହିଁଲେ ବିରିପୁରା ଜଙ୍ଗଲରୁ କିଛି ଜମି ଟ୍ରଷ୍ଟକୁ ଦେଇ ପାରିବେ କାରଣ ପ୍ରଥମେ ବିଜେଡି ସରକାର ଅମଳରେ ପୂର୍ବତନ ବିଧାୟକ ଅନାମ ନାଏକ ପ୍ରଥମେ ୩୦.୩. ୨୦୧୬ ମସିହାରେ ବିଧାନସଭାରେ ଗୁର୍ଜିମୁଣ୍ଡା ଯୋଗମାୟା ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ ପ୍ରସଙ୍ଗ ଉଠାଇବା ପରେ ସେହି ସମୟରେ ବିଜେଡି ସରକାର ତତ୍ପର ଦେଖାଇ ସେହି ସମୟରେ ଥିବା ଓଡ଼ିଶା ସରକାରଙ୍କ ଆଡିସନାଲ ସେକ୍ରେଟାରୀ ତତ୍କାଳୀନ କଳାହାଣ୍ଡି ଜିଲ୍ଲାପାଳଙ୍କୁ ପୀଠର ସ୍ଥିତି ଉପରେ ସମୀକ୍ଷା କରି ରିପୋର୍ଟ ପଠାଇବା ପାଇଁ ନିର୍ଦ୍ଦେଶ ଦେଇଥିଲେ।ପରେ ସରକାରୀ ଚିଠି ନ ୧୧୬/ ୨୭.୧୧.୨୦୧୮ ରେ କଳାହାଣ୍ଡି ଜିଲ୍ଲା ଟୁରିଷ୍ଟ ଅଫିସର କେସିଙ୍ଗା ତହସିଲଦାରଙ୍କୁ ଚିଠି କରି ଯୋଗମାୟା ପୀଠ ପାଖରେ ଥିବା ସରକାରୀ ଜମି ର ବିବରଣୀ ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

## ମାଁଙ୍କ ପୀଠରେ ହେଉଛି ବାର ମାସରେ ତେର ପର୍ବ

## ପର୍ଯ୍ୟନସ୍ଥଳୀ ମାନ୍ୟତା ପାଇଁ ମାନଦଣ୍ଡ ପୂରଣ କରିପାରୁନାହିଁ ପୀଠ

ପରେ କେସିଙ୍ଗା ତହସିଲ ଅଫିସ ଚିଠି ନ ୩୩୩୯/ ୨୪.୧୨.୨୦୧୯ ରେ ପୀଠର ଅବସ୍ଥିତି ଓ ପାଖରେଥିବା ସରକାରୀ ଜମି ବିଷୟରେ ଅନୁସନ୍ଧାନ କରି ଜିଲ୍ଲା ଟୁରିଷ୍ଟ ଅଫିସରଙ୍କୁ ଉତ୍ତର ଦେଇ ପାଖରେ ଥିବା ୨.୧୯ ଏକର ଗୋଚର ଜମି ଓ ପୀଠକୁ ଲାଗିରହିଥିବା ୫୦ଏକରରୁ ଅଧିକ ଥିବା ବିରିପୁରା ଓ ମୁଗପୁରା ପ୍ରାକୃତିକ ଜଙ୍ଗଲ ବିଷୟରେ ରିପୋର୍ଟ ପ୍ରଦାନ କରି ଉକ୍ତ ୫୦ ଏକର ଜମିରୁ କିଛି ଜମି ପୀଠ କୁ ପ୍ରଦାନକରି ପୀଠର ଆବଶ୍ୟକତା ପୂରଣ କରିବା ପାଇଁ ଉକ୍ତ ତହସିଲ ଅଫିସ ଚିଠିରେ ଲେଖା ରହିଛି। ସେଥିପାଇଁ ସମ୍ପାଦକଙ୍କ କହିବା ଅନୁସାରେ ସରକାର ଚାହିଁଲେ ପାଖ ଜଙ୍ଗଲ ଅଞ୍ଚଳରୁ ଆବଶ୍ୟକ ଜମି ପ୍ରଦାନ କରିପାରିବେ ଓ ଗୁର୍ଜିମୁଣ୍ଡାସ୍ଥିତ ଯୋଗମାୟା ପୀଠକୁ ପର୍ଯ୍ୟଟନସ୍ଥଳୀର ମାନ୍ୟତା ପ୍ରଦାନ କରିପାରିବେ।ସମ୍ପାଦକଙ୍କ କହିବା ଅନୁସାରେ ବିଜେଡି ସରକାର ଅମଳରେ ୫ଟି ଯୋଜନାରେ ପୀଠର ଉନ୍ନତି କରଣ ପାଇଁ ଟ୍ରଷ୍ଟ ପକ୍ଷରୁ ଦେଢ଼କୋଟି ଟଙ୍କାର ପ୍ରୋପୋଜାଲ ପଠାଯାଇଥିଲା ହେଲେ ପ୍ରଥମ ପର୍ଯ୍ୟଶରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହୋଇ ପୀଠରେ ଅନେକ ଉନ୍ନତିକରଣ କାମ କରାଯାଇଛି। ପରେ ପ୍ରଦୀପ୍ତ କୁମାର ନାଏକ ବିଧାୟକ ଥିବା ସମୟରେ ମନ୍ଦିର ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା ଯାହା କାମ ନ ହୋଇ ପଡ଼ିରହିଥିଲା ବର୍ତ୍ତମାନ ବିଧାୟକ ସାଗର ଚରଣ ଦାସ ଆସିବା ପରେ ସେହି ପଇସାରେ ଏକ ଘର ତିଆରି ହେଉଥିବା ସମ୍ପାଦକ ପ୍ରକାଶ କରିଛନ୍ତି। ବର୍ତ୍ତମାନ ବିଜେପି ସରକାରଙ୍କ ପକ୍ଷରୁ ଦେଢ଼ବର୍ଷ ମଧ୍ୟରେ ଆଜି ପର୍ଯ୍ୟନ୍ତ ଟଙ୍କା ଟିଏ ମଧ୍ୟ ମନ୍ଦିର ଟ୍ରଷ୍ଟକୁ ଆସିନି ବୋଲି ପ୍ରକାଶ କରିଛନ୍ତି।ରାଜ୍ୟସଭା ସାଂସଦ ସୁଜିତ କୁମାର ପୀଠର ଆଲୋକିକରଣ ପାଇଁ କିଛି ଅନୁଦାନ ପ୍ରଦାନ କରିଥିବା ମନ୍ଦିର ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

## ଗୋଡ଼ାଲ ହାଇସ୍କୁଲରେ ନିପୁଣ ସପ୍ତାହ

**ସିନାପାଲି, ୨୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ସ୍ଥିତ ଗୋଡ଼ାଲ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ନିପୁଣ ସପ୍ତାହ ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ଛାତ୍ର ଛାତ୍ରୀଙ୍କୁ ନେଇ ରଚନା ଲିଖନ, ବକ୍ତୃତା, ଗୀତ, ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରଚନାରେ



'ଶିକ୍ଷା ଏକ ମୌଳିକ ଅଧିକାର' ଶୀର୍ଷକ ରହିଥିଲା। ଏଥିରେ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ କୁମାରୀ ଚର୍ଚ୍ଚିକା ନାଏକ ପ୍ରଥମ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ଯୋଷୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିବା ବେଳେ ସହକାରୀ ଶିକ୍ଷକ ରୂପସିଂ ନାୟକ, ମନଜା ମଞ୍ଜୁରୀ ଲେଙ୍କା, ଅଖିଳ ଚନ୍ଦ୍ର ପଟେଲ, ରମେଶ ଚନ୍ଦ୍ର ପଟେଲ, ବୃନ୍ଦାବନ ଯୋଷୀ ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଗୋଡ଼ାଲ ପଞ୍ଚାୟତ ବିଦ୍ୟାଳୟ କୁ ସୁନାମ ଆଣିବା ପାଇଁ ପ୍ରୟାସ ଜାରି ରଖିଥିବା ବେଳେ ଗୁଣାତ୍ମକ ଶିକ୍ଷା ପ୍ରଦାନ ଦିଗରେ ସତ ଚେଷ୍ଟିତ ରହିଥିବା ବିଦ୍ୟାଳୟ ପ୍ରଧାନ ଶିକ୍ଷକ କିଶୋର ଚନ୍ଦ୍ର ଯୋଷୀ ମତବ୍ୟକ୍ତ କରିଥିଲେ।

## ଦର୍ଲିପଡ଼ାରେ ମାଗଣା ସ୍ୱାସ୍ଥ୍ୟ ଶିବିର

**କୋକସରା, ୨୭ ।୯ (ସମିସ):** କୋକସରା ବ୍ଲକ ଡୁଡୁକାଠେଙ୍ଗା ପଞ୍ଚାୟତର ଦର୍ଲିପଡ଼ା ସ୍କୁଲ ପରିସରରେ ମାଗଣା ସ୍ୱାସ୍ଥ୍ୟ ଶିବିର



ଅନୁଷ୍ଠିତ ହୋଇଛି। ଧର୍ମଗଡ଼ ବିଧାୟକଙ୍କ ତତ୍ତ୍ୱାବଧାନରେ ଶିବିରକୁ ଆମପାଣି ମଣ୍ଡଳ ସଭାପତି ମଧୁବନ ପାତ୍ର ସଂଯୋଜନା କରିଥିଲେ।ବଲାଙ୍ଗିର ଯୁବମୋର୍ଚ୍ଚା ପ୍ରଭାରୀ ହିମାଂଶୁ ପଣ୍ଡା, ବିଧାୟକଙ୍କ କୋକସରା ପ୍ରତିନିଧି ତ୍ରିନାଥ ଶବର, ଜିଲ୍ଲା ସମ୍ପାଦକ ଜୟ ଶଙ୍କର ନାଏକ, ଉପସଭାପତି ମୁକେଶ ଅଗ୍ରୱାଲ, କାର୍ଯ୍ୟକ୍ରମ ସଂଯୋଜକ ଅପ୍ରେସ ସ୍ୱାଇଁ, ବିଷ୍ଣୁପ୍ରସାଦ ଅଗ୍ରୱାଲ, କୋକସରା ମେଡ଼ିକାଲ ଇନଚାର୍ଜ ଡାକ୍ତର ତତ୍ତ୍ୱଦର୍ଶୀ ଦାସ ପ୍ରମୁଖ ଯୋଗଦେଇ ଶିବିର ଉଦଘାଟନ କରିଥିଲେ।ମେଡ଼ିସିନ ସ୍ପେସିଆଲିଷ୍ଟ ଡ.ଶୈଳେଶ ଦୋରା, ଡ. ଚତୁର୍ଭୁଜ ପାଢ଼ୀ, ଧନେଶ୍ୱର ଟୁଡୁ, ଗୌରବ ସାହୁ ପ୍ରମୁଖ ଯୋଗଦେଇ ଅଞ୍ଚଳର ଶତାଧିକ ଲୋକଙ୍କୁ ସ୍ୱାସ୍ଥ୍ୟ ପରିକ୍ଷା କରିବା ସହିତ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଶିବିରରେ ବସନ୍ତ ନାଗ, ଗରୁଡଧ୍ୱଜ ମାଝୀ, ଚକ୍ରଧର ବେଶ୍ରା, ସନ୍ତୋଷ ମାଝୀ, ଅର୍ଜୁନ ଭାଟି, ଭଜମନ ନାଏକ, ପ୍ରାଞ୍ଜଳୀ ପ୍ରଧାନ, ଧରିତ୍ରୀ ବାଗ, ସରପଞ୍ଚ ହରିପ୍ରିୟା ନାଗ, ତୁଳାରାମ ନାଏକଙ୍କ ସମେତ ମେଡିକାଲରୁ ଡିପିଏମ୍ ଦିଲିପ୍ ଦୁବେ, ଭବିଡିସି ଦିନେଶ ପ୍ରହରାଜ, ଡିଏମଆରସିଏଚ୍ ରଶ୍ମି ମହାନ୍ତି, ବିପିଏମ ସୁଜୀତ ସିଂ କୁମାର, ପିଏଚ୍‌ଇଓ ଶର୍ମିଳା ଛତ୍ରିଆ, ଫାର୍ମାସି ଅଫିସର ସ୍ୱପ୍ନେନ୍ଦୁ ମୁଣ୍ଡ, ଏଲଟି ମହିନ୍ ଖାନ ପ୍ରମୁଖ ସହଯୋଗ କରିଥିଲେ।

## ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର



**ଲାଞ୍ଜିଗଡ଼, ୨୭ ।୯ (ସମିସ):** ବିଶ୍ୱନାଥପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରସୂତି ଓ ସ୍ତ୍ରୀରୋଗ ବିଶେଷଜ୍ଞ ଡ.ଅମ୍ବ୍ରାଟି ନାଏକ, ଶିଶୁ ରୋଗ ବିଶେଷଜ୍ଞ ଡ.ପିସି ଆଚାର୍ଯ୍ୟ, ଚକ୍ଷୁରୋଗ ବିଶେଷଜ୍ଞ ଡ.ସ୍ମୃତିସାହୁ, ଦାନ୍ତରୋଗ ବିଶେଷଜ୍ଞ ଡ.ସୌରଭ ମିଶ୍ର ପ୍ରମୁଖ ଯୋଗଦେଇ ରୋଗୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏଥିରେ ବ୍ଲକର ୨୬ଟି ପଞ୍ଚାୟତରୁ ମୋଟ ୩୪୦ଜଣ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ପଞ୍ଜୀକରଣ କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଧିକାରୀ ଭବାନୀ ଶଙ୍କର ଲେଙ୍କାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବ୍ଲକ ଅଧ୍ୟକ୍ଷା କମଳା ପାତ୍ର ଯୋଗଦେଇ ଥିବା ବେଳେ ବିଶିଷ୍ଟ ଅତିଥି ଭାବେ ଲାଞ୍ଜିଗଡ଼ ବିଡ଼ିଓ ଶଶାଙ୍କ ପାତ୍ର, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରତିନିଧି ପ୍ରଦିପ ଘଡେଇ, ଉପାଧ୍ୟକ୍ଷ ସଞ୍ଜିବ କୁମାର ନାୟକ, ପୂର୍ବତନ ଉପାଧ୍ୟକ୍ଷ ଜଗଦୀଶ ବେନିଆ, ସମାଜସେବୀ ହରିଶଙ୍କର ପାତ୍ର, ଲକ୍ଷ୍ମୀଧର ସନ୍ତୋଷ ରାୟ, ତୁଳସୀ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଦିଲିପ କୁମାର ଦୁବେ, ଲାଞ୍ଜିଗଡ଼ ବ୍ଲକ ସ୍ୱାସ୍ଥ୍ୟ ବିଭାଗ ପିଏଚଇଓ ଦିବାକର ପ୍ରଧାନ, ଫାର୍ମାସିଷ୍ଟ ବି ନେତ୍ରାନନ୍ଦ ସୁବୁଦ୍ଧି, ବିଏଏମ ମିତ୍ରଭାନୁ ଦାସ, ବିଡିଏମ ମକରଧ୍ୱଜ ନାଏକ, ଏସଟିଏସ ସମ୍ବିତ ରଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଲାଞ୍ଜିଗଡ଼ରୋଡ଼ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଫାର୍ମାସିଷ୍ଟ ରବୀନ୍ଦ୍ର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଶିକ୍ଷା ବିଭାଗର ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




**ନୂଆପଡ଼ା/ଖଡିଆଳ, ୨୭ ।୯ (ସମିସ):** ଖଡ଼ିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପ୍ରଥମ ବର୍ଷର ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଅଧ୍ୟକ୍ଷ ତଥା ରସାୟନ ବିଜ୍ଞାନ ବିଭାଗୀୟ ମୁଖ୍ୟ ଡ଼. ତରୁଣ କୁମାର ପ୍ରଧାନ, ଯୁକ୍ତ ଦୁଇ ଅଧ୍ୟକ୍ଷ ଡ଼ ରଣବୀର ସିଂହ, ଅର୍ଥନୀତି ବିଭାଗୀୟ ମୁଖ୍ୟ ଅଧ୍ୟାପକ ଗୁଣବନ୍ତ ସାହୁ, ଶାରୀରିକ ଶିକ୍ଷା ବିଭାଗୀୟ ମୁଖ୍ୟ ଡ଼ ସରୋଜ କୁମାର ପଣ୍ଡା, ଶିକ୍ଷା ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଡ଼ ଗୀତାଶ୍ରୀ ପ୍ରିୟମ୍ବଦା, ଅଧ୍ୟାପକ ହରିହର ବେଶରା, ଅଧ୍ୟାପିକା ଚର୍ଚ୍ଚିକାରାଣୀ ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ ଶିକ୍ଷା ବ୍ୟବସ୍ଥା ୨୦୨୦ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଶେଷ ବର୍ଷର ଛାତ୍ରୀ ବୀଣା ସାହୁ, ସହଯୋଗ କରିଥିଲେ ଧର୍ମେନ୍ଦ୍ର ବାଗ, ସୌଭାଗ୍ୟ ଭୋଇ, ହିମାଂଶୁ ବନଛୋର, ତପନ, ଧରିତ୍ରୀ, ଶଙ୍ଖପୁଷ୍ପି, ଲତମଞ୍ଜରୀ, ବିଷ୍ଣୁପ୍ରିୟା, ରୁଚି, ଦିବ୍ୟନି ଇତ୍ୟାଦି। ପ୍ରଥମ ବର୍ଷର ଛତ୍ରୀ ଶିଖା ବାରିକଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପାଦିତ କରିଥିଲେ। ମୋହନ ଭିତ୍ରୀୟା ଧନ୍ୟବାଦ ଅର୍ପଣ କରିଥିଲେ।

## ଟୁଙ୍କୁ, ପ୍ରଣତୀ ଓ ନିଖିଲ ଓପିଏସସି ଉତ୍ତୀର୍ଣ୍ଣ

**ନୂଆପଡ଼ା, ୨୭ ।୯ (ସମିସ):** ଶୁକ୍ରବାର ପ୍ରକାଶିତ ଓଡ଼ିଶା ଲୋକସେବା ଆୟୋଗର୨୦୨୩-୨୪ ଫଳାଫଳ ପ୍ରକାଶ ପାଇଛି। ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସଦର ମହକୁମାର ଟୁଙ୍କୁ ତାଣ୍ଡି, ଖଡ଼ିଆଳର ପ୍ରଣତି ତାଣ୍ଡି ଏବଂ ନିଖିଲ ଅଗ୍ରୱାଲ ଯଥାକ୍ରମେ ୨୮୭, ୨୧୨ଏବଂ ୨୮୭ ରାଙ୍କ ରଖି ଉତୀର୍ଣ୍ଣ ହୋଇଛନ୍ତି। ଟୁଙ୍କୁ କୋମନା ନିବାସୀ ବାପା ଥବୀର ଏବଂ ମାଆ ଚମ୍ପାଙ୍କ ପୁଅ। ସେ କୋମନା ଜିତାମିତ୍ର ହାଇସ୍କୁଲରେ ପାଠ ପଢ଼ିବା ପରେ ଭୁବନେଶ୍ୱରରେ ଉଚ୍ଚ ଶିକ୍ଷା ଲାଭ କରି ସ୍କୋଲାରସିପ୍‌ରେ ଦିଲ୍ଲୀରେ ୟୁପିଏସସି ପାଇଁ ପ୍ରସ୍ତୁତି କରୁଥିଲେ। ସେହିପରି ନୂଆପଡ଼ା ଜିଲ୍ଲା ଖଡିଆଳ ୱାର୍ଡ ନମ୍ବର ୭ ନିବାସୀ ନିଖିଲ ଅଗ୍ରୱାଲ ୨୧୨ ରେଙ୍କରେ ଉତ୍ତୀର୍ଣ୍ଣ ହୋଇଥିବା ଜଣାପଡ଼ିଛି। ସେ ଜଣେ ବ୍ୟବସାୟୀ ପରିବାରରୁ ଆସୁଥିବା ବେଳେ ଲୋକଙ୍କ ସେବା ପାଇଁ ସୁଯୋଗ ମିଳିଥିବାରୁ ଆଗକୁ ଜିଲ୍ଲା ତଥା ରାଜ୍ୟର ସେବା କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ନୂଆପଡ଼ା ଜିଲ୍ଲା ଖଡିଆଳ ସହର ୱାର୍ଡ ନମ୍ବର ୧୩ ଦୂରିଆପଡ଼ା ପ୍ରଣତି ତାଣ୍ଡି ୨୮୬ ରାଙ୍କରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ତାଙ୍କ ପ୍ରାଥମିକ ଶିକ୍ଷା ଧୋବାପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନ କରିଥିବା ବେଳେ ସରକାରୀ ବାଳିକା ହାଇସ୍କୁଲ, ଭବାନୀପାଟଣା ଗାୟତ୍ରୀ ଠାରେ ଯୁକ୍ତ ଦୁଇ ବିଜ୍ଞାନ ଅଧ୍ୟୟନ ପରେ ଖଡିଆଳ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ବିଜ୍ଞାନ ସ୍ନାତକ ପଢ଼ିଥିଲେ। ବର୍ତ୍ତମାନ ଭାଲେଶ୍ୱର ଆଶ୍ରମ ବିଦ୍ୟାଳୟରେ ଜୁନିୟର ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଥିଲେ। ମାଁ ଜ୍ୟୋସ୍ନା ରାଣୀ ତାଣ୍ଡି ଏବଂ ବାପା ମେରେ ଲାଲ ତାଣ୍ଡି ପଞ୍ଚାୟତ ନିର୍ବାହୀ ଅଧିକାରୀ ରୂପେ କାର୍ଯ୍ୟ କରି ଅବସର ଗ୍ରହଣ କରିଛନ୍ତି।

## ନିଶାମୁକ୍ତି ପାଇଁ ସଚେତନତା ସଭା କଲା ଯୁବ ସଂଗଠନ



**ନୂଆପଡ଼ା/କୋମନା, ୨୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ବାହାବଲ ଗାଁର ଜୟ କିଶାନ ଯୁବ ସଙ୍ଗଠନର ସକ୍ରିୟ ସହଭାଗୀତାରେ ନିଶାମୁକ୍ତି ସଚେତନତା ସଭା ଆୟୋଜିତ ହୋଇଯାଇଛି। ସଭାରେ ସମସ୍ତଙ୍କୁ ମଦ୍ୟପାନ, ଗୁଟଖା, ଧୂମ୍ରପାନ ପରି ବିଭିନ୍ନ ପ୍ରକାର ନିଶାଦ୍ରବ୍ୟର କୁପରିଣାମ ବିଷୟରେ ସଚେତନ କରାଯାଇଥିଲା। ନିଶା ଦେହ, ପରିବାର ଓ ସମାଜ ପାଇଁ ହାନୀକାରକ। ଯୁବ ପିଢ଼ୀକୁ ଏଥିରୁ ଦୂରେଇ ଶିକ୍ଷା ଓ ନିଜର ଭବିଷ୍ୟତରେ ଧ୍ୟାନ ଦେବାକୁ ପ୍ରେରିତ କରାଗଲା। ନିଶାମୁକ୍ତ ସମାଜ ଗଠନରେ ସମସ୍ତଙ୍କୁ ଆଗକୁ ଆସିବାକୁ ଅନୁରୋଧ କରାଯାଇଥିଲା। ସଭାରେ ରମେଶ ବାଗ ସଭାପତି ଭାବେ ସଭା ପରିଚାଳନା କରିଥିଲେ ଉପସଭାପତି ନବିନ ବାଗ ଉଦ୍ଧବ ପୋଡ, ସମ୍ପାଦକ ଯୋଗିନ୍ଦ୍ର ବାଗ କୋଷାଧ୍ୟକ୍ଷ ସିମାଞ୍ଚଳ ବାଗ ଯୋଗଦେଇଥିଲେ। ଟଙ୍କଧର ପୋଡ଼, ପୂର୍ଣ୍ଣ ପୋଡ଼, ମୁରଲୀ ପୋଡ଼, ଲୋଚନ ପୋଡ଼, ମଧୁବନ ପୋଡ଼, ଗିରେନ୍ଦ୍ର ବରିହା, ଶଶିପାଲ ବାଗ, ଅର୍ଜୁନ ବାଗ, ଜୟକୃଷ୍ଣ ମାଝୀ, ବେଦ ପୋଡ଼ ମଧ୍ୟ ସଭାକୁ ସମ୍ବୋଧନ କରିଥିଲେ। ଶେଷରେ ଅଂଶଗ୍ରହଣକାରୀଙ୍କୁ ନିଶା ବିରୋଧୀ ଶପଥ ଦିଆଯାଇଥିଲା। ବହାବଲଗାଁକୁ ନିଶା ମୁକ୍ତ ଓ ସୁସ୍ଥ ପରିବେଶ କରିବା ପାଇଁ ଅଂଶ ଗ୍ରହଣକାରୀଙ୍କୁ ନିଶା ବିରୋଧୀ ଶପଥ ପାଠ କରାଯାଇଥିଲା।

## ପଲସିପାଣି-କରଙ୍ଗାଭଟା ରାସ୍ତା ଶୋଚନୀୟ



**କୋମନା, ୨୭ ।୯ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅନ୍ତର୍ଗତ ପଲସିପାଣି ଓ କରଙ୍ଗାଭଟା ମଧ୍ୟ ଭାଗରେ ଥିବା ପିଚୁ ରାସ୍ତାର ବିଭିନ୍ନ ସ୍ଥାନ ଚଳିତ ଲଗାଣ ବର୍ଷାରେ ଶୋଚନୀୟ ହୋଇପଡ଼ିଛି। ପିଚୁ କାମ ୬ ମାସରେ ନଷ୍ଟ ହୋଇଥିବା ସ୍ଥାନୀୟ ଲୋକଙ୍କ ଦାବୀ ହେଉଛି। ଫଳରେ ଉକ୍ତ ଶୋଚନୀୟ ସ୍ଥାନମାନଙ୍କରେ କାଦୁଅ ପଚ ପଚ ହେବା ସହ ଆଣ୍ଠୁଏ ପାଣି ଭରି ରହିଛି। ଯାହାଦ୍ୱାରା ଯାତ୍ରୀମାନଙ୍କ ଯାତାୟାତରେ ବାଧା ସୃଷ୍ଟି ହେଉଥିବା ବେଳେ ଯାତାୟତ କରୁଥିବା ଯାତ୍ରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ ଉକ୍ତ କାଦୁଅ ରାସ୍ତାରେ ପଡ଼ି ଆହତ ହେଉଥିବା ଦେଖିବାକୁ ମିଳୁଛି। ଅନେକ ଥର ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ହେବା ପରେ ମଧ୍ୟ ପ୍ରଶାସନ ମରାମତି କରିବା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିବାରେ ବିଫଳ ହୋଇଛନ୍ତି। ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରି ତୁରନ୍ତ ଖରାପ ହୋଇଥିବା ଶୋଚନୀୟ ରାସ୍ତା ମରାମତି କରିବାକୁ ଗ୍ରାମବାସୀ ନିବେଦନ କରିଛନ୍ତି।

## ଦଶପୁର-ନୂଆପଡ଼ା ଆର୍‌ଡି ରାସ୍ତା ମରଣଯନ୍ତା

**ଗୋଲାମୁଣ୍ଡା, ୨୭ ।୯ (ସମିସ)**

ସରକାର ଗମନା ଗମନର ସୁବିଧା ଏବଂ ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ସଂଯୋଗ କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି। ହେଲେ ଠିକାଦାର ମୁନାଫା କମାଇବା ନୀତି ଏବଂ କିଛି ଦୁର୍ନୀତି ଗ୍ରସ୍ତ ଅଫିସରଙ୍କ ମଧୁଚନ୍ଦ୍ରିକାରେ ନିମ୍ନମାନର କାମ ହେତୁ ଅଳ୍ପ ଦିନରେ ରାସ୍ତା ଦବି ଶୋଚନୀୟ ହୋଇ ପଡୁଛି ଫଳରେ କାର୍ଯ୍ୟର ସ୍ଥାୟୀତ୍ୱ ରହୁନାହିଁ। ଏପରି ଦୃଶ୍ୟ ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଅଧୀନ ଦଶପୁର ଠାରୁ ଦଶପୁର ନୂଆପଡ଼ାକୁ ସଂଯୋଗ କରୁଥିବା



ଛକ ଆର ଡି ରାସ୍ତା। ଏହି ରାସ୍ତାରେ ଦଶପୁର ନୂଆପଡ଼ାର ବୁଲାଣି ଠାରେ ଗର୍ତ୍ତ ସୃଷ୍ଟି କରି ଆଣ୍ଠୁଏ ପାଣି ଜମି ଶୋଚନୀୟ ହୋଇପଡ଼ିଛି। ଏହି ରାସ୍ତା ଦେଇ ଦୈନିକ ହଜାର, ହଜାର ଲୋକ ଧର୍ମଗଡ଼କୁ ବିଭିନ୍ନ କାମ ପାଇଁ ଗାଡ଼ି ମୋଟର ଯୋଗେ ଯାତାୟାତ କରିବା ସହ ଚିଚିଆ ମହାବିଦ୍ୟାଳୟକୁ ପାଠ ପଢ଼ିବା ପାଇଁ ସହ ସହ ଛାତ୍ରଛାତ୍ରୀ ଯାତାୟାତ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରାଯାଇଥିଲା ହେଲେ କଲ ଗ୍ରହଣ କରିନଥିଲେ। ଶୀଘ୍ର ତଦନ୍ତ କରି ମରାମତି କରିବା ପାଇଁ ସାଧାରଣରେ ଦାବି ହେଉଛି।

## 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍



ଓଡ଼ିଆରେ ସବୁଠୁ ବେଶି ଆୟ କରିଥିବା ସିନେମା 'ବୋଉ ବୁଟୁ ଭୂତ'ର ହିନ୍ଦୀ ରିମେକ୍ ଆସିବା ନେଇ ଚର୍ଚ୍ଚା ଜୋର୍ ଧରିଛି। ଫିଲ୍ମ ଇନଫରମେଶନ ପତ୍ରିକାରେ ପ୍ରକାଶିତ ନୋଟିସ୍‌ରେ ଧର୍ମାର ମୁଖ୍ୟ ଆଇନ ଅଧିକାରୀ ରଖୀ ବାଜପେୟୀ ଏହି କଥା କହିଛନ୍ତି। କରଣ ଜୋହରଙ୍କ ଧର୍ମା ପ୍ରଡକସନ୍ ଏହାର ରିମେକ୍ ରାଇଟ୍ କିଣିବା ପ୍ରକ୍ରିୟା ଆରମ୍ଭ କରିଛି। ଏହିବର୍ଷ ଜୁନ୍ ୧୨ରେ ଉକ୍ତ ଫିଲ୍ମ ମୁକ୍ତିଲାଭ କରିଥିଲା। ଏହାର ମୁଖ୍ୟ ଚରିତ୍ରରେ ବାବୁଶାନ, ଅର୍ଚ୍ଚିତା ଏବଂ ଅପରାଜିତା ନଜର ଆସିଥିଲେ। ■

## ଚର୍ଚ୍ଚାରେ 'ମୁରବି' ପୋଷ୍ଟର




ମେଷ୍ଟିସ୍ ଫିଲ୍ମସ୍‌ର ପ୍ରଥମ ଫିଚର୍ ଫିଲ୍ମ ହେଉଛି 'ମୁରବି'। ଏକ ନିଆରା ଦୃଶ୍ୟ ସମ୍ବଳିତ ଏହାର ପୋଷ୍ଟରଟି ବେଶ୍ ଆଦୃତ ହୋଇଛି। ପୋଷ୍ଟରରେ ଦେଖିବାକୁ ମିଳିଛି, ବରିଷ୍ଠ ଅଭିନେତା କୁନା ତ୍ରିପାଠୀ ତାଙ୍କ ଅନ୍ତରଙ୍ଗ ବନ୍ଧୁ ଚୌଧୁରୀ ଜୟପ୍ରକାଶ ଦାସଙ୍କ ମୁଣ୍ଡର ଘୋଡ଼ଣି ଖୋଲି କିଛି ମରାମତି କରୁଛନ୍ତି। ଜୟ ପ୍ରକାଶଙ୍କ ମସ୍ତିଷ୍କରେ କିଛି କେମିକାଲ୍ ଲୋଚା ରହିଯାଇଛି, ଯାହାକୁ ଠିକ୍ କରୁଛନ୍ତି କୁନା। ତେବେ ଏଭଳି ରୋଚକ ପୋଷ୍ଟରର ପୃଷ୍ଠଭୂମିରେ ଥିବା ଅସଲ କଥାଟି କ'ଣ ପୂରା ଫିଲ୍ମ ଦେଖିଲେ ହିଁ ଜଣା ପଡ଼ିବ। କୁନା ଓ ଜୟପ୍ରକାଶଙ୍କ ବ୍ୟତୀତ ଅନ୍ୟାନ୍ୟ ଚରିତ୍ରରେ ଉଦିତ ଗୁରୁ, ପ୍ରସନଜିତ, ଅଙ୍କିତା ମହାନ୍ତି, କଳ୍ପନା, ବିଜୟିନୀ ମିଶ୍ର, ମାଙ୍କେ, ଲୋଟନ ଖଟେଇ, ସୁସ୍ମିତା ପ୍ରଧାନ, ଦେବାଶିଷ, ସୁଧୀର ଲେଙ୍କା, ଅମିର ଦାସ, ପ୍ରଗତି ଗୁରୁ ପ୍ରମୁଖ ନଜର ଆସିବେ।

'ମୁରବି'ରେ ରହିଛି ବିପରୀତଧର୍ମୀ ଦୁଇ ପରିବାରର କଥା। ଓଡ଼ିଶାର ମଧ୍ୟବିତ୍ତ ଜୀବନର ଏକ ଖାଣ୍ଟି ଓ ହୃଦୟସ୍ପର୍ଶୀ କାହାଣୀ ଏଥିରେ ଦେଖିବାକୁ ମିଳିବ। କାହାଣୀ ରଚନା ସହିତ ପ୍ରଯୋଜନା କରିଛନ୍ତି ଜାତୀୟ ପୁରସ୍କାର ପ୍ରାପ୍ତ ନିର୍ଦ୍ଦେଶକ ଦେବୀ ପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟ। ଏହାର ସହ ପ୍ରଯୋଜକ ଅଛନ୍ତି ସୁମନ୍ତ ବୈରାଗୀ ଓ ଅଗ୍ନିମିତ୍ର। ନିର୍ଦ୍ଦେଶନାରେ ଅଛନ୍ତି ଯୁବ ନିର୍ଦ୍ଦେଶକ ଶିଶିର କୁମାର ସାହୁ ଓ ପିନାକୀ ସିଂ। ସିନେମାର ସଙ୍ଗୀତ ଦେଇଛନ୍ତି ଅଗ୍ନିମିତ୍ର। ସଂଳାପ, ଚିତ୍ରନାଟ୍ୟ ଓ ଗୀତ ରଚନା କରିଛନ୍ତି ପି. ସନ୍ତୋଷ। ଏହି ସିନେମାଟି ନଭେମ୍ବରରେ ମୁକ୍ତିଲାଭ କରିବ। ■

## ଦଶହରାରେ 'ଦଶମ'



ସେପ୍ଟେମ୍ବର ୨୮ ତାରିଖରେ ରାଜା ଡିଙ୍କ ନିର୍ଦ୍ଦେଶିତ ଓଡିଆ ଫିଲ୍ମ 'ଦଶମ' ସନ୍ଧ୍ୟା ୬ଟା ୩୦ରେ ଦଶହରା ଅବସରରେ ଜୀ ସାର୍ଥକରେ ଦେଖିବାକୁ ମିଳିବ। ପରମ୍ପରା ଏବଂ ଭୟର ଆବଦ୍ଧ ସମାଜରେ 'ଦଶମ' ହେଉଛି ପ୍ରତ୍ୟେକ ଛାତ୍ରଙ୍କ ମାନସିକ ଏବଂ ଭାବପ୍ରବଣତା ରହିତ ଯାତ୍ରାର କାହାଣୀ। ପୁଣି ଏହି ଫିଲ୍ମଟି ହେଉଛି ପ୍ରଥମ ଓଡ଼ିଆ ମ୍ୟୁଜିକାଲ ଫିଲ୍ମ, ଯେଉଁଥିରେ ବାବୁଶାନ୍ ମଧ୍ୟ ଏକ ପ୍ରମୁଖ ଗୀତରେ କଣ୍ଠଦାନ କରିଛନ୍ତି। ଫିଲ୍ମରେ ଶୈଳେନ୍ଦ୍ର ସାମନ୍ତରାୟ, ଆକାଶ ହୋତା, ଫନୀ ପ୍ରତିକ, ଅର୍ମାନ ମହାନ୍ତି, ଜଣ୍ଟି, ସିମରନ, ନୀଲାଖି, ସୁମନ ପଟ୍ଟନାୟକଙ୍କ ସମେତ ରବି ମିଶ୍ର ଏବଂ ସୁଶାନ୍ତ ଦାସ ମହାପାତ୍ର ପ୍ରମୁଖ ବିଭିନ୍ନ ଚରିତ୍ରରେ ଅଛନ୍ତି। ସ୍କୁଲବେଳର କିଛି ଖଟା ମିଠା କଥା, ଦଶମ ଶ୍ରେଣୀର କିଛି ଅନୁଭୂତିକୁ ନେଇ ନିର୍ମିତ ଏହି ଫିଲ୍ମ ହଲ୍‌ରେ ବହୁତ ଭଲ ପ୍ରଦର୍ଶନ କରିଥିଲା। ■

## ପ୍ରେକ୍ଷାଳୟରେ 'ଚାରିଧାମ' ଓ 'ଚ୍ୟାଲେଞ୍ଜ'

ଦଶହରା ଅବସରରେ 'ଚାରିଧାମ' ଏବଂ 'ଚ୍ୟାଲେଞ୍ଜ' ମୁକ୍ତିଲାଭ କରିଛି। 'ଚାରଧାମ'ର ପ୍ରମୁଖ ଚରିତ୍ରରେ ଅନୁଭବ ଥିବା ବେଳେ 'ଚ୍ୟାଲେଞ୍ଜ'ରେ ଅଛନ୍ତି ଅର୍ଦ୍ଧେନ୍ଦୁ। ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମାଣ ହୋଇଥିବା ବଡ଼ ବଜେଟର ଓଡ଼ିଆ ଚଳଚ୍ଚିତ୍ର 'ଚ୍ୟାଲେଞ୍ଜ'ର ମଖମଲ୍ଲୀ ଗୀତକୁ ଲୋକେ ପସନ୍ଦ କରିଛନ୍ତି। ବାପୁ ଗୋସ୍ୱାମୀ ରଚନା କରିଥିବା ଗୀତକୁ ହ୍ୟୁମାନ ସାଗର ଓ ଅନନ୍ୟା ଶ୍ରୀତମ ନନ୍ଦ କଣ୍ଠଦାନ କରିଛନ୍ତି। ଗୌରବ ଆନନ୍ଦ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି। ଚ୍ୟାଲେଞ୍ଜର ସମସ୍ତ ଗୀତ ହୃଦୟସ୍ପର୍ଶୀ ହୋଇଛି। ଓଡ଼ିଆ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଏହି ଗୀତଗୁଡ଼ିକ ରେକର୍ଡ ହୋଇଛି। ପ୍ରଥମଥର ପାଇଁ ଓଲିଉଡ଼ ଜଗତରେ ମଲ୍‌ଟି ଷ୍ଟାର୍‌ଙ୍କୁ ଏହି ସିନେମାରେ ଦର୍ଶକେ ଦେଖିବାକୁ ପାଇଛନ୍ତି। ଏଥିରେ ବଲିଉଡ୍‌ର ପ୍ରଖ୍ୟାତ ଅଭିନେତା ପୁନିତ ଇଶାରଙ୍କୁ ଦେଖିବାକୁ ମିଳିଛି।

ସେହିପରି 'ଚାରିଧାମ' ସିନେମା ପାଇଁ ହଲ୍‌ରେ ଲୋକଙ୍କ ଗହଳି ଦେଖିବାକୁ ମିଳିଛି। ଏଥିରେ ଅନୁଭବଙ୍କ ସମେତ ଅନୁରାଧା ପାଣିଗ୍ରାହୀଙ୍କୁ ଦେଖିବାକୁ ମିଳିଛି। ଏଥିରେ ଅନୁରାଧାଙ୍କୁ ସାଉଥ୍ ଲୁକ୍‌ରେ ଦେଖିବାକୁ ମିଳିଛି। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ସିନେମାର ପ୍ରଯୋଜନା କରିଛନ୍ତି ହିମାଦ୍ରି ତନୟା ଦାସ। ସିନେମାର ସଙ୍ଗୀତ ନିର୍ଦ୍ଦେଶନାରେ ଅଛନ୍ତି ସୋମେଶ ଶତପଥି ଏବଂ ବୈଦ୍ୟନାଥ ଦାସ। ଏହାର ଆଇଟମ୍ ଗୀତ 'କେର କେରା'ରେ ନଜର ଆସିଛନ୍ତି ଶିବନୀ। ଗୀତଟି ଚହଳ ସୃଷ୍ଟି କରିଛି। ■



## ଆଶା ଓ ଭାଷା

ଏୟାରଫୋର୍ସ ଅଫିସର୍ ହୋଇଥାନ୍ତେ। ମାର୍ସଲଆର୍ଟ ଶିଖିଛନ୍ତି। ତାଇକଣ୍ଡୋରେ ସେ ବ୍ଲାକ୍ ବେଲ୍ଟ ଅଧିକାରିଣୀ। ସେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଭାରତରୁ ପ୍ରତିନିଧିତ୍ୱ କରିଥିଲେ। ଜାତୀୟସ୍ତରରେ ସେ ସ୍ୱର୍ଣ୍ଣ ପଦକ ଏବଂ ଆନ୍ତର୍ଜାତୀୟସ୍ତରରେ ରୌପ୍ୟପଦକ ହାସଲ ମଧ୍ୟ କରିଛନ୍ତି। ହେଲେ ଗ୍ଲାମର ଦୁନିଆରେ ସଫଳତା ହାତେଇବା ନିଶା ତାଙ୍କୁ ଲକ୍ଷ୍ୟ ବିଚ୍ୟୁତ କରିଥିଲା। ଭିଡିଓ ବନାଉ ବନାଉ ସେ ମ୍ୟୁଜିକ୍ ଭିଡିଓରେ କାମ କଲେ। ପାଖାପାଖି ୪୦ଟି ମ୍ୟୁଜିକ୍ ଭିଡିଓ ସେ କରିଛନ୍ତି। ତାଙ୍କ ଅଭିନୀତ 'ସୁନ୍ଦରୀ ଜହ୍ନ' ଏବଂ 'ଟିକିଲି' ଗୀତ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ସେ ହେଉଛନ୍ତି ଭୁବନେଶ୍ୱରର ଜୟଶ୍ରୀ ଷଡ଼ଙ୍ଗୀ। 'ଘମାଘୋଟ' ତାଙ୍କର ଡେବ୍ୟୁ ପ୍ରଥମ ଓଡ଼ିଆ ସିନେମା। ଏଥିରେ ଅଭିନୟର ଜଲୱା ଦେଖାଇଛନ୍ତି ଜୟଶ୍ରୀ। ତେବେ ଅଭିନେତ୍ରୀ ପାଇଁ ସେ କେତେ ସଂଘର୍ଷ କରିଛନ୍ତି ଜାଣିବା ତାଙ୍କ ମୁହଁରୁ।



### "ନିୟମିତ ଅଭ୍ୟାସ ଦ୍ୱାରା ହୃଦୟସ୍ପର୍ଶୀ ହୁଏ ଅଭିନୟ"

ଜୟଶ୍ରୀ ଷଡ଼ଙ୍ଗୀ, ଅଭିନେତ୍ରୀ

**ରଙ୍ଗୀନ ଦୁନିଆକୁ କେମିତି ଆସିଲେ?**

● ମୋର ଜନ୍ମ ନେପାଳ କାଠମାଣ୍ଡୁରେ। ବେଙ୍ଗାଲୁରୁରେ ପାଠ ପଢ଼ିଛି। ବାପାଙ୍କ ଜନ୍ମସ୍ଥାନ ଓଡ଼ିଶାରେ। ତେବେ ପିଲାଦିନରୁ ଏୟାର୍‌ଫୋର୍ସରେ ଯିବାକୁ ଭାବିଥିଲି। ତେବେ ମୋ' ମାମାଙ୍କର ଇଚ୍ଛାଥିଲା ମୁଁ ଅଭିନେତ୍ରୀ ହୁଏ। ସ୍କୁଲରେ ମୁଁ ଡ୍ରାମା ଶିଖୁଥିଲି। ଇଚ୍ଛାହେଲା ଛୋଟ ଛୋଟ ଭିଡିଓ କରିଲି। ଫଳରେ ତରଙ୍ଗ ଚ୍ୟାନେଲର 'ମୁଁଇ କୁଆଁରା ତୁଇ କୁଆଁରୀ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ସୁଦ୍ଧା ମୁଁ ୪୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓରେ କାମ କରିଛି।

**'ଘମାଘୋଟ' ଫିଲ୍ମ ପାଇଁ କେମିତି ସୁଯୋଗ ମିଳିଥିଲା?**

● ପରିଶ୍ରମ କଲେ ସଫଳତା ଦିନେ ନା ଦିନେ ମିଳିଥାଏ। 'ଦଶମ' ଓଡ଼ିଆ ଫିଲ୍ମ ଦେଖିବା ପରେ ଏହି ଟିମ୍ ସହିତ କାମ କରିବାକୁ ଭାବି ଥିଲି। ମୋର ସେହି ଇଚ୍ଛାକୁ ପୂରଣ କରିଥିଲେ ରାଜା ଡି ଭାଇ, ଦୀପକ ସାର୍ ଓ କୌଶିକ ସାର୍। 'ଘମାଘୋଟ' ଚଳଚ୍ଚିତ୍ରରେ ମୋତେ ସୁଯୋଗ ମିଳିଲା। ଏହି ଚଳଚ୍ଚିତ୍ରରେ ମୁଁ ମାମୁନି ଚରିତ୍ରରେ ନଜର ଆସିଥିଲି। ଏଥିରେ ମୋ' ବିପକ୍ଷରେ ଥିଲେ ଶୈଳେନ୍ଦ୍ର। ଯେହେତୁ ମୁଁ ମାର୍ସଲଆର୍ଟ ଏବଂ ତାଇକଣ୍ଡୋ ଶିଖିଥିଲି ଏହି ଫିଲ୍ମରେ ଫାଇଟ୍ ସଟ୍ ଦେବାକୁ ସହଜ ହୋଇଥିଲା। 'ଘମାଘୋଟ'ର ଟିମ୍‌ର ଗୋଟିଏ ୟୁନିଟ୍ ଥିଲା। ସମସ୍ତେ ଚମତ୍କାର ଅଭିନୟ କରିଛନ୍ତି। କଠିନ ପରିଶ୍ରମ କରିଛନ୍ତି। ସେଥିପାଇଁ ଆଜି ବି ଫିଲ୍ମର କ୍ରେଜ୍ ରହିଛି। ଏହା ସଫଳତାକୁ ଛୁଇଁପାରିଛି।

**ଆଗକୁ କ'ଣ ଯୋଜନା ଅଛି?**

● ଏବେ 'ବରବଧୂ'ରେ କାମ କରୁଛି। ଏଥିରେ ମୋ ସହିତ ଶୈଳେନ୍ଦ୍ର, ସୂର୍ଯ୍ୟମୟୀ, ଶିବାନୀ, ହରିହର ସାର୍ ସୁଭାଶିଷ ଶର୍ମା ଅଛନ୍ତି। ବମ୍ବେ ଟିମ୍ ସହିତ ଏହି ଫିଲ୍ମଟି ସୁଟ୍ ହୋଇଛି। ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ୍ ହେବ। ଏହା ସହ ଆଉ ଏକ ପ୍ରୋଜେକ୍ଟ ପାଇଁ ଚୁକ୍ତି କରିଛି। ଚଳିତ ବର୍ଷ ଶେଷ ଆଡ଼କୁ ସେ ସିନେମାର ସୁଟିଂ ଆରମ୍ଭ କରିବି। ତେବେ ଫିଲ୍ମର ନା ଏବେ ଲୋକ ସମ୍ମୁଖକୁ ଆଣି ପାରିବି ନାହିଁ।

**ଚରିତ୍ରକୁ ନିଖୁଣ ଭାବେ ଫୁଟାଇବାକୁ କ'ଣ କରନ୍ତି?**

● ଯେକୌଣସି କାମ ହୋଇଥାଉନା କାହିଁକି, ଅଭ୍ୟାସ ଆଉ କଠିନ ପରିଶ୍ରମ ଦ୍ୱାରା କାମ ଭଲ ହୁଏ। ସେଥିପାଇଁ ମୁଁ ବ୍ୟକ୍ତିଗତ ଭାବେ ନିଜକୁ ପ୍ରସ୍ତୁତ କରୁଛି। ଦର୍ପଣ ସାମ୍ନାରେ ସ୍କ୍ରିପ୍ଟ ଦେଖି ସଂଳାପ କହିବା, ନିଜର ଭଏସ୍ ମଡ୍ୟୁଲେସନ୍ କେମିତି ହେବ, କମ୍ ଟେକ୍‌ରେ କିପରି ଭଲ ଅଭିନୟ କରିବି ଆଦିକୁ ଗୁରୁତ୍ୱ ଦିଏ।

**ନିଜକୁ କେମିତି ଫିଟ ରଖନ୍ତି?**

● ଜଣେ କଳାକାର ସବୁବେଳେ ଫିଟ୍ ରହିବା ଦରକାର। ସେଥିପାଇଁ ମୁଁ ତାଇକଣ୍ଡୋ ଅଭ୍ୟାସ କରେ। ଯୋଗ କରେ, ୱାର୍କଆଉଟ୍ କରିବା ସହ ଖାଦ୍ୟପେୟରେ ବିଶେଷ ସତର୍କତା ଅବଲମ୍ବନ କରେ।

**ନୂଆ କରି ଆସୁଥିବା ପିଲାଙ୍କୁ କ'ଣ କହିବେ?**

● ଅଧିକରୁ ଅଧିକ ପରିଶ୍ରମ କରନ୍ତୁ। ପରିଶ୍ରମର ଫଳ ନିଶ୍ଚିତ ଭାବେ ମିଳିବ। ସର୍ଟକର୍ଟରେ ଧ୍ୟାନ ନ ଦେଇ କାମ କଲେ ଆଗକୁ ଯାଇପାରିବେ। ■

## ପରଦା ପଛର କାହାଣୀ

## ଫିଲ୍ମ ପାଇଁ ଅଭିନେତାଙ୍କ ସବୁ ସମ୍ପତ୍ତି ବିକ୍ରି

ବଲିଉଡ୍‌ରେ ପ୍ରତିବର୍ଷ ଅନେକ ଫିଲ୍ମ ରିଲିଜ୍ ହୋଇଥାଏ। ସେଥିମଧ୍ୟରୁ କିଛି ହିଟ୍ ହେଉଥିବାବେଳେ, ଆଉ କିଛି ଫିଲ୍ମ ଫ୍ଲପ୍ ହୋଇଥାଏ। ତେବେ ୫୫ ବର୍ଷ ପୂର୍ବେ ଏକ ଫିଲ୍ମ ମୁକ୍ତିଲାଭ କରିଥିଲା। ଯାହାକୁ ତିଆରି କରିବାକୁ ଅଭିନେତା ନିଜର ସମସ୍ତ ସମ୍ପତ୍ତିକୁ ବିକ୍ରି କରି ଦେଇଥିଲେ। ଏହା ସତ୍ତ୍ୱେ ଫିଲ୍ମଟି ବକ୍ସ ଅଫିସ୍‌ରେ ଫ୍ଲପ୍ ହୋଇଥିଲା। ଫିଲ୍ମ 'ସଙ୍ଗମ'ର ସଫଳତା ପରେ ରାଜ କପୁର 'ମେରା ନାମ ଜୋକର୍' ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିଲେ। ଏହି ଫିଲ୍ମ କେବଳ ଭାରତ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଲୋକପ୍ରିୟ ହେବ ବୋଲି ସେ ଭାବିଥିଲେ। ଏଥିପାଇଁ ସେ କାହାଣୀ, ନିର୍ଦ୍ଦେଶନା, ଅଭିନୟ ଏପରିକି ଏଡିଟିଂ ମଧ୍ୟ ନିଜେ କରିଥିଲେ। ରାଜ କପୁର ଏହି ଫିଲ୍ମରେ କଠିନ ପରିଶ୍ରମ ଓ ପୁଞ୍ଜିନିବେଶ କରିଥିଲେ। ତଥାପି ଏହି ଫିଲ୍ମ ବକ୍ସ ଅଫିସ୍‌ରେ ମୁକ୍ତିଲାଭ କରିବା ପରେ ଫ୍ଲପ୍ ହୋଇଥିଲା। ଏହା ରାଜ କପୁରଙ୍କୁ ଗଭୀର ଝଟ୍‌କା ଦେଇଥିଲା। ଏଥିରେ ସେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲେ। 'ମେରା ନାମ୍ ଜୋକର୍' ଫିଲ୍ମ ବାସ୍ତବରେ ଫ୍ଲପ୍ ହୋଇ ନ ଥିଲା। ଏହାକୁ ଫ୍ଲପ୍ କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ରାଜ କପୁରଙ୍କ ନାଁର ଖୁବ୍ ଦମ୍ ଥିଲା। ଏପରିକି ତାଙ୍କ ଆଖପାଖରେ କୌଣସି ଫିଲ୍ମ ରିଲିଜ୍ କରିବା ପାଇଁ ଫିଲ୍ମ ନିର୍ମାତାମାନେ ସାହସ କରୁ ନ ଥିଲେ। କିନ୍ତୁ ଏଥିରେ ଭିନ୍ନ ଦୃଶ୍ୟ ଦେଖିବାକୁ ମିଳିଥିଲା। ଫିଲ୍ମ ଫ୍ଲପ୍ ହେବାରୁ ତାଙ୍କୁ ଦୁଇ, ତିନି କୋଟି ଟଙ୍କା କ୍ଷତି ସହିବାକୁ ପଡ଼ିଥିଲା। ଆଜିର ସମୟରେ ଏହାର ମୂଲ୍ୟ ପାଖାପାଖି ୧୦୦ କୋଟି ହେବ। ■



ସକାଳ
THE SAKALA
www.sakalaepaper.com

### ଭାରତ-ପାକିସ୍ତାନ ଏସିଆ କପ୍ ଫାଇନାଲ ଆଜି

# ଅଭିଷେକ-ସାହିନଙ୍କ ଉପରେ ନଜର

ଦୁବାଇ,୨୭।୯ (ଏଜେନ୍ସି):

ଭାରତ ଓ ପାକିସ୍ତାନ ମଧ୍ୟରେ ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଫାଇନାଲ ମୁକାବିଲା ଆସନ୍ତାକାଲି ବା ରବିବାର ଖେଳାଯିବ। ଦୁଇ ପଡୋଶୀ ଦେଶ ମଧ୍ୟରେ ଖେଳାଯାଉଥିବା ସମସ୍ତ କ୍ରିକେଟ ମ୍ୟାଚ୍ ହାଇଭୋଲଟେଜ୍ ଲଢ଼େଇ ହୋଇଥାଏ। ଏଣୁ ଆସନ୍ତାକାଲିର ଫାଇନାଲ ଯେ ଆଉ ଏକ ହାଇଭୋଲଟେଜ୍ ମୁକାବିଲା ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ଯେନତେନ ପ୍ରକାରେ ସମସ୍ତ ୬ଟି ଯାକ ମ୍ୟାଚ୍‌ରେ ବିଜୟୀ ହୋଇଛି। ପାକିସ୍ତାନ ୨ଟି ମ୍ୟାଚ୍ ହାରି ଫାଇନାଲରେ ପ୍ରବେଶ କରିଛି। ଏହି ୨ଟି ଯାକ ମ୍ୟାଚ୍ ଭାରତ ନିକଟରୁ ଗ୍ରୁପ୍-'ଏ' ଲିଗ୍‌ରେ ଓ ସୁପର-୪'ରେ ହାରିଛି ପାକିସ୍ତାନ। ଏଠାରେ ଖେଳ ଅପେକ୍ଷା ପଡ଼ିଆ ବାହାରର ଘଟଣାବଳୀକୁ ନେଇ ବେଶ ଚର୍ଚ୍ଚା ବେଶି ହୋଇଛି। ଉଭୟ ଦଳ ଅଧିନାୟକ ଟସ୍ ବେଳକୁ କିମ୍ବା ମ୍ୟାଚ୍ ପରେ ପରସ୍ପର ସହ ହାତ ନ ମିଳାଇବା ଘଟଣା ଘଟିଯାଇଛି। ଅଶୋଭନୀୟ ତଥା ଅଣଖେଳୱାଡ଼ ମନୋଭାବ ପୋଷଣ କରି ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିବା ଅଭିଯୋଗରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଓ ପାକିସ୍ତାନୀ ଫାଷ୍ଟ ବୋଲର ହାରିସ୍ ରୌଫ୍ ଦଣ୍ଡିତ ହୋଇଛନ୍ତି। ପାକିସ୍ତାନୀ ଓପନର ସାହିବଜାଦା ଫରହାନଙ୍କୁ ଚେତାବନୀ ଦିଆଯାଇଛି। ଏଭଳି ସମସ୍ୟା ମଧ୍ୟରେ ଆସନ୍ତାକାଲିର ଫାଇନାଲ କି ପ୍ରକାର ଘଟଣାକୁ ଲୁଚାଇ ରଖିଛି ତାହା ଖେଳ ଶେଷରେ ଜଣାପଡ଼ିବ।

ଫାଇନାଲ ମୁକାବିଲା ପୂର୍ବରୁ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଭାରତ ଓ ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହ ୨ଥର ଭେଟାଭେଟି ହୋଇଛନ୍ତି। ଉଭୟ ମୁକାବିଲାରେ ଜିତିଛି ଭାରତ। ଉଭୟ ଦଳ ପରସ୍ପର ଖେଳ ଓ ରଣନୀତି ସମ୍ପର୍କରେ ବେଶ ଅବଗତ।








କିନ୍ତୁ ଏହି ଟୁର୍ଣ୍ଣାମେଣ୍ଟରେ ଉଭୟ ପକ୍ଷରୁ ଦୁଇ ଖେଳାଳି ଯଥା ଭାରତର ୨୫ ବର୍ଷୀୟ ଓପନର ଅଭିଷେକ ଶର୍ମା ଓ ପାକିସ୍ତାନର ୨୫ ବର୍ଷୀୟ ଫାଷ୍ଟବୋଲର ସାହିନ ଆଫ୍ରିଦୀଙ୍କ ଉପରେ ଏହି ମ୍ୟାଚ୍ ଅନେକାଂଶରେ ନିର୍ଭର କରୁଛି। ଅଭିଷେକ ଶର୍ମା ୬ଟି ମ୍ୟାଚ୍ ଖେଳି ୫୧.୫୦ ହାରରେ ୩୦୯ ରନ୍ ସଂଗ୍ରହ କରିଛନ୍ତି। ସୁପର-୪'ର ୩ଟି ମ୍ୟାଚ୍‌ରେ ସେ ୩ଟି ଅର୍ଦ୍ଧଶତକ ହାସଲ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ତାଙ୍କ ଷ୍ଟ୍ରାଇକ୍‌ରେଟ୍। ସେ ୨୦୪.୬୩ ଷ୍ଟ୍ରାଇକ୍ ରେଟ୍‌ରେ ଏହି ରନ୍ ସଂଗ୍ରହ କରିଛନ୍ତି। ପାକିସ୍ତାନ ବିପକ୍ଷ ୨ଟି ମୁକାବିଲା ମଧ୍ୟରୁ ଲିଗ୍ ପର୍ଯ୍ୟାୟରେ ୧୩ ବଲ୍‌ରୁ ୩୧ ଓ ସୁପର-୪ରେ ୩୯ ବଲ୍‌ରୁ ୭୪ ରନ୍ କରି ଏକାକୀ ଭାରତକୁ ଜିତାଇବାରେ ସମର୍ଥ ହୋଇଛନ୍ତି। ତାଙ୍କ ବିସ୍ଫୋରକ ବ୍ୟାଟିଂ ଉପରେ ଭାରତ ପୂରା ନିର୍ଭର କରୁଛି। ଅନ୍ୟ ପକ୍ଷରେ ଆଫ୍ରିଦୀ ୨ ବର୍ଷ ତଳେ ଯେମିତି ଘାତକ ବୋଲର ଥିଲେ ତାହା ଏବେ ନାହାନ୍ତି। କିନ୍ତୁ ଭାରତଠାରୁ ହାରିବା ପରେ ଶ୍ରୀଲଙ୍କା ଓ ବାଂଲାଦେଶ ବିପକ୍ଷରେ ତାଙ୍କ ବୋଲିଂ ଯୋଗୁଁ ପାକିସ୍ତାନ ବିଜୟୀ ହୋଇଛି। ଉଭୟ ମୁକାବିଲାର ପ୍ରଥମ ଓଭରରେ ଗୋଟିଏ ଓ ପାୱାର ପ୍ଲେ ମଧ୍ୟରେ ୨ଟି ୱିକେଟ ନେଇ ପାକିସ୍ତାନକୁ ବିଜୟୀ କରାଇଛନ୍ତି। ପ୍ରତ୍ୟେକ ମ୍ୟାଚ୍‌ରେ ସେ ୩ଟି ଲେଖାଏଁ ୱିକେଟ ନେଇଛନ୍ତି। ଏହି ପ୍ରଦର୍ଶନରୁ ସେ ପୂର୍ବର ସାହିନ ବୋଲି ଜଣାପଡ଼ିଛି। ଭାରତ ବିପକ୍ଷରେ ପାକିସ୍ତାନକୁ ବିଜୟୀ ହେବାକୁ ହେଲେ ସାହିନ ଆଫ୍ରିଦୀଙ୍କ ବୋଲିଂ ସଫଳତା ପାଇବା ଆବଶ୍ୟକ।

## ଫିଲ୍ଡିଂ ଓ ବ୍ୟାଟିଂ ଉଭୟ ଦଳର ବଡ଼ ସମସ୍ୟା


ଅଭିଷେକ ଶର୍ମାଙ୍କୁ ଛାଡ଼ିଦେଲେ ଭାରତର ବ୍ୟାଟିଂ କ୍ଲିକ୍ କରିନାହିଁ। ଅଧିନାୟକ ସୂର୍ଯ୍ୟକୁମାର ଫର୍ମରେ ନ ଥିଲାବେଳେ ଉପଅଧିନାୟକ ଶୁବମନ ଗିଲଙ୍କ ବ୍ୟାଟରୁ ମଡ଼ ସ୍କୋର ବାହାରୁ ନାହିଁ। ତିଳକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା କିମ୍ବା ଅକ୍ଷର ପଟେଲ ଆବଶ୍ୟକତା ପୂରଣ କରିପାରୁ ନାହାନ୍ତି। ଗିଲ୍‌ଙ୍କ ଅନୁପସ୍ଥିତିରେ ବ୍ୟାଟିଂ ଓପନର କରି ସଫଳତା ପାଇଥିବା ସଞ୍ଜୁ ସାମସନଙ୍କ ଉପରେ ଟିମ୍ ମ୍ୟାନେଜମେଣ୍ଟର ଭରସା ନାହିଁ। ପାକିସ୍ତାନର ଅବସ୍ଥା ମଧ୍ୟ ତଦ୍ରୁପ। କିନ୍ତୁ କେହି ହେଲେ ମ୍ୟାଚ୍ ବିଜୟୀ କରାଇପାରୁଛନ୍ତି। ଭାରତ ବିପକ୍ଷରେ ସେମାନେ ଭଲ କରିବେ ବୋଲି ଆଶା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟରେ ଭାରତର ସବୁଠାରୁ ବଡ଼ ସମସ୍ୟା ହେଉଛି ଫିଲ୍ଡିଂ। ଫିଲ୍ଡିଂ ଖରାପ ହେବା ବା କ୍ୟାଚ୍ ଡ୍ରପ୍ ହେବା ଫଳରେ ପ୍ରତିଦ୍ୱନ୍ଦ୍ୱୀ ଦଳକୁ ଫାଇଦା ମିଳୁଛି। ଭାରତ ଏଯାଏ ଖେଳିଥିବା ୬ଟି ମ୍ୟାଚ୍‌ରେ ୧୨ଟି କ୍ୟାଚ୍ ହାତଛଡ଼ା କରିଛି। ଏହା ମଧ୍ୟରୁ ଗତ ଦୁଇଟି ସୁପର-୪ ମ୍ୟାଚ୍‌ରେ ୮ଟି ଓ କେବଳ ବରୁଣ ଚକ୍ରବର୍ତ୍ତୀଙ୍କ ବୋଲିଂରେ ୪ଟି କ୍ୟାଚ୍ ଡ୍ରପ୍ ହୋଇଛି। ପାକିସ୍ତାନ ବିପକ୍ଷରେ ଫିଲ୍ଡରମାନେ ଯଦି ଏପରି ଦୋହରାଇବେ ତେବେ ଦଳକୁ ଫାଇନାଲ ଜିତିବା କଷ୍ଟକର ହୋଇପଡ଼ିବ।



DP WORLD ASIA CUP
ଫାଇନାଲ୍ ମୁକାବିଲା

**ଭାରତ-ପାକିସ୍ତାନ**
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

## ଚାମ୍ପିଅନ ଟ୍ରଫି ପ୍ରଦାନ କରିବେ ପାକିସ୍ତାନର ମୋହସିନ



ଦୁବାଇ,୨୭।୯ (ଏଜେନ୍ସି): ଏସିଆ କପ୍ ଫାଇନାଲ ଖେଳ ପରେ ପାକିସ୍ତାନ କ୍ରିକେଟ ବୋର୍ଡ ଅଧ୍ୟକ୍ଷ ତଥା ଆଭ୍ୟନ୍ତରୀଣ ବ୍ୟାପାର ମନ୍ତ୍ରୀ ମୋହସିନ ନକ୍‌ଭୀ ଟ୍ରଫି ପ୍ରଦାନ କରିବେ। ନକ୍‌ଭୀ ଏବେ ଏସୀୟ କ୍ରିକେଟ କାଉନ୍ସିଲ (ଏସିସି)ର ସଭାପତି ମଧ୍ୟ ଅଛନ୍ତି। ଏଣୁ ଏସିସି ସଭାପତି ଭାବେ ତାଙ୍କ ଟ୍ରଫି ପ୍ରଦାନ କରିବାର ଅଧିକାର ରହିଛି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତିରେ ସେ ଭାରତ ବିରୋଧୀ ମନ୍ତବ୍ୟ ଦେବା, ମ୍ୟାଚ୍ ରେଫରୀ ଆଣ୍ଡି ପାଇକ୍ରଫ୍ଟଙ୍କୁ ବିଦା କରିବାକୁ ଦାବି କରିବା ଓ ପାଇକ୍ରଫ୍ଟ ବିଦା ନ ହେଲେ ପାକିସ୍ତାନ ଏସିଆ କପ୍‌ରୁ ଓହରିଯିବାକୁ ଧମକ ଦେଇଥିଲେ। ଭାରତ ବିରୋଧରେ ଏତେ ମନ୍ତବ୍ୟ ଦେବା ପରେ ଭାରତୀୟ କ୍ରିକେଟ ବୋର୍ଡ ତାହାର ଖେଳାଳିମାନଙ୍କୁ ନକ୍‌ଭୀଙ୍କ ସହ ହାତ ମିଳାଇବାକୁ ଦେବ ବୋଲି ଆଶା କରାଯାଉନାହିଁ। ଏହାକୁ ନେଇ ଏବେ ଚର୍ଚ୍ଚା ଜୋର ଚାଲିଛି। ଏଣୁ ମ୍ୟାଚ୍ ପରେ ନକ୍‌ଭୀଙ୍କ ଉପସ୍ଥିତି କି ପ୍ରକାର ପରିସ୍ଥିତି ସୃଷ୍ଟି କରିବ ତାହାକୁ ନେଇ ସମସ୍ତ ଭାରତୀୟ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି।

ପୂର୍ବରୁ ଏହି ଟୁର୍ଣ୍ଣାମେଣ୍ଟରେ ପାକିସ୍ତାନ ସହ ଭାରତ ୨ଟି ମ୍ୟାଚ୍ ଖେଳିସାରିଛି। କିନ୍ତୁ ଟସ୍ ପରେ କିମ୍ବା ମ୍ୟାଚ୍ ଶେଷରେ ଭାରତୀୟ ଖେଳାଳିମାନେ ସେମାନଙ୍କ ପାକିସ୍ତାନୀ ପ୍ରତିଦ୍ୱନ୍ଦ୍ୱୀଙ୍କ ସହ ହାତମିଳାଇ ନାହାନ୍ତି। ଫାଇନାଲରେ ମଧ୍ୟ ଏଭଳି ଅବସ୍ଥା ତିଷ୍ଠି ରହିବ ବୋଲି ଆଶା କରାଯାଉଛି। ଖେଳାଳିଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ଉପୁଜିବ ବୋଲି ମଧ୍ୟ ଆଶଙ୍କା ପ୍ରକାଶ ପାଉଛି। 'ସ୍ଥିତିକୁ ସମ୍ଭାଳିବା ଲାଗି କାରଣ ଦର୍ଶାଇବାକୁ ଆଉ କେତେ ସମୟ ନେବ' ବୋଲି ସୋସିଆଲ ମିଡିଆରେ ନକ୍‌ଭୀଙ୍କ ପୋଷ୍ଟକୁ ନେଇ ବିରୋଧର ସ୍ୱର ଉଠିଲାଣି। କିନ୍ତୁ ସେ ପରୋକ୍ଷରେ ଭାରତକୁ ଟାର୍ଗେଟ କରିଥିବାରୁ ବିସିସିଆଇ କିମ୍ବା ଅନ୍ୟ କେହି ଏଯାଏ ମୁହଁ ଖୋଲି ନାହାନ୍ତି। ପାକିସ୍ତାନ କୋଚ୍ ମଧ୍ୟ ଭାରତର ବ୍ୟବହାରକୁ ସମାଲୋଚନା କରିଛନ୍ତି।

### ମହିଳା ହକି ଦଳର ଅଷ୍ଟ୍ରେଲିଆ ଗସ୍ତ

## ଭାରତର କ୍ରମାଗତ ପରାଜୟ

କାନବେରା, ୨୭।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଗସ୍ତରେ ଯାଇଥିବା ଭାରତୀୟ ୨୧ ବର୍ଷରୁ କମ୍ ମହିଳା ହକି ଦଳ କ୍ରମାଗତ ୨ୟ ପରାଜୟବରଣ କରିଛି। ଶୁକ୍ରବାର ପ୍ରଥମ ମ୍ୟାଚରେ ଭାରତୀୟ ଯୁବ ମହିଳା ଦଳ ୨-୩ ଗୋଲ୍‌ରେ ଘରୋଇ ଅଷ୍ଟ୍ରେଲିଆ ୨୧ ବର୍ଷରୁ କମ୍ ଦଳ ନିକଟରୁ ହାରିଯାଇଥିଲା। ଶନିବାର ଖେଳାଯାଇଥିବା ଦ୍ୱିତୀୟ ମୁକାବିଲାରେ କିନ୍ତୁ ଭାରତୀୟ ଯୁବ ମହିଳା ଦଳ ଲଢ଼େଇ କରି ନ ପାରି ୫-୦ ଗୋଲରେ ଏକପାଖିଆ ଭାବେ ପରାସ୍ତ ହୋଇଥିଲା। ବିଜୟୀ ଅଷ୍ଟ୍ରେଲିଆ ଯୁବା ମହିଳା ଦଳ ପାଇଁ ମକୟଲା ଜୋନ୍ସ ହ୍ୟାଟ୍ରିକ ଗୋଲ୍ ସ୍କୋର କରିଥିଲେ। ଏହି ଗସ୍ତରେ ଦୁଇ ଦଳ ମଧ୍ୟରେ ତୃତୀୟ ମୁକାବିଲା ସୋମବାର ଖେଳାଯିବ।

### ୱେଷ୍ଟଇଣ୍ଡିଜ ବିପକ୍ଷ ଟେଷ୍ଟ ସିରିଜ

## ଯୁଗଳ ଭାରତୀୟ ଦଳର ମ୍ୟାନେଜର୍

ଭୁବନେଶ୍ୱର, ୨୭।୯ (ସମିସ): ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବା ଲାଗି ୱେଷ୍ଟଇଣ୍ଡିଜ କ୍ରିକେଟ୍ ଦଳ ଚଳିତ ମାସ ଶେଷ ଆଡ଼କୁ ଭାରତ ଗସ୍ତରେ



ଆସିବ। ଅକ୍ଟୋବର ୨ରୁ ଅହମ୍ମଦାବାଦରେ ଘରୋଇ ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଏହାପରେ ଅନ୍ତିମ ତଥା ୨ୟ ଟେଷ୍ଟ ଅକ୍ଟୋବର ୧୦ରୁ ଦିଲ୍ଲୀରେ ଖେଳାଯିବ। ଏହି ସିରିଜ ଲାଗି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ଓଡ଼ିଶାର ଯୁଗଳ କିଶୋର ସାମଲଙ୍କୁ ଟିମ୍ ଇଣ୍ଡିଆର ମ୍ୟାନେଜର ନିଯୁକ୍ତ କରାଯାଇଛି। ଯୁଗଳ ଏଥିପୂର୍ବରୁ ଏକ ଦିନିକିଆ ଅନ୍ତର୍ଜାତୀୟ ମ୍ୟାଚରେ ପର୍ଯ୍ୟବେକ୍ଷକ ଭାବେ ସଫଳତାର ସହ କାର୍ଯ୍ୟ ତୁଲାଇଥିଲେ। ସେହିଭଳି ଓଡ଼ିଶା ରଣଜୀ ଟ୍ରଫି ଦଳର ଏକାଧିକଥର ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିସାରିଛନ୍ତି। ଏହି ଅବସରରେ ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ପକ୍ଷରୁ ସଭାପତି ପଙ୍କଜଲୋଚନ ମହାନ୍ତି, ସମ୍ପାଦକ ସଞ୍ଜୟ ବେହେରାଙ୍କ ସମେତ ସମସ୍ତ କର୍ମକର୍ତ୍ତା ଯୁଗଳଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।

### ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍

## ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ଜିତିଲେ ଶୈଳେଶ

ନୂଆଦିଲ୍ଲୀ, ୨୭।୯ (ଏଜେନ୍ସି): ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ଦ୍ୱାଦଶ ସଂସ୍କରଣ ବିଧିବଦ୍ଧ ଭାବେ ଶନିବାରଠାରୁ ସ୍ଥାନୀୟ ଜବାହରଲାଲ ନେହରୁ ଷ୍ଟାଡିୟମରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଭାରତ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ପଦକ ବିଜୟୀ ହୋଇଛି। ଶୈଳେଶ କୁମାର ଏହି ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ଭାରତ ପାଇଁ ପ୍ରଥମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ହାଇଜମ୍ପର ଟି- ୪୨/୬୩ ବର୍ଗରେ ଶୈଳେଶ ଏହି ସଫଳତା ପାଇଛନ୍ତି। ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟତମ ଭାରତୀୟ ବରୁଣ ସିଂହ ଭାଟି ମଧ୍ୟ କାଂସ୍ୟ ପଦକ ହାସଲ କରିଛନ୍ତି।

ପୁରୁଷ ହାଇଜମ୍ପରେ ଡିଫେଣ୍ଡିଂ ପାରା ଅଲିମ୍ପିକ ଚାମ୍ପିଅନ ଆମେରିକାର ଏଜରା ଫ୍ରେଚ୍‌ଙ୍କୁ



ପଛରେ ପକାଇ ଶୈଳେଶ ବାଜିମାତ୍ କରିନେଇଥିଲେ। ଶୈଳେଶ ୧.୯୧ ମିଟର ଉଚ୍ଚକୁ ଡେଇଁ ଟି-୪୨ ବର୍ଗରେ ନୂଆ ଚାମ୍ପିଅନସିପ୍ ରେକର୍ଡ କରିବା ସହ ସ୍ୱର୍ଣ୍ଣ ପଦକ ହାତେଇଥିଲେ। ସେହିଭଳି ଫ୍ରେଚ୍ ୨ୟ ଓ ଭାରତର ବରୁଣ ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଥିଲେ।

### ଦୀପ୍ତିଙ୍କୁ ରୌପ୍ୟ



ଭାରତର ଦୀପ୍ତି ଜୀବନୀ ମହିଳା ୪୦୦ ମିଟର ଟି୨୦ ଇଭେଣ୍ଟରେ ରୌପ୍ୟ ପଦକ ବିଜୟୀ ହୋଇଛନ୍ତି। ଫାଇନାଲରେ ଦୀପ୍ତି ୫୫.୧୬ ସେକେଣ୍ଡରେ ରେସ୍ ଫିନିଶ କରି ୨ୟ ସ୍ଥାନରେ ରହିଥିଲେ। ତୁର୍କୀର ଆଇସେଲ ଓଣ୍ଡର (୫୪.୫୧ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ବାଜିମାତ୍ କରିନେଇଥିଲେ।

### ଜିଆୟାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ବିଶ୍ୱ ପାରା ଆଥ୍ଲେଟିକ୍ସ ଚାମ୍ପିଅନସିପ୍‌ର ପ୍ରଥମ ସ୍ୱର୍ଣ୍ଣ ପଦକ ଚାଇନାର ଜିଆୟାନ ୱେନଙ୍କ ନାମରେ ଲିପିବଦ୍ଧ ହୋଇଛି। ମହିଳା ଲଙ୍ଗ ଜମ୍ପର ଟି୩୭ ବର୍ଗରେ ଜିଆୟାନ ୫.୩୨ ମିଟର ଲମ୍ଫ ପ୍ରଦାନ କରି ପ୍ରଥମ ସ୍ଥାନରେ ରହିବା ସହ ପ୍ରତିଯୋଗିତା ପ୍ରଥମ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

## କିଟ୍‌ରେ ସିବିଏସ୍‌ଇ ଜାତୀୟ ସନ୍ତରଣ ଉଦ୍‌ଯାପିତ

ଭୁବନେଶ୍ୱର, ୨୭।୯ (ସମିସ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲ ଆନୁକୂଲ୍ୟରେ ଚାଲିଥିବା ୪ ଦିବସୀୟ ସିବିଏସ୍‌ଇ ଜାତୀୟ ବାଳିକା ସନ୍ତରଣ ଚାମ୍ପିଅନସିପ୍ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ୨୩୭ ସିବିଏସ୍‌ଇ ସ୍କୁଲର ୬୦୦ରୁ ଊର୍ଦ୍ଧ୍ୱ ସନ୍ତରଣକାରୀ ଅଂଶଗ୍ରହଣ କରିଥିଲେ। ସେହିଭଳି ପରିଚାଳନାରେ ୨୫୦ ଅଫିସିଆଲ୍ ଓ ୫୦ ଜଣ ବୈଷୟିକ ଅଧିକାରୀ ସହଯୋଗ କରିଥିଲେ। ୧୧ ବର୍ଷରୁ କମ୍ ବିଭାଗରେ ଗୁରୁଗ୍ରାମର ଆରୋହି ରୟ, ୧୪ ବର୍ଷରୁ କମ୍‌ରେ ବେଙ୍ଗାଲୁରୁର ଭେଙ୍ଗିଲ୍ଲା ସୁମେଧା, ୧୭ ବର୍ଷରୁ କମ୍‌ରେ ଆଦିତି ବିନାୟକ ଓ ୧୯ ବର୍ଷରୁ କମ୍ ବିଭାଗରେ ଦଖଜା ଦେ ଉପ୍ରେତି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ, କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାଶ, କିଟ୍ ସ୍କୁଲର ଅଧ୍ୟକ୍ଷ ସଞ୍ଜୟ ସୁଆର, ଯୁଗ୍ମ ନିର୍ଦ୍ଦେଶକ ରୁଦ୍ରକେଶ ଜେନା ପ୍ରମୁଖ ଅତିଥିଭାବେ ଯୋଗଦେଇ କୃତୀ ଖେଳାଳି ଓ ଦଳକୁ ପୁରସ୍କୃତ କରିଥିଲେ।

### ବିଶ୍ୱ ପାରା ତୀରନ୍ଦାଜୀ

## ଶୀତଲ, ତୋମନଙ୍କୁ ସ୍ୱର୍ଣ୍ଣ





ଗ୍ୱାଙ୍ଗଝୁ, ୨୭।୯ (ଏଜେନ୍ସି): ଦକ୍ଷିଣ କୋରିଆରେ ଚାଲିଥିବା ବିଶ୍ୱ ପାରା ତୀରନ୍ଦାଜୀ ଚାମ୍ପିଅନସିପ୍‌ରେ ଭାରତର ଶୀତଲ ଦେବୀ ଓ ତୋମନ କୁମାର ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। କମ୍ପାଉଣ୍ଡ ଇଭେଣ୍ଟରେ ଉଭୟ ଏହି ସଫଳତା ପାଇଛନ୍ତି। ମହିଳା କମ୍ପାଉଣ୍ଡ ଫାଇନାଲରେ ଶୀତଲ ୧୪୬-୧୪୩ ସ୍କୋରରେ ତୁର୍କୀର ଓଜନୁର୍ କ୍ୟୁରେଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ। ଚଳିତ ଚାମ୍ପିଅନସିପ୍‌ରେ ୧୮ ବର୍ଷୀୟା ଶୀତଲଙ୍କ ଏହା ୩ୟ ପଦକ। ଏଥିପୂର୍ବରୁ ସେ ମିକ୍ସଡ ଟିମ୍‌ରେ କାଂସ୍ୟ ଓ ମହିଳା କମ୍ପାଉଣ୍ଡ ଓପନ୍ ଟିମ୍ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ।

ଅପରପକ୍ଷରେ ପୁରୁଷ କମ୍ପାଉଣ୍ଡ ଫାଇନାଲ ଦୁଇ ଭାରତୀୟ ଖେଳାଳି ତୋମନ ଓ ରାକେଶ କୁମାରଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ତେବେ ନାଟକୀୟ ଭାବେ ପ୍ରଥମ ସେଟ୍ ଚାଲିଥିବାବେଳେ ରାକେଶ ଉପକରଣ ଖରାପ ହୋଇଯିବାକୁ ତାଙ୍କୁ ଓହରିଯିବାକୁ ପଡ଼ିଥିଲା। ଫଳରେ ତୋମନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ। ଉଲ୍ଲେଖଯୋଗ୍ୟ, ଜମ୍ମୁ କାଶ୍ମୀରରେ ଜନ୍ମିତ ଶୀତଲଙ୍କ ହାତ ନ ଥିବାବେଳେ ସେ ଦୁଇ ଗୋଡ଼ ସହାୟତାରେ ତୀରଚାଳନା କରୁଛନ୍ତି। ଗତବର୍ଷ ପ୍ୟାରିସ ଅଲିମ୍ପିକ୍ସରେ ସେ କାଂସ୍ୟ ପଦକ ଜିତି ବେଶ୍ ଚର୍ଚ୍ଚାରେ ରହିଥିଲେ।

# 'କଟକ ପାନ୍ଥର୍ସ' ଓପିଟିଏଲ୍ ଚାମ୍ପିଅନ

କଟକ,୨୭।୯ (ସମିସ):

କଟକ ପାନ୍ଥର୍ସ ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ର ପ୍ରଥମ ସଂସ୍କରଣର ଚାମ୍ପିଅନ ହୋଇଛି। ବାରବାଟୀ ଷ୍ଟାଡିୟମରେ ଶୁକ୍ରବାର ରାତିରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ପାନ୍ଥର୍ସ ୫ ରନରେ ସମ୍ବଲପୁର ୱାରିୟର୍ସକୁ ହରାଇଛି। ଚାମ୍ପିଅନ ପାନ୍ଥର୍ସକୁ ଟ୍ରଫି ସମେତ ୫୦ଲକ୍ଷ ଏବଂ ରନର୍ସଅପ ୱାରିୟର୍ସକୁ ଟ୍ରଫି ସମେତ ୨୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି।

ଦିନ ତମାମ ଲଗାଣ ବର୍ଷା ଫାଇନାଲ ମୁକାବିଲାକୁ ସମ୍ପୂର୍ଣ୍ଣ ବ୍ୟାଘାତ କରିବ ବୋଲି ଆଶଙ୍କା ରହିଥିଲା। ମାତ୍ର ସନ୍ଧ୍ୟା ପରେ ବର୍ଷାର କୋପ ଥମିବା ମାତ୍ରେ ୧୦ଓଭର ବିଶିଷ୍ଟ ମ୍ୟାଚ୍ କରାଯିବାକୁ ମ୍ୟାଚ୍ ରେଫରି ସ୍ଥିର କରିଥିଲେ। ୱାରିୟର୍ସ ଅଧିନାୟକ ଶୁଭ୍ରାଂଶୁ ସେନାପତି ଟସ୍ ଜିତି ପାନ୍ଥର୍ସକୁ ବ୍ୟାଟିଂ ଡାକରା ଦେଇଥିଲେ। ବିପ୍ଳବ ସାମନ୍ତରାୟଙ୍କ ୮ବଲରୁ ୨୩ରନ, ଶୁଭମ ଶତ୍ରୁଜିତଙ୍କ ୧୫ବଲରୁ ୨୫ରନ ବଳରେ ୮.୪ ଓଭର ସୁଦ୍ଧା ପାନ୍ଥର୍ସ ୫ ୱିକେଟ ହରାଇ ୯୨ରନ ସଂଗ୍ରହ କରିଥିଲା। ପୁନର୍ବାର ବର୍ଷା ଯୋଗୁଁ ମ୍ୟାଚ୍ ସ୍ଥଗିତ ରହିଥିଲା। ୱାରିୟର୍ସ ତରଫରୁ ସୁମିତ ଶର୍ମା ୨ଓଭର ବୋଲିଂ କରି ୬ରନ ବିନିମୟରେ ୩ଟି ୱିକେଟ ଦଖଲ କରିଥିଲେ। ବାମହାତୀ ଅର୍ଥୋଡକ୍ସ ସୁମିତ ଗୋଟିଏ ଓଭରରେ ଇନଫର୍ମ ବ୍ୟାଟର ସୌରଭ ଗୌଡ ଏବଂ ହର୍ଷିତ ରାଠୋଡଙ୍କ ୱିକେଟ ଅକ୍ତିଆର କରିଥିଲେ। ମ୍ୟାଚ୍‌ରେ ବିଳମ୍ବ ଯୋଗୁଁ ଡିଏଲଏସ୍ ପଦ୍ଧତିର ବିନିଯୋଗ କରାଯାଇ ୱାରିୟର୍ସ ସମ୍ମୁଖରେ ୫ ଓଭରରେ ୬୨ ରନର ଟାର୍ଗେଟ ମିଳିଥିଲା। ହେଲେ ପ୍ରମୁଖ ବ୍ୟାଟରଙ୍କ ବିଫଳତା ଦଳକୁ ଟାଇଟଲ୍ ଠାରୁ ଦୂରେଇ ରଖିଥିଲା। ଅନ୍ତିମ ଓଭରରେ ବିଜୟ ନିମନ୍ତେ ୨୯ରନ ଆବଶ୍ୟକ ଥିବା ବେଳେ ଇମ୍ପାକ୍ଟ ଖେଳାଳି ଆଦିତ୍ୟ ରାଉତ ୩ଟି ଛକା, ଗୋଟିଏ ଚୌକା ଏବଂ ଗୋଟିଏ ୱାଇଡ୍ ସହ ୨୩ ରନ୍ କରିଥିଲେ। ଦଳ ୫ରନରେ ପଛୁଆ ରହି ରନର୍ସଅପରେ ସନ୍ତୁଷ୍ଟ ହୋଇଛି। ଓଡ଼ିଶା ଜୁନିୟର ଦଳର ସ୍ପିନର ରାଜା ଯାଦବ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ୱାରିୟର୍ସର ପ୍ରବୀଣ ଲୁହା, ପ୍ରୟାସ ସିଂହ ଓ ଆୟୁଷ ବାରିକଙ୍କୁ ଗୋଟିଏ ଓଭରରେ ପ୍ୟାଭିଲିୟନ ଫେରାଇ ଦଳ ପାଇଁ ସହଜ ବିଜୟର ବାଟ ଫିଟାଇ ଦେଇଥିଲେ। ଆଦିତ୍ୟ ୧୩ବଲରୁ ୩୬ରନ କରିଥିବା ବେଳେ ଶୁଭ୍ରାଂଶୁ ଶୂନରେ ଆଉଟ ହୋଇଥିଲେ ଏବଂ ଅନ୍ୟ କେହି ଦୁଇ ଅଙ୍କ ଛୁଇଁ ପାରିନଥିଲେ।





PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS